
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୨୬ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 26 JULY 2022
Vol.No. 35 ■ No. 194 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







## ରାଷ୍ଟ୍ରପତି ଭାବେ ଶପଥ ନେଲେ ଦ୍ରୌପଦୀ ମୁର୍ମୁ

ନୂଆଦିଲ୍ଲୀ, ୨୫/୦୭ : ସବୁ ଅପେକ୍ଷାର ଅନ୍ତ ଘଟିଛି। ଦେଶର ପ୍ରଥମ ନାଗରିକ ହୋଇଛନ୍ତି ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ। ମୟୂରଭଞ୍ଜର ଉପରବେଡା ଭଳି ଗୋଟିଏ ଛୋଟିଆ ଗାଁରେ ଜନ୍ମ ଗ୍ରହଣ କରିଥିବା ଦ୍ରୌପଦୀ ମୁର୍ମୁ ଏବେ ମାଡାମ ପ୍ରେସିଡେଣ୍ଟ ହୋଇଛନ୍ତି। ଆଜି ସେ ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସି ଏନଭି ରମନ୍ନା ପଦ ଓ ଗୋପାନୀୟତାର ଶପଥ ପାଠ କରାଇଛନ୍ତି। ଦିନ ଠିକ୍ ୧୦.୧୩ରେ ଦ୍ରୌପଦୀ ମୁର୍ମୁ ଶପଥ ନେବା ପରେ ଓଡ଼ିଶା ଓ ଦେଶ ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ି ହୋଇ ଯାଇଛି। ସେ ପ୍ରଥମ ଆଦିବାସୀ ମହିଳା ଓ ପ୍ରଥମ ଓଡ଼ିଆ ଭାବେ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଛନ୍ତି। ଜଣେ ଓଡ଼ିଆ ଝିଅର ଏପରି ସଫଳତା ପାଇଁ




ଭୁବନେଶ୍ୱରରୁ ରାଇରଙ୍ଗପୁର ଯାଏ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ମଧ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସମସ୍ତେ ଆଜି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଗର୍ବ ଅନୁଭବ କରୁଛନ୍ତି। ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଆଜି ସଂସଦର ସେଣ୍ଟ୍ରାଲ ହଲରେ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସକାଳ ୮.୧୫ରେ ଶ୍ରୀମତୀ ମୁର୍ମୁ ଦିଲ୍ଲୀର ଉମା ଶଙ୍କର ଦିକ୍ଷୀତ ଲେନରେ ଥିବା ଅସ୍ଥାୟୀ ବାସଭବନରୁ ବାହାରି ରାଜଘାଟକୁ ଯାଇଥିଲେ। ସେଠାରେ ସେ ସକାଳ ପ୍ରାୟ ୮.୪୬ରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କୁ ମହାତ୍ମା ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରାଜଘାଟରୁ ସୁରକ୍ଷା ବଳୟ ମଧ୍ୟରେ ଦ୍ରୌପଦୀମ ମୁର୍ମ ରାଷ୍ଟ୍ରପତି ଭବନକୁ ଯାଇଥିଲେ। ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ରାଷ୍ଟ୍ରପତି ଭବନରୁ ଦ୍ରୌପଦୀ ମୁର୍ମୁ ବାହାରିଥିଲେ। ଏହି ସମୟରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ରାଷ୍ଟ୍ରୀୟ ସଲାମୀ ଦିଆଯାଇଥିଲା। ସେ ମଧ ସଲାମ କରିଥିଲେ। ତାଙ୍କ ପାଖରେ ଦ୍ରୌପଦୀ ମୁର୍ମୁ ଛିଡ଼ା ହୋଇଥିଲେ ମଧ ସେ ସଲାମ କରି ନଥିଲେ। କାରଣ ସଲାମ ବେଳେ ସେ ରାଷ୍ଟ୍ରପତି ହୋଇ ନଥିଲେ। ପ୍ରୋଟକଲ ଅନୁସାରେ ରାଷ୍ଟ୍ରପତି ହିଁ ସଲାମୀ ଗ୍ରହଣ କରିଛନ୍ତି। ତେଣୁ ଦ୍ରୌପଦୀ ମୁର୍ମୁ ସଲାମ କରି ନଥିଲେ। ସଲାମୀ ପରେ ଉଭୟ ଗାଡ଼ିରେ ଅଶ୍ୱ ଅଙ୍ଗ ରକ୍ଷକଙ୍କ ସହ ସଂସଦର ସେଣ୍ଟ୍ରାଲ ହଲରେ ପହଞ୍ଚିଥିଲେ। ▶▶ପୃଷ୍ଠା ୭

## ପୂର୍ବତନ ରାଷ୍ଟ୍ରପତି କୋବିନ୍ଦଙ୍କୁ ଟାର୍ଗେଟ କଲେ ମୁଫ୍‌ତି

ନୂଆଦିଲ୍ଲୀ, ୨୫/୦୭ : ରାଷ୍ଟ୍ରପତି ଭାବେ କାର୍ଯ୍ୟ ପୂରଣ କରିବାର ମାତ୍ର କିଛି ମିନିଟ ପରେ ରାମନାଥ କୋବିନ୍ଦଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ପିଡିପି ମୁଖ୍ୟ ମେହବୁବା ମୁଫତି। ଆଜି ଦ୍ରୌପଦୀ ମୁର୍ମୁ ଦେଶର ପଞ୍ଚଦଶ ରାଷ୍ଟ୍ରପତି ହେବା ସହ ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ସେ ପୂର୍ବତନ ରାଷ୍ଟ୍ରପତି ହେବା ମାତ୍ରେ ତାଙ୍କୁ ଟାର୍ଗେଟ କହିଛନ୍ତି ମୁଫତି। ଭାରତୀୟ ସମ୍ବିଧାନକୁ କ୍ଷତି ପହଞ୍ଚାଇ ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବିଜେପିର ରାଜନୀତିକ ଏଜେଣ୍ଡାକୁ ପୂରଣ କରିଥିବା ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ବିଦାୟୀ ରାଷ୍ଟ୍ରପତି ଏମିତ ଏକ ପରମ୍ପରା ପଛରେ ଛାଡ଼ି ଯାଇଛନ୍ତି ଯେଉଁଠି ଭାରତର ସମ୍ବିଧାନକୁ ବହୁତ ଥର କ୍ଷତି ପହଞ୍ଚା ଯାଇଛି। ଧାରା ୩୭୦ର ଉଚ୍ଛେଦ



ହେଉ କିମ୍ବା ସିଏଏ ଲାଗୁ। ସେହିପରି ଲଜ୍ଜାହୀନ ଭାବେ ସଂଖ୍ୟାଲଘୁ ଓ ଦଳିତଙ୍କୁ ଟାର୍ଗେଟ କରାଯିବା ଘଟଣାରେ ସେ(ରାମନାଥ କୋବିନ୍ଦ) ସମ୍ବିଧାନର ମୂଲ୍ୟବୋଧକୁ ଉଲ୍ଲଙ୍ଘନ କରି ବିଜେପିର ରାଜନୀତିକ ଏଜେଣ୍ଡାକୁ ପୂରଣ କରିଛନ୍ତି।" ଏହାପୂର୍ବରୁ କେନ୍ଦ୍ର ସରକାରଙ୍କ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ମଧ ମୁଫତି ବିରୋଧ କରିଥିଲେ। ସେ ଗୋଟିଏ ଭିଡିଓ ଜାରି କରି କହିଥିଲେ ଯେ "ଜମ୍ମୁ-କଶ୍ମୀର ପ୍ରଶାସନ ଯେଉଁଭଳି ଭାବେ ଶିକ୍ଷାର୍ଥୀ, ଦୋକାନୀ ଓ କର୍ମଚାରୀମାନଙ୍କୁ ତ୍ରିରଙ୍ଗା ଲଗାଇବାକୁ ବାଧ କରୁଛି, ସେଥିରୁ ଲାଗୁଛି ଯେ ଜମ୍ମୁ-କଶ୍ମୀର ଗୋଟିଏ ଶତ୍ରୁ ଦେଶ ଓ ଏହାକୁ କବଜା କରିବାକୁ ଉଦ୍ୟମ କରାଯାଉଛି। ଦେଶଭକ୍ତି ଆପେଆପେ ଆସେ, ଏହାକୁ ବାଧ କରି କେହି ଲାଗୁ କରିପାରିବେ ନାହିଁ।"

## ୟୁନିଟ-୨ରେ ୪୧୦ଟି ସରକାରୀ କ୍ୱାର୍ଟର ଭଙ୍ଗାଯିବ

ଭୁବନେଶ୍ୱର, ୨୫/୦୭ (ନି.ପ୍ର): ଭୁବନେଶ୍ୱର ୟୁନିଟ-୨ରେ ୪୧୦ଟି ସରକାରୀ କ୍ୱାର୍ଟର ଭଙ୍ଗାଯିବ। ଏହି ସବୁ କ୍ୱାର୍ଟରକୁ ଭାଙ୍ଗି ପିପିପି ମୋଡରେ ପୁନଃନିର୍ମାଣ କରିବା ଲାଗି ରାଜ୍ୟ ସରକାରଙ୍କ ଯୋଜନା ରହିଛି। ସେହିପରି ୟୁନିଟ-୬ରେ ଥିବା ୫୦ଟି କ୍ୱାର୍ଟର ଭଙ୍ଗାଯାଇ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ଆଣ୍ଡ ରିସର୍ଚ୍ଚ ଆଟ୍ କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ମାଣ କରାଯିବ। ୟୁନିଟ-୪ ଅନ୍ତର୍ଗତ ଅନ୍ୟ ୫୦ଟି କ୍ୱାର୍ଟର ଏମଏଲଏ କଲୋନିରେ ବହୁତଳ ଆବାସିକ କୋଠା ନିର୍ମାଣ କରାଯିବ। ୟୁନିଟ-୩ରେ ଭୁବନେଶ୍ୱର ମହାନଗର ନିଗମର ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୨ଟି କ୍ୱାର୍ଟର ଓ ୟୁନିଟ-୮ ଅନ୍ତର୍ଗତ ୩୬ଟି କ୍ୱାର୍ଟର ନିରାପଦ ନ ଥିରବା ଯୋଗୁ ଭଙ୍ଗାଯାଇଛି। ଏହା ବାଦ ୟୁନିଟ-୨ରେ ୧୨୪ଟି ଘର ଖାଲି ପଡ଼ିଛି ଯାହାର ପୁନଃନିର୍ମାଣ ଯୋଜନା ନିମନ୍ତେ ପ୍ରସ୍ତାବ ଥିବାରୁ ଆବଂଟନ ହୋଇନାହିଁ। ବର୍ତ୍ତମାନ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ୧୧,୩୭୪ଟି କ୍ୱାର୍ଟର ରହିଛି। ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନିପତିଙ୍କ ପ୍ରଶ୍ନରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଲିଖିତ ଉତର ଦେଇଛନ୍ତି।

## ସୁପ୍ରିମକୋର୍ଟରେ ପହଞ୍ଚିଲା ଶିବସେନା ମାମଲା: ମୁଖ୍ୟନିର୍ବାଚନ କମିଶନଙ୍କୁ ଉଦ୍ଧବଙ୍କ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୨୫/୦୭ : ମୁଖ୍ୟ ନିର୍ବାଚନ କମିଶନଙ୍କୁ ଚ୍ୟାଲେଞ୍ଜ ଦେଇ ସୁପ୍ରିମକୋର୍ଟରେ ପହଁଞ୍ଚିଲେ ଉଦ୍ଧବ ଠାକରେ । ଆବେଦନରେ ଉଦ୍ଧବ କହିଛି, ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ସମ୍ବନ୍ଧିତ ମାମଲାର ବିଚାର ଶେଷ ନହେବା ଯାଏଁ ନିର୍ବାଚନ କମିଶନ ଶିବସେନା କିଏ ତାର ବିଚାର କରିପାରିବେ ନାହିଁ । ତେଣୁ ସର୍ବୋଚ୍ଚ ନ୍ୟାୟଳୟ ଶିବସେନା ବାଛିବା ପାଇଁ ଆରମ୍ଭ କରିଥିବା ପ୍ରକିୟା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଉଦ୍ଧବ କ୍ୟାମ୍ପ ପକ୍ଷରୁ ନିବେଦନ କରାଯାଇଛି । ଶିବସେନା କାହାର ? ମହାରାଷ୍ଟ୍ରରେ ଉଦ୍ଧବ ସରକାର



ଭାଙ୍ଗି ସିନ୍ଦେ ସରକାର ଗଠନ ହେବା ପରେ ଶିବସେନା ଓ ଦଳୀୟ ଚିହ୍ନକୁ ନେଇ ଚାଲିଛି ଛକାପଂଝା । ଉଭୟ ଉଦ୍ଧବ ଠାକରେ ଓ ଏକନାଥ ସିନ୍ଦେ ନିଜ ହାତରେ ଦଳ ଓ ଦଳୀୟ ଚିହ୍ନକୁ ରଖିବାକୁ ଚାହୁଁଛନ୍ତି । ଏପରିକି ନିଜ ନିଜ ଦାବି ନେଇ ଉଭୟ ଗୋଷ୍ଠୀ ମୁଖ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ମଧ ହୋଇଥିଲ । ଏବେ ଏଥିରେ ହସ୍ତକ୍ଷେପ କରି ଇସି ଦୁଇ ଗୋଷ୍ଠୀଙ୍କୁ ଅଗଷ୍ଟ ୮ ସୁଦ୍ଧା ସଂଖ୍ୟା ଗରିଷ୍ଠତା ପ୍ରମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ସୁପ୍ରିମକୋର୍ଟର ସର୍ତ୍ତମୂଳକ ଜାମିନ

ଭୁବନେଶ୍ୱର, ୨୫/୦୭ (ନି.ପ୍ର): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ସୁପ୍ରିମକୋର୍ଟ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଏନେଇ ପ୍ରଶାନ୍ତ ଜଗଦ୍ଦେବଙ୍କ ଓକିଲ ମାନସ ଚାନ୍ଦ ସୂଚନା ଦେଇଛନ୍ତି। ଏହି ଜାମିନରେ କୁହାଯାଇଛି ଯେ ପ୍ରଶାନ୍ତ ଜଗଦ୍ଦେବ ବର୍ଷେ ଯାଏଁ ନିର୍ବାଚନ ମଣ୍ଡଳୀକୁ ଯାଇ ପାରିବେ ନାହିଁ । ଯଦି ଯିବେ, ତେବେ ଜିଲ୍ଲାପାଳଙ୍କ ଅନୁମତି ନେଇ ଯିବେ। କିନ୍ତୁ ସାଙ୍ଗରେ ୫ରୁ ଅଧିକ ଲୋକଙ୍କୁ ନେଇ ଯାଇପାରିବେ ନାହିଁ ବୋଲି ସର୍ତ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ମାର୍ଚ୍ଚ ମାସରେ ବାଣପୁର ବ୍ଲକ୍ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଉପରେ ଗାଡ଼ି ମଡ଼ାଇଦେବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରାଯାଇଥିଲା। ଏପ୍ରିଲ ୨୨ ତାରିଖରେ ହାଇକୋର୍ଟରୁ ତାଙ୍କୁ ଅନ୍ତରୀଣ ଜାମିନ ମିଳିଥିଲା।



ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଥିଲା। ଏପ୍ରିଲ ୨୭ ତାରିଖରେ ସେ ଜେଲରୁ ମୁକୁଳିଥିଲେ। ୭ ଦିନ ଅନ୍ତରୀଣ ଜାମିନ ଅବଧି ସରିବା ପୂର୍ବରୁ ଜଗଦ୍ଦେବଙ୍କ ଓକିଲ ହାଇକୋର୍ଟଙ୍କ ନିକଟରେ ଏହାକୁ ବଢ଼ାଇବା ପାଇଁ ଆବେଦନ କରିଥିଲେ। ତାଙ୍କର ଏହି ଆବେଦନକୁ କୋର୍ଟ ଗ୍ରହଣ କରି ଅନ୍ତରୀଣ ଜାମିନକୁ ଆଉ ୭ ଦିନ ବଢ଼ାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ମେ' ୧୧ ତାରିଖ ପର୍ଯ୍ୟନ୍ତ ତାରିଖ ଏହି ଅବଧିକୁ ବୃଦ୍ଧି କରାଯାଇଥିଲା। ଏହି ଅନ୍ତରୀଣ ଜାମିନ ଅବଧି ଶେଷ ହେବା ପରେ ବିଧାୟକ ଶ୍ରୀ ଜଗଦ୍ଦେବ ବାଣପୁର କୋର୍ଟରେ ହାଜର ହୋଇଥିଲେ। ପରେ ତାଙ୍କୁ ବିଚାରବିଭାଗ ହାଜତକୁ ପଠାଇ ଦିଆଯାଇଥିଲା।

## ମଙ୍କିପକ୍ସକୁ ନେଇ ସର୍ଭେଲାନ୍ସ ବଢ଼ାଯିବ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ




ଭୁବନେଶ୍ୱର, ୨୫/୦୭ (ନି.ପ୍ର): ମଙ୍କିପକ୍ସ ନେଇ ସରକାର ସଜାଗ ଅଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ବିଶେଷଜ୍ଞ ଡାକ୍ତରମାନଙ୍କୁ ମଙ୍କିପକ୍ସ ବାବଦରେ ସଚେତନ କରାଇବା ସହ ଗାଇଡଲାଇନ ବିଷୟରେ ପୂର୍ବରୁ ଅବଗତ କରାଯାଇଛି। ଯେଉଁମାନେ ବାହାରୁ ଆସୁଛନ୍ତି ସେମାନଙ୍କ ଉପରେ ନଜର ରଖିବାକୁ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଉଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର। ସେକହିଛନ୍ତି ଯେ, ଯେଉଁମାନଙ୍କର ଲକ୍ଷଣ ଥିବ ସେମାନଙ୍କୁ କିଭଳି ପରୀକ୍ଷା କରାଯିବ ଏନେଇ ଆରଏମଆରସି ସହିତ ସ୍ୱାସ୍ଥ୍ୟ ବିଭାଗ ଆଲୋଚନା କରିଛି। ଆରଏମଆରସି ସାମ୍ପୁଲ ଟେଷ୍ଟ କରିବାର ଦାୟିତ୍ୱ ନେଇଛି। ସାରା ଦେଶରେ ଆରଏମଆରସି ସମେତ ୧୫ଟି ସ୍ଥାନରେ ମଙ୍କିପକ୍ସ ପରୀକ୍ଷା କରାଯାଉଛି। ମଙ୍କିପକ୍ସକୁ ନେଇ ସର୍ଭେଲାନ୍ସ ବଢ଼ାଯିବ। ଏମିତିକି ସମସ୍ତ ମେଡିକାଲ କଲେଜକୁ ବେଡ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍କିପକ୍ସରେ ସ୍ମଲ ପକ୍ସ ଭଳି ଲକ୍ଷଣ ଦେଖାଯାଉଛି। ଯଦି ଏଭଳି ଲକ୍ଷଣ ଆସୁଛି ତେବେ ଟେଷ୍ଟ କରିବାକୁ ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ।

## ଲୋକସଭାର ୪ କଂଗ୍ରେସ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ, ୨୫/୦୭ : ବିଶୃଙ୍ଖଳା ଆଚରଣ ପାଇଁ ଆଜି ଲୋକସଭାର ୪ ଜଣ କଂଗ୍ରେସ ସଦସ୍ୟଙ୍କୁ ବାଚସ୍ପତି ନିଲମ୍ବନ କରିଛନ୍ତି। ଏହି ୪ ଜଣଙ୍କୁ ଚଳିତ ମୌସୁମୀ ଅଧିବେଶନରୁ ଅପସାରଣ କରାଯାଇଛି। ଦରବୃଦ୍ଧି, ମୁଦ୍ରାସ୍ଫୀତିହାର ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଗୃହରେ ବିରୋଧୀଙ୍କ ପକ୍ଷରୁ ହୋହଲ୍ଲା କରାଯାଇଥିଲା। ଫଳରେ ସଦନରେ ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହୋଇଥିଲା। ଗୃହରେ ହଙ୍ଗାମା ଯୋଗୁ ଲୋକସଭା ବାଚସ୍ପତି ୪ ଜଣ କଂଗ୍ରେସ ସାଂସଦଙ୍କୁ ନିଲମ୍ବନ କରିଛନ୍ତି। ଏହି ୪ ଜଣ ସଦସ୍ୟ



ହେଲେ ମଣିକାମ ଟାଗୋର, ରାମୟା ହରିଦାଶ, ଜୋଠିମଣି ଏବଂ ଟିଏନ ପ୍ରଥାପଡ଼। ଆଜି ଏହି ୪ ଜଣ ସଦସ୍ୟ ଗୃହରେ ଜୋରଦାର ପାଟିତୁଣ୍ଡ କରିଥିଲେ। ସେମାନଙ୍କୁ ନିରବ ରହିବା ପାଇଁ ବାଚସ୍ପତି ବାରମ୍ବାର ଚେତାବନୀ ଦେଇଥିଲେ। ସେମାନଙ୍କୁ ସଦନ ବାହାରେ ଆନ୍ଦୋଳନ କରିବାକୁ ପରାମର୍ଶ ଦେଇଥିଲେ। ହେଲେ ସେମାନେ କିନ୍ତୁ ଶୁଣି ନଥିଲେ। ଆଜି ଦିନ ତମାମ ବିରୋଧୀଙ୍କ ପକ୍ଷରୁ ଦରଦାମ ବୃଦ୍ଧିକୁ ନେଇ ହଙ୍ଗାମା ହେବା ପରେ ଦିନକ ପାଇଁ ଲୋକସଭାକୁ ମୁଲତବୀ ରଖାଯାଇଛି।

## ଏମସ୍‌ରେ ଚିକିତ୍ସା ପରେ ଫେରିଲେ ମନ୍ତ୍ରୀ ପାର୍ଥ ଚାଟାର୍ଜୀ

ଭୁବନେଶ୍ୱର, ୨୫/୦୭ (ନି.ପ୍ର): ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପଶ୍ଚିମବଙ୍ଗର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଭୁବନେଶ୍ୱର ଏମସ୍ ରୁ ଫେରିଛନ୍ତି । ସୋମବାର ସକାଳେ ଏୟାର ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ଅଣାଯାଇଥିଲା। ଚିକିତ୍ସା ପରେ ଭୁବନେଶ୍ୱର ଏମସ୍ ର ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ତାଙ୍କ ଅବସ୍ଥା ବର୍ତମାନ ସ୍ଥିର ରହିଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରିପୋର୍ଟ ଦାଖଲ କରାଯାଇଛି। ହସ୍ପିଟାଲରୁ ଭର୍ଚୁଆଲ ମାଧ୍ୟମରେ ପାର୍ଥ କୋଲକାତା ହାଇକୋର୍ଟରେ ହାଜର



ହୋଇଥିଲେ । କଲିକତା ହାଇକୋର୍ଟ ରବିବାର ଦିନ ଏହି ନିର୍ଦ୍ଦେଶ ଦେବାପରେ ଇଡି ପକ୍ଷରୁ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଭୁବନେଶ୍ୱର ଅଣାଯାଇଥିଲା। ଚିକିତ୍ସା ପରେ ଏମସ୍ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି ବିଭିନ୍ନ ବିଭାଗର ଡାକ୍ତରଙ୍କୁ ନେଇ ଗଠିତ ଟିମ୍ ପାର୍ଥଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଭୁବନେଶ୍ୱର ଏମ୍ସ କର୍ତୃପକ୍ଷ କୋଲକାତା ହାଇକୋର୍ଟଙ୍କ ନିକଟରେ ଏ ସମ୍ପର୍କିତ ରିପୋର୍ଟ ଦାଖଲ କରିଛନ୍ତି। ▶▶ପୃଷ୍ଠା ୭

## ୧୪ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୫/୦୭ (ନି.ପ୍ର): ଦକ୍ଷିଣ-ପୂର୍ବ ମଧ୍ୟପ୍ରଦେଶ ଏବଂ ପଡ଼ୋଶୀ ଅଂଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ସକ୍ରିୟ ରହିଛି। ଏହା ସମୁଦ୍ର ପତନଠାରୁ ୩.୧ କିଲୋମିଟର ଉଚ୍ଚତାରେ ଦକ୍ଷିଣ ଦିଗକୁ ଅଗ୍ରସର ହେଉଛି। ଏହାର ପ୍ରଭାବରେ ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାଗୁଡ଼ିକରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି ଏବଂ ଉପକୂଳ ଓଡିଶାର ଜିଲ୍ଲାଗୁଡିକର ଅନେକ ସ୍ଥାନରେ ବର୍ଷାସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ



ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧରେ ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ଦେବଗଡ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଭଦ୍ରକ, କୋରାପୁଟ, ନବରଙ୍ଗପୁର , କଟକ ଓ ଢ଼େଙ୍କାନାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ୧୪ଟି ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୨୬ ରୁ ୨୭ ତାରିଖ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି ଓ ବରଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ପଶ୍ଚିମବଙ୍ଗ ଶିକ୍ଷକ ଦୁର୍ନୀତି : ମୁହଁ ଖୋଲିଲେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

ନୂଆଦିଲ୍ଲୀ, ୨୫/୦୭ : ପଶ୍ଚିମବଙ୍ଗ ଶିକ୍ଷକ ଦୁର୍ନୀତି ମାମଲାରେ ମନ୍ତ୍ରୀ ପାର୍ଥ ଚାର୍ଟାଜୀ ଗିରଫ ଓ ତାଙ୍କ ସହଯୋଗୀ ତଥା ଅଭିନେତ୍ରୀ ଅର୍ପିତା ମୁଖାର୍ଜୀ ମଧ ଏବେ ଇଡି କବଜାରେ । ପାର୍ଥଙ୍କୁ ୨ଦିନିଆ ରିମାଣ୍ଡରେ ନେଇ ପ୍ରଥମ ଦିନର ପ୍ରବର୍ତନ ନିର୍ଦ୍ଦେଶାଳୟ ଜେରାରେ ଅନେକ ଚାଂଚଲ୍ୟକର ଖୁଲାସା ହେବାରେ ଲାଗିଛି । କେବଳ ବଙ୍ଗଳା କି କି କୋଟି କୋଟି ଟଙ୍କା ନୁହେଁ ମନ୍ତ୍ରୀଙ୍କ କୁବେର ସମ୍ପତି ଭିତରେ ରହିଛି ଅଗଣତି ସୁନା ରୂପା ହୀରା ଓ ବହୁ ମୂଲ୍ୟ ଅଳଙ୍କାର ସମେତ ଫ୍ଲଟ୍ । କେବଳ ମନ୍ତ୍ରୀଙ୍କ ନିକଟରେ ସମ୍ପତିର ଲମ୍ବା ତାଲିକା ରହିନି । ତାଙ୍କର ଘନିଷ୍ଠ ବାନ୍ଧବୀ ଅର୍ପିତାଙ୍କ ପାଖରେ ମଧ ରହିଛି କୁବେର ସମ୍ପତି । ଟ୍ରକ ଟ୍ରକ ଟଙ୍କାକୁ ଇଡି ଓ ଆଇଟି ଅଧିକାରୀ ଦେଖି



ତାଜୁବ ହୋଇଥିଲେ । ସେପେଟ ଟିଣ ଭର୍ତି କୋଟି କୋଟି ଟଙ୍କା ଜବତ ହେବା ରେ ଆହୁରି ଅନେକ ଖୁଲାସା ଜେରା ସମୟରେ ଜାଣିବାକୁ ମିଳିଛି । ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତନ ନିର୍ଦ୍ଦେଶାଳୟ ୨୩ ତାରିଖରେ ମନ୍ତ୍ରୀ ପାର୍ଥଙ୍କ କିଛି ଠିକଣା ଉପରେ ଚଢାଉ କରିଥିଲା । ୨୬ ଘଂଟାର ଜେରା ପରେ ତାଙ୍କୁ ଗିରଫ କରି କୋର୍ଟରେ ହାଜର କରିଥିଲା ଇଡି । ଅର୍ପିତା ମୁଖାର୍ଜୀଙ୍କୁ କିଛି ଘଣ୍ଟାର ଜେରା ପରେ ଶନିବାର ନାୟିକାଙ୍କୁ ଗିରଫ କରିଥିଲା ଇଡି । ସେପଟେ ଅସୁସ୍ଥତା ଅନୁଭବ କରିବା ପରେ ପାର୍ଥଙ୍କୁ ପ୍ରଥମ କୋଲକାତାର ଏକ ଘରୋଇ ଡାକ୍ତରଖାନା ଓ ପରେ ଭୁବନେଶ୍ୱର ଏମ୍ସରେ ଭର୍ତି କରାଯାଇଛି ।

# ଦଳିତ ବିକାଶ ମଂଚ ବଲାଙ୍ଗିରର ସାଧାରଣ ପରିଷଦ ବୈଠକ

ବଲାଙ୍ଗିର ,୨୫/୦୭ (ନି.ପ୍ର): ଜିଲ୍ଲା ଦଳିତ ବିକାଶ ମଂଚ ବଲାଙ୍ଗିରର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଡୁଙ୍ଗୁରି ପଡାଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ନଟରାଜ ନାଗଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ସମ୍ପାଦକ ବିପିନ ନନ୍ଦ, କୋଷାଧ୍ୟକ୍ଷ ମୁରଳିଧର ସୁନା, ଭୁବନ ନାଗ, ଆଇନଜୀବୀ ପ୍ରତିସାଗର ମହାନନ୍ଦ, ଶିକ୍ଷାବିତ ମିନକେତନ କୁମ୍ଭାର ମଂଚାସୀନ ଥିଲେ । ନିକଟ ଅତୀତରେ ଅନୁଷ୍ଠାନଟି ପଞ୍ଜିକୃତ ହୋଇଥିବାରୁ ଜିଲ୍ଲା ପ୍ରଶାସନକୁ ସଭାରେ ଧନ୍ୟବାଦ ଦିଆଯାଇଥିଲା । ଚଳିତ ବର୍ଷ କରାଯାଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡିକ ଉପରେ ଆଲୋଚନା ହୋଇଥିଲା । ସଭାର ଦ୍ୱିତୀୟ ଅଧିବେଶନରେ ନୂତନ କାର୍ଯ୍ୟକାରୀ କମିଟି ନିମନ୍ତେ ସଭ୍ୟ ମନୋନୟନ କରାଯାଇଥିଲା । ସର୍ବସମ୍ମତି କ୍ରମେ ନଟରାଜ ନାଗ ସଭାପତି, ଲୋକନାଥ ସୁନା(କ) ଓ ଗୋପବନ୍ଧୁ ଜଗଦଳା ଉପସଭାପତି, ଭୁବନ ନାଗ ସାଧାରଣ ସମ୍ପାଦକ, ନୀଳକଣ୍ଠ ସୁନା ସହ ସମ୍ପାଦକ, ହେମସୁନ୍ଦର ନାଗ ସାଙ୍ଗଠନିକ ସମ୍ପାଦକ, ବୃନ୍ଦାବନ ନାଗ କୋଷାଧ୍ୟକ୍ଷ, ବିରେନ୍ଦ୍ର ରାୟ ସହ କୋଷାଧ୍ୟକ୍ଷ ରୂପେ ମନୋନୀତ ହୋଇଥିବା ବେଳେ ଆଇନ ପରାମର୍ଶଦାତା ରୂପେ ପ୍ରୀତିସାଗର ମହାନନ୍ଦ ଓ ହିସାବ ନିରୀକ୍ଷକ ରୂପେ ବିପିନ ନନ୍ଦ, ଦଶମୁ ସୁନା ମନୋନୀତ ହୋଇଥିଲେ । ନେପାଳ ଚନ୍ଦ୍ର ବାଗ ଗଣମାଧ୍ୟମ ସଂଯୋଜକ ରୂପେ ମନୋନୀତ ହୋଇଥିଲେ । ମୁରଳୀଧର ସୁନା, ଘନଶ୍ୟାମ ମହାନନ୍ଦ, ଲୋକନାଥ ସୁନା (ଖ), ବାସୁଦେବ ମୁଗ୍ରୀ ଓ ମିନକେତନ କୁମ୍ଭାର କାର୍ଯ୍ୟକାରୀ କମିଟିର ସଭ୍ୟ ରୂପେ ବଛା ଯାଇଥିଲେ । ଗୋବର୍ଦ୍ଧନ ଭୋଇ, କରୁଣାକର ବାଗ, ନୀଳାଚଳ ଦୀପ, ଯୁଗଲାଲ ଜଗଦଳା, କଳିଙ୍ଗ ସୁନା, ସୁରେଶ ଦେବ, ସୁରେନ୍ଦ୍ର ଛତର, ବିଦ୍ୟାଧର ମହାନନ୍ଦ, ଭୀମସେନ ବାଗ, ହଳଧର ନିଆଲ, ମେଘରାଜ ଜଗଦଳା, ବିଶ୍ୱମିତ୍ରା ନାଗ, ଚୈତନ୍ୟ କୁମ୍ଭାର, ନରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସଭାର ପ୍ରାରମ୍ଭରେ ଦଣ୍ଡୁଆ କୁମ୍ଭାରଙ୍କ ନେତୃତ୍ୱରେ ବୁଦ୍ଧ ବନ୍ଦନା ଅନୁଷ୍ଠିତ ହୋଇଥିଲା । ସଭାର ସଂଯୋଜନା ଘନଶ୍ୟାମ ମହାନନ୍ଦ କରିଥିବା ବେଳେ ସଭ୍ୟ ନେପାଳ ବାଗ ଧନ୍ୟବାଦ ଦେଇଥିଲେ ।

# ୧୧ଟି ଧାନମଣ୍ଡିରେ ୪କୋଟି ଟଙ୍କାର ଧାନ ଗାଏବ ଘଟଣା : ଅସାଧୁ ସମ୍ପାଦକଙ୍କ ଢାଲ ସାଜିଛନ୍ତି ଏଆରସିଏସ

ଯାଜପୁର ,୨୫/୦୭ (ନି.ପ୍ର): ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସ୍କ୍ୱାଡ୍ ଦ୍ୱାରା ଯାଜପୁର ଜିଲ୍ଲାରେ ୧୧ଟି ଧାନମଣ୍ଡିରେ ୪ କୋଟିରୁ ଅଧିକ ଟଙ୍କାର ଧାନ ହଡ଼ପ ଧରାପଡ଼ିଲା । ଏହି ଅସାଧୁ କାରବାରରେ ସମ୍ପୃକ୍ତ ୧୦ଟି ପ୍ୟାକ୍ସ ଓ ଗୋଟିଏ ମହିଳା ଏସଏଚଜିର ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ଅଧିକାରୀ ଅତି ଜରୁରି ଚିଠିରେ ନିର୍ଦ୍ଦେଶ ଦେଇଥିଲେ । ଗତ ମାସ ଜୁନ୨୮ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାର ଏଆରସିଏସଙ୍କୁ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ଆରସିଏସ । ଅଥଚ କାର୍ଯ୍ୟାନୁଷ୍ଠାନ ଦୂରକଥା ୨ଦିନ ତଳେ ଏଆରସିଏସ ଶରତ ଚନ୍ଦ୍ର ମଲ୍ଲିକ ପ୍ୟାକ୍ସର ନୂତନ ଭାବେ ନିର୍ବାଚିତ ସଭାପତିଙ୍କୁ ଚିଠି ଲେଖିଥିବା ପ୍ରକାଶ କରିଛନ୍ତି । ତେବେ; କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଚିଠି ଲେଖିବା ପଛରେ କି ଉଦ୍ଦେଶ୍ୟ ନିହିତ ରହିଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟରେ ଚାଉଳର ରି-ସାଇକ୍ଲିଂ କାରବାରରେ କୋଟିକୋଟି ଟଙ୍କା ରାଜକୋଷରୁ ଲୁଟ୍ ଚାଲିଛି । ଏହି କାରବାରକୁ ଏକ ରାକେଟ ଯୋଜନାବଦ୍ଧ ଭାବେ ନିୟନ୍ତ୍ରଣ କରୁଛି । ଧାନ କିଣାବିକାଠାରୁ ଆରମ୍ଭକରି ରାସନ ଚାଉଳ ବଣ୍ଟନ ପର୍ଯ୍ୟନ୍ତ ଏହି ରାକେଟର ଚେର ଲମ୍ବିଛି । ଚାଷୀମାନଙ୍କଠାରୁ ଧାନ ନକିଣି କାଗଜପତ୍ରରେ (ପେପର ଟ୍ରାଞ୍ଜାକସନ୍) ମଧ୍ୟ କୋଟିକୋଟି ଟଙ୍କା ରାଜକୋଷରୁ ହଡ଼ପ ଚାଲିଛି ବୋଲି ବାରମ୍ବାର ଅଭିଯୋଗ ହୋଇଆସୁଛି । ଗତ ୩ ମାର୍ଚ୍ଚ ୨୦୨୨ ରେ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଯୋଗାଣ ବିଭାଗର ତଦନ୍ତକାରୀ ଦଳ, ଜିଲ୍ଲା ଯୋଗାଣ ଅଧିକାରୀ ଓ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ (ଏଆରସିଏସ) ଶ୍ରୀ ମଲ୍ଲିକ ପ୍ରମୁଖ ଧାନମଣ୍ଡି ତନଖି କଲେ । ୧୦ ଜଣ ପ୍ୟାକ୍ସ ସମ୍ପାଦକ ଓ ଗୋଟିଏ ମହିଳା ଏସ୍ଏଚ୍ଜିର ମଣ୍ଡିରେ ୨୦ ହଜାର ୬୯୭ କୁଇଣ୍ଟାଲ ୩୪ କିଗ୍ରା ଧାନ ଚାଷୀଙ୍କଠାରୁ କିଣାନଯାଇ ମିଥ୍ୟା କାଗଜପତ୍ର କରାଯାଇଥିଲା । ଯାହାକି ସମ୍ପୃକ୍ତ ସମ୍ପାଦକମାନେ ତଦନ୍ତ ବେଳେ ସ୍ୱୀକାର କରିବା ସହିତ ଲିଖିତ ଭାବେ ତଦନ୍ତକାରୀ ଟିମ୍‌କୁ ଜଣାଇଥିଲେ ।

# ନୂଆପଡାରେ ପୁଣି ବାଘ ଆତଙ୍କ : ଗ୍ରାମବାସୀ ଭୟଭୀତ

ନୂଆପଡ଼ା,୨୫/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ରେଞ୍ଜ ଅନ୍ତର୍ଗତ ଧଉଁରାଭଟା ଗାଁକୁ ଲାଗି ରହିଛି ପାଟି ଡଙ୍ଗର । ସୁନାବେଡା ଅଭୟାରଣ୍ୟକୁ ଲାଗିକି ରହିଛି । ଗତ ରାତିରେ ଧଉଁରାଭଟା ଗ୍ରାମର ଭୋକୋ ଜଗତଙ୍କ ବଳଦକୁ କଲରା ପତରିଆ ବାଘ ଖାଇଥିବା ଜଣାପଡ଼ିଛି । ବର୍ତ୍ତମାନ ଘଟଣା ସ୍ଥଳରେ କୋମନା ବନ ବିଭାଗ କର୍ମଚାରୀ ମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଖରିଆର ରୋଡ ରେଞ୍ଜ ହଳଦି ଗାଁ ର ଚାରି ବର୍ଷ ର ଶିଶୁ ଛଗନ ପାଣ୍ଡେକୁ ବାଘ ଖାଇବା ଦିନ ଠାରୁ ନୂଆପଡା ଜିଲ୍ଲାରେ କଲରାପତରିଆ ବାଘର ଆତଙ୍କ ପିଛା ଛାଡୁନାହିଁ । ବିଭିନ୍ନ ସମୟରେ ଜଙ୍ଗଲ ପାଦଦଶ ଅଞ୍ଚଳରେ ଥିବା ଗାଁ ମାନଙ୍କୁ ଆସି କଲରାପତରିଆ ବାଘ ଗାଇ, ବଳଦ, ଛେଳି ଖାଉଥିବା ବେଳେ ଏଭଳି ଅଘଟଣକୁ ରୋକ ପାଇଁ ଦାବୀ କରୁଛନ୍ତି । କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କୁ ଅନୁକମ୍ପା ରାଶି ପ୍ରଦାନ କରାଯାଉଅଛି । କେବଳ ଧଉଁରାଭଟା ନୁହେଁ ଆଖପାଖ ଗାଁରେ ମଧ୍ୟ ବର୍ତ୍ତମାନ ବାଘ ଭୟ ଦେଖା ଦେଇଛି । ବନ ବିଭାଗ କର୍ମଚାରୀ ମାନେ ଗାଁରେ ପହଞ୍ଚି ଏକା ଘରୁ ନ ବାହାରିବା ସହ ସଂନ୍ଧ୍ୟା ହେଲେ ଘରୁ ନ ବାହାରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଉଛନ୍ତି । ଦୁଇମାସ ମଧ୍ୟରେ ସେହି ପାଟିଡଙ୍ଗର ଅଞ୍ଚଳରୁ ପାଖାପାଖି ଆଠଟି ଗାଇ ବଳଦ ଖାଇଥିବା ସୁଚନା ମଧ୍ୟ ସାମନାକୁ ଆସିଛି । ଘଟଣା ସ୍ଥଳରେ ବାଘର ପାଦ ଚିହ୍ନ ଏବଂ ବଳଦକୁ ଖାଇବାର ଚିହ୍ନ ରହିଛି ।

## ବିଶ୍ୱହିନ୍ଦୁ ପରିଷଦର କ୍ରାନ୍ତିୟ ପ୍ରଶିକ୍ଷଣ ଶିବିର

ପୁରୀ,୨୫/୦୭ (ନି.ପ୍ର): ବିଶ୍ୱହିନ୍ଦୁ ପରିଷଦର ଧର୍ମପ୍ରାସର ବର୍ଗର ରାଜ୍ୟସ୍ତରୀୟ ୩ ଦିନିଆ କର୍ମଶାଳା ବଡ଼ଦାଣ୍ଡ ଗୋଏଙ୍କା ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦ଟି ଜିଲ୍ଲାରୁ ୬୦ ଜଣ କର୍ମକର୍ତ୍ତା ଯୋଗ ଦେଇଥିଲେ । ହିନ୍ଦୁ ସମାଜକୁ କ୍ଷତବିକ୍ଷତ କରିବା ପାଇଁ ଖ୍ରୀଷ୍ଟିଆନ ଓ ମୁସଲମାନମାନେ ସାରା ଦେଶରେ ସାମ,ଦାନ,ଦଣ୍ଡ ଭେଦ ଭଳି ଉପାୟ ଅବଲମ୍ବନ କରୁଛନ୍ତି ବୋଲି ସଂଘ ଅଭିଯୋଗ କରିଛି । ଧର୍ମାନ୍ତରୀକରଣ ଯୋଗୁ ହିନ୍ଦୁ ଧର୍ମ ବ୍ୟକ୍ତି କମୁଛନ୍ତି । ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ହିନ୍ଦୁମାନଙ୍କୁ ଧର୍ମାନ୍ତରୀକରଣ କରାଯାଉଛି । ହିନ୍ଦୁ ଧର୍ମକୁ ସଂଖ୍ୟାଲଘୁ କରିବା ପାଇଁ ଆନ୍ତର୍ଜାତୀୟ ଷଡ଼ଯନ୍ତ୍ର କରାଯାଉଛି ବୋଲି ଅଭିଯୋଗ କରିଛନ୍ତି । ହିନ୍ଦୁ ଧର୍ମ ରକ୍ଷା ପାଇଁ ଯୁବକ ଯୁବତୀମାନଙ୍କୁ ତାଲିମ ପ୍ରଦାନ କରାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ କେନ୍ଦ୍ର ଓ ରାଜ୍ୟସ୍ତରୀୟ କର୍ତାମାନେ ଯୋଗ ଦେଇ ମାର୍ଗ ଦର୍ଶନ କରିଥିଲେ । ଧର୍ମପ୍ରସାର ବିଭାଗ କେନ୍ଦ୍ରୀୟ କାର୍ଯ୍ୟକର୍ତା ଅଚ୍ୟୁତାନନ୍ଦ କର, ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସହସମ୍ପାଦକ ଉମା ଶଙ୍କର ଆଚାର୍ଯ୍ୟ, ଧର୍ମପ୍ରସାର ବିଭାଗ ପ୍ରାନ୍ତ କାର୍ଯ୍ୟକର୍ତା ଡ଼ଃ ପ୍ରମୋଦ ଆଚାର୍ଯ୍ୟ, ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ସୁଧୀର କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କ ମାର୍ଗ ଦର୍ଶନ କରାଇଥିଲେ ।

# ବାଲିମାଫିଆଙ୍କ ଲୁଟରାଜରେ ବାଲିବନ୍ତ ଶୂନ୍ : ପ୍ରଶାସନର ଖଣିଜପାଣ୍ଠି ଶୂନ

ପୁରୀ,୨୫/୦୭ (ନି.ପ୍ର): ପୁରୀଜିଲ୍ଲାରେ ଖଣିଜ ପାଣ୍ଠିଭାବେ ବାଲିରୁ ଅଧିକ ଆଦାୟ ହୋଇଥାଏ । ପଥର ଓ ମୋରମ ଖାଦନରୁ କିଛି ପାଣ୍ଠି ମିଳିଥାଏ । ପ୍ରଶାସନର ନିରବତା ଯୋଗୁ ସ୍ୱର୍ଗଦ୍ୱାର ଠାରୁ ଚିଲିକା ପର୍ଯ୍ୟନ୍ତ, ପେଣ୍ଠକଟା ଠାରୁ କୋଣାର୍କ ଓ ଅସ୍ତରଙ୍ଗ ପର୍ଯ୍ୟନ୍ତ ସମୁଦ୍ରକୂଳରେ ଥିବା ହଜାର ହଜାର ବାଲିବନ୍ତ ଏବେ ଶୂନ୍ୟ ହୋଇଛି । ସେହି ସ୍ଥାନରେ ବାଲି ଉତୋଳନ ଯୋଗୁଁ ବଡ଼ ବଡ଼ ପୋଖରୀ ସୃଷ୍ଟି ହୋଇଛି । ପୁରୀରେ ବିଭିନ୍ନ ବିକାଶ ନାମରେ ପ୍ରାକୃତିକ ଖଣିଜଦ୍ରବ୍ୟକୁ ବିନାଶ କରାଯାଉଛି ବୋଲି ଯୁବନେତା ଆଲୋକ ଦାଶ ଅଭିଯୋଗ କରିଛନ୍ତି । ସେହିପରି ଶହ ଶହ ମାଟିପୋଡ଼ା ଇଟା ଭାଟି ଯୋଗୁ ମାଟି ମଧ୍ୟ ଶେଷ ହୋଇଗଲାଣି । ଶ୍ରୀସେତୁ, ମହୋଦଧି ମାର୍କେଟ କମ୍ପ୍ଲେକ୍ସ ,ଶ୍ରୀଜଗନ୍ନାଥ ବଲ୍ଲଭରେ ହେଉଥିବା ନିର୍ମାଣ କାର୍ଯ୍ୟ, ମାର୍କେଟ ଛକ ଠାରେ ମାର୍କେଟ କମ୍ପ୍ଲେକ୍ସ ,ମଙ୍ଗଳାଘାଟ ଷ୍ଟର୍ଲିନ ରାସ୍ତାରେ ବାଲିବନ୍ତ ଗୁଡ଼ିକ ଶେଷ ହୋଇ ଗଲାଣି । ଅନ୍ୟପକ୍ଷରେ ତହସିଲରେ ଖଣିଜ ପାଣ୍ଠି ଆଶାନୁରୂପେ ଆଦାୟ ହୋଇ ପାରୁନାହିଁ । ପୋତାବାଲି ପାଇଁ ଓ୍ୱାଇ ଫର୍ମରେ ରୟାଲିଟି ବାବଦ ଦେୟ ତହସିଲକୁ ଦେଇ ବାଲି ଉଠାଇବା ନିୟମ ଥିବାବେଳେ କେହି ଏହାକୁ ମାନୁ ନାହାନ୍ତି । କେତେକ ଗାଡ଼ି ମାଲିକ ଗୋଟିଏ ବା ଦୁଇଟି ଗାଡ଼ିର ରୟାଲିଟି କାଟି ୨୦ରୁ ୫୦ ଗାଡ଼ି ବାଲି ଉଠାଉଥିବା ଅଭିଯୋଗ ହୋଇଛି । ପୁରୀ ସହରରେ ଅନେକ କୋଠାବାଡ଼ି ଓ ବ୍ରିଜ୍ ନିର୍ମାଣ ଚାଲିଛି । ଖାଲୁଆ ଅଞ୍ଚଳରେ ଘର କରୁଥିବା ମାଲିକଙ୍କର ଶହେରୁ ଦୁଇଶହ ଟ୍ରାକ୍ଟର ପୋତାବାଲି ଆବଶ୍ୟକ ହେଉଥିବା ବେଳେ ପ୍ରତିଦିନ ୫ହଜାରରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ପୋତାବାଲି ବିଭିନ୍ନ ଘରକୁ ଯୋଗାଣ ହେଉଛି । ଯାହାଫଳରେ ପୁରୀ ଜିଲ୍ଲାରୁ ବାଲି ଓ ମାଟି ଉତୋଳନ ହୋଇ ସେଠାରେ ଖାଲ ସୃଷ୍ଟି ହୋଇଛି । ଶ୍ରୀସେତୁ ନିମନ୍ତେ ଏକଲକ୍ଷ ବାଲି ଟ୍ରିପ୍ ଆବଶ୍ୟକ ହେଉଥିବା ବେଳେ ଏହିବାଲି କୋଣାର୍କ କୁଶଭଦ୍ରା ଓ ଭାର୍ଗବୀ ନଦୀରୁ ଅଣାଯାଉଛି ବୋଲି ଯୁବନେତା ଅଭିଯୋଗ କରିଛନ୍ତି । ମଙ୍ଗଳାଘାଟ ଓ ଭୂଦାନ ଛକ, ହରେକୃଷ୍ଣପୁର ଛକଠାରେ ଓଭରଲୋଡ଼ିଂ ଚେକିଂ ସହ ଓ୍ୱାଇ ଫର୍ମ ରୟାଲିଟି ପାଇଁ ଗେଟ କରିବାକୁ ଦାବି ହେଉଛି । ଏହି ବାଲି ଲୁଟ ରେକିବା ପାଇଁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଭୁବନ ମହିଳା ବିଜେଡି ତରଫରୁ ବୃକ୍ଷରୋପଣ

ଭୁବନ,୨୫/୦୭ (ନି.ପ୍ର): ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଦଳ ତରଫରୁ ସାରା ଓଡିଶାରେବୃକ୍ଷରୋପଣ , ରକ୍ତଦାନ ଭଳି ବିଭିନ୍ନ ଲୋକାଭିମୁଖୀ ତଥା ଜନକଲ୍ୟାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏହିକ୍ରମରେ କାମାକ୍ଷା ନଗର ବିଧାୟକ ତଥା ରାଜ୍ୟଖଣି , ଇସ୍ପାତ ଓ ପୂର୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଙ୍କ ପରାମର୍ଶକ୍ରମେ ଭୁବନ ବିଜୁ ମହିଳା ଜନତା ଦଳ ତରଫରୁ ଆଜି ସ୍ଥାନୀୟ ବୁଦ୍ଧେଶ୍ୱରମନ୍ଦିର ପରିସରରେ୨୫ ଟି ବୃକ୍ଷରୋପଣ କରାଯାଇଥିଲା । ଭୁବନ ବିଜୁ ମହିଳା ଜନତା ଦଳ ସଂପାଦିକା ଝରଣା ପୋଥାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି, ଜିଲ୍ଲା ବିଜୁମହିଳା ଜନତା ଦଳ ସଭାନେତ୍ରୀ ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳ ସମ୍ମାନୀତ ଅତିଥି ଭାବେଯୋଗଦେଇ ଏତାଦୃଶ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବାସହ ନିଜେ ବୃକ୍ଷ ରୋପଣ କରି ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛସାଥୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ମହିଳା ମୋର୍ଚ୍ଚା କର୍ମୀମାନେ ଯୋଗ ଦେଇଥିଲେ ।

# ଦଶପଲ୍ଲାରେ ବେଧଡ଼କ ଚାଲିଛି ଦେଶୀମଦ ବ୍ୟବସାୟ : ସଞ୍ଜ ନଇଁଲେ ଅଶାନ୍ତ ହୋଇପଡୁଛି ଛକବଜାର

ଦଶପଲ୍ଲା ,୨୫/୦୭ (ନି.ପ୍ର): ଦଶପଲ୍ଲା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବେଧଡ଼କ ଭାବେ ଚାଲିଛି ଦେଶୀ ମଦର କାରବାର । ଚା ଦୋକାନଠାରୁ ଆରମ୍ଭ କରି ଜଳଖିଆ ଦୋକାନ ପ୍ରଭୃତି ସ୍ଥାନରେ ଖୋଲାମେଲା ଭାବେ ଏହାକୁ ବିକ୍ରୟ କରାଯାଉଛି । ଯାହାକି ସଞ୍ଜ ନଇଁବା ପରେ ବଜାରଘାଟରେ ମଦ୍ୟପଙ୍କ ଆଡ଼ା ଜମୁଛି । ବଡ଼ କଥା ହେଉଛି, ଦଶପଲ୍ଲା ବ୍ଲକ୍‌ର ଖମାରସାହି, ତେଣ୍ତାବାଡ଼ି, କୁଲୁରୁକୁମ୍ପା, ସରିଗଣ୍ଡା, ଭୋଗବାଡ଼ି, କୁଲୁରୁକୁମ୍ପା, ବାଣୀଗୋଛା, ଘୁଗୁଡିପଡା, ନଛିପୁର ପ୍ରଭୃତି ପଞ୍ଚାୟତର ଅନେକ ସ୍ଥାନରେ ଏହି ମଦ ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଛି ।

ଏସବୁ ପଞ୍ଚାୟତର ପାହାଡ଼ ନିକଟବର୍ତ୍ତୀ ସ୍ଥାନରେ ଅବାଧରେ ମଦରନ୍ଧା ଯାଉଛି । ଯାହାକି ଏବେ ବଜାର ଘାଟରେ ବହୁ ନକଲି ବା ବିଷାକ୍ତ ମଦ ବିକ୍ରୟ ହେଉଥିବା ଅଭିଯୋଗ ହେଉଛି । ଏହି ମଦରନ୍ଧା ସମୟରେ ଅଧିକ ନିଶା ହେବା ପାଇଁ ସାର ପିଢ଼ିଆ ବ୍ୟବହାର କରାଯାଇ ନିମ୍ନମାନର ମଦରନ୍ଧା ଯାଉଛି । ଏହା ଉପରେ ଅବକାରୀ ବିଭାଗର କୌଣସି ବି ନିୟନ୍ତ୍ରଣ ରହୁନଥିବା ହେତୁ ବ୍ୟବସାୟୀ ମାନେ ଖୋଲାମେଲା ବିକ୍ରୟ କରୁଛନ୍ତି । ଯଦିବା କେତେବେଳେ ଏହା ଉପରେ ଧରପଗଡ଼ ହେଉଛି, କାମଚଳା ଭାବେ କମ୍ ପରିମାଣର ମଦ ଦର୍ଶାଇ ଏହାକୁ ରଫାଦଫା କରି ବ୍ୟବସାୟୀମାନଙ୍କୁ ସର୍ତ୍ତମୂଳକ ଜାମିନ୍‌ରେ ଛାଡ଼ି ଦିଆଯାଉଥିବା ଭଳି ବହୁ ଅଭିଯୋଗ ହେଉଛି । ଅବକାରୀ ବିଭାଗର ଏଭଳି କାର୍ଯ୍ୟ ପାଇଁ ବିଭିନ୍ନ ସ୍ଥାନରେ ମଦ ବ୍ୟବସାୟ ବୃଦ୍ଧି ପାଉଥିବା ବେଳେ ସଞ୍ଜ ନଇଁଲେ ବିଭିନ୍ନ ଛକ ବଜାରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି । ଏଥି ପ୍ରତି ଉଚ୍ଚପଦସ୍ଥ ଅଧିକାରୀ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଇ - ଫାଇଲିଙ୍ଗ ଓ ଇ ପେମେଂଟ ଉପରେ ତାଲିମ ଶିବିର

ଜୟପୁର,୨୫/୦୭ (ନି.ପ୍ର): ଜୟପୁର ଜିଲା କୋର୍ଟ ପରିସରରେ ଇ ଫାଇଲିଙ୍ଗ ଓ ଇ ପେମେଣ୍ଟ ଉପରେ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଜିଲା ଦୌରା ଜଜ ସତ୍ୟା ନାରୟଣ ମିଶ୍ର, ରେଜିଷ୍ଟାର ଶରତ କୁମାର ଜେନା ଯୋଗଦେଇଥିଲେ। ଶିବିରରେ ମାଷ୍ଟର ପ୍ରଶିକ୍ଷକ ଆଇନଜୀବି କେ ଦିବାକର ରାଓ, ଚନ୍ଦନ ନାୟକ ଆଇନଜୀବି ଙ୍କୁ ଇ ଫାଇଲିଙ୍ଗ ଉପରେ ତାଲିମ ଦେଇଥିଲେ । କୋର୍ଟ ରେ ସବୁ ପ୍ରକାର ମାମଲା ସମସ୍ତ ପ୍ରକାର ଦଲିଲି କମ୍ପୁଟର ଜରିଆରେ ଦାଖଲ କରାଯିବ । ବିଭିନ୍ନ ମାମଲାରେ ଦାଖଲ ହୋଇଥିବା କୋର୍ଟ ଫି ମଧ୍ୟ ଇଲେଟ୍ରୋନିକ ମାଧ୍ୟମରେ ଦାଖଲ ହେବ ବୋଲି ସୁଚନା ଦିଆଯାଇଛି । ଏହି ଶିବିରରେ ଆଇନଜୀବି ଦାଶରଥି ପଟ୍ଟନାୟକ,ସହଦେବ ପଟ୍ଟନାୟକ, ସୁରେଶ କୁମାର ହଡପ, ପି ସନ୍ୟାସି ରାଓ, ବିନୟ ବିଶ୍ୱାସ, ଡି ଶେଷ ଗିରି ରାଓ, ବି ନବିନ କୁମାର ଚୌଧୁରି, ସୁମିତ ପଟ୍ଟନାୟକ, ଶୁଭେନ୍ଦୁ ମିଶ୍ର, ରାଜିଆ ବେଗମ, ସର୍ଣ୍ଣିତା ଦଣ୍ଡସେନା, ଶେଷ ଦେବ ବେହେରା, ଗିତାଞ୍ଜଳି ଧଳ, ଖ୍ରିଷ୍ଟ ପ୍ରେମ ନାୟକ, ହରିଶ ଚନ୍ଦ୍ର ମୁଦୁଲି, ସଞ୍ଜିବ କୁମାର ପାତ୍ର ତାଲିମ ନେଇଥିଲେ ।

# ଯାଦବ ବୁଦ୍ଧିଜୀବୀ ମଞ୍ଚ ଓଡିଶାର ରାଜ୍ୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ବଲାଙ୍ଗିର ,୨୫/୦୭ (ନି.ପ୍ର): ଭୁବନେଶ୍ୱର ସ୍ଥିତ ବିଜୟ ବିହାରଠାରେ ଯାଦବ ବୁଦ୍ଧିଜୀବୀ ମଞ୍ଚ ଓଡିଶାର ରାଜ୍ୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବରେ ଅବସରପ୍ରାପ୍ତ କୂଳପତି କୁମରବର ଦାସ, ବାଲେଶ୍ୱର ବିଶ୍ୱ ବିଦ୍ୟାଳୟର ଫକୀର ମୋହନ ଯୋଗ ଦେଇଥିଲେ । ସଦୟ ଉପସ୍ଥିତି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରମାକାନ୍ତ ଦାସ, ଯାଦବ ବୁଦ୍ଧିଜୀବୀ ମଂଚର ରାଜ୍ୟ ସଭାପତି ଛବିଳ ବଗର୍ତ୍ତି, ବ୍ୟାସ ନଗର ମହାପିଦ୍ୟାଳୟର ପ୍ରାଧ୍ୟାପକ କୁଶଧର ପ୍ରଧାନ, ଯାଜପୁର, ଓଡିଶା ଯାଦବ ବୁଦ୍ଧିଜୀବୀ ମଂଚର ଆବାହକ ଧବଳେଶ୍ୱର ବାଗ ରହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଓଡିଶାରୁ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ ଯଥା କଳାହାଣ୍ଡି ସଭାପତି ନାରାୟଣ ବଗର୍ତ୍ତୀ, ସମ୍ପାଦକ ମଳୟ ଗଉଡ, ବଲାଙ୍ଗିରରୁ ଅଧ୍ୟାପକ କବିରାଜ ଭୋଇ, ବିଜୟ ବାଗ ଶିକ୍ଷକ, ସୋନପୁରରୁ ଆଇନଜୀବୀ ତପନ ଦୁଆଟି, ଆଇନଜୀବୀ ରାକେଶ ଦୀପ ଏବଂ ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଭୁବନେଶ୍ୱରରୁ ଟଙ୍କଧର ଦାସ, ଅଶୋକ ଗଉଡ ଏବଂ ଅନେକେ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିରେନ୍ଦ୍ର ବନଛୋର ଜିଲ୍ଲା ସଭାପତି ପରିଚାଳନା କରିଥିବା ବେଳେ ଆବାହକ ଧବଳେଶ୍ୱର ବାଗ ଧନ୍ୟବାଦ ଦେଇଥିଲେ ।

# ବିଜୁ ଜନତାଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ବୃକ୍ଷ ରୋପଣ

ବଲାଙ୍ଗିର ,୨୫/୦୭ (ନି.ପ୍ର): ବଲାଙ୍ଗିର ଆଜି ସହରର ବିଭିନ୍ନ ସ୍ଥାନରେ ବିଜୁ ଜନତା ଦଳର ୨୫ତମ ପୂର୍ତ୍ତି ଅବସରରେ ବିଜୁ ଜନତା ଦଳ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିବା ଜଣାପଡିଛି । ଏଥିରେ ବଲାଙ୍ଗିର ବିଜୁ ମହିଳା, ଯୁବ ଏବଂ ଛାତ୍ର ଜନତା ଦଳର ସମସ୍ତ ବର୍ଗର ଶତାଧିକ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରି ବୃକ୍ଷ ରୋପଣ କରିଥିଲେ । ଠିକ୍ ସେପରି ଆଜି ଟିଟିଲାଗଡ ଠାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ଧବଳେଶ୍ୱର ଉନ୍ନିତ ଉଚ୍ଚ ବିଦ୍ୟାଳୟ ଠାରେ ବୃକ୍ଷ ରୋପଣ କରାଯାଇଥିଲା ।

# ଆର୍ଥିକ ସଂକଟରେ କୁକୁଡ଼ା ଚାଷ : ଚାଷୀ ବିକୁଛନ୍ତି ୬୦ରେ, ଗ୍ରାହକ କିଣୁଛନ୍ତି ୨୦୦ରେ

କଟକ,୨୫/୦୭ (ନି.ପ୍ର): ରାଜ୍ୟରେ କୁକୁଡ଼ା ଚାଷୀ ଏବେ ଗୁରୁତର ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି । ଚାଷୀ କିଲୋ ପିଛା ୬୦ ଟଙ୍କାରେ କୁକୁଡ଼ା ବିକ୍ରି କରୁଥିବା ବେଳେ ଗ୍ରାହକ କିନ୍ତୁ ତାହାକୁ ବଜାରରୁ ୨୦୦ରୁ ଅଧିକ ଟଙ୍କାରେ କିଣୁଛନ୍ତି । ଏଭଳି ସ୍ଥିତିରେ କୁକୁଡ଼ା ମାଂସ ବ୍ୟବସାୟ ମାନ୍ଦା ଧରିବା ସହ ଚାଷୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ଏ କ୍ଷେତ୍ରରେ ସରକାରୀ ନିଷ୍କ୍ରିୟତା ଏବେ ଉଦ୍‌ବେଗର କାରଣ ହୋଇଛି ।

ସୂଚନାଯୋଗ୍ୟ ଯେ କିଛିବର୍ଷ ପୂର୍ବରୁ ଓଡ଼ିଶା କୁକୁଡା ଚାଷରେ ବହୁ ପଛରେ ଥିଲା । ପ୍ରାୟ ୬୦ ରୁ ୭୦ ପ୍ରତିଶତ କୁକୁଡ଼ା ଓ ଅଣ୍ଡା ପଡ଼ୋଶୀ ରାଜ୍ୟ, ବିଶେଷ କରି ଆନ୍ଧ୍ରପ୍ରଦେଶରୁ ଆସୁଥିଲା । ମାତ୍ର ୨୦୦୦ ମସିହା ପରଠାରୁ ସରକାରଙ୍କର ପ୍ରୋତ୍ସାହନ ଏବଂ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ ହେତୁ ଅନେକ ଶିକ୍ଷିତ ଯୁବକ କୁକୁଡ଼ା ଏବଂ ଅଣ୍ଡା ଚାଷ ବ୍ୟବସାୟ ତଥା ଖାଦ୍ୟ ପ୍ରକ୍ରିୟାକରଣ ବ୍ୟବସାୟରେ ସମ୍ପୃକ୍ତ ହୋଇପାରିଛନ୍ତି । ଆନ୍ଧ୍ର ତଥା ଅନ୍ୟ ପଡ଼ୋଶୀ ରାଜ୍ୟରୁ କୁକୁଡ଼ା ଓ ଅଣ୍ଡା ଓଡ଼ିଶାକୁ ଆସିବା ପ୍ରାୟ ବନ୍ଦ ହୋଇଗଲାଣି । ଏପରିକି ବର୍ତ୍ତମାନ ଓଡ଼ିଶାରୁ କୁକୁଡ଼ା ଏବଂ ଅଣ୍ଡା ପଡ଼ୋଶୀ ରାଜ୍ୟକୁ ପଠାଯାଉଛି । ଅତ୍ୟାଧୁନିକ କୁକୁଡ଼ା ଚାଷ ପ୍ରଣାଳୀ ଏବଂ ହାଇଜେନିକ୍ ପଦ୍ଧତିରେ କୁକୁଡ଼ା ଚାଷ କରାଯାଉଛି । ଏହି କୁକୁଡ଼ା ଚାଷୀମାନେ ଖାଉଟିମାନଙ୍କୁ ସ୍ୱାସ୍ଥ୍ୟୋପଯୋଗୀ କୁକୁଡ଼ା ମାଂସ ଏବଂ ଅଣ୍ଡା ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ ଅନବରତ ଉଦ୍ୟମ କରିଆସୁଛନ୍ତି । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ କୁକୁଡ଼ା ଚାଷୀ ଏବଂ ଖାଉଟିମାନଙ୍କ ଭିତରେ ବିରାଟ ଦୂରତା ସୃଷ୍ଟି ହୋଇଛି । ବର୍ତ୍ତମାନ ବଜାରରେ ଛେଳି ମାଂସ ମୂଲ୍ୟ କେଜି ପ୍ରତି ୬୫୦ ରୁ ୭୦୦ ଟଙ୍କା ଏବଂ ମାଛ କେଜି ପ୍ରତି ୨୦୦ ଟଙ୍କାରେ ବିକ୍ରି ହେଉଛି । ଚାଷୀମାନେ କୁକୁଡ଼ା କିଲୋପ୍ରତି ୬୦ ରୁ ୭୦ ଟଙ୍କାରେ ଦେଉଥିବା ବେଳେ ଖାଉଟିମାନେ ବଜାରରୁ ପ୍ରାୟ ୨୦୦ରୁ ୨୩୦ ଟଙ୍କାରେ କୁକୁଡ଼ା କିଣୁଛନ୍ତି । କୁକୁଡ଼ା ମାଂସର ଅତ୍ୟଧିକ ମୂଲ୍ୟବୃଦ୍ଧି ଖାଉଟିମାନଙ୍କୁ ପ୍ରଭାବିତ କରୁଛି । ଯାହା ଫଳରେ ବଜାରରେ କୁକୁଡ଼ା ମାଂସର ବିକ୍ରି ମଧ୍ୟ କମୁଛି ।

କୁକୁଡ଼ା ମାଂସର ମୂଲ୍ୟକୁ ନେଇ କୁକୁଡ଼ା ଚାଷୀ ଏବଂ ଖାଉଟିମାନଙ୍କ ଭିତରେ ରହିଯାଉଥିବା ଦୂରତାକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀସ୍ତରରେ କୌଣସି ବ୍ୟବସ୍ଥା ମଧ୍ୟ ନାହିଁ । କମ୍ କୁକୁଡ଼ା ବିକ୍ରି ପ୍ରଭାବ ଯୋଗୁଁ ଫାର୍ମରେ ରହିଯାଉଥିବା କୁକୁଡ଼ାମାନଙ୍କର ଖାଦ୍ୟ, ଔଷଧ ଇତ୍ୟାଦି ଖର୍ଚ୍ଚ ବୃଦ୍ଧି ପାଉଥିବାରୁ କୁକୁଡ଼ା ଚାଷୀମାନେ ବର୍ତ୍ତମାନ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ବଜାରରେ କୁକୁଡ଼ା ମାଂସର ସର୍ବନିମ୍ନ ମୂଲ୍ୟ ସ୍ଥିର କରିବା ପାଇଁ ଅନେକ କୁକୁଡ଼ା ଚାଷୀ ସରକାରଙ୍କୁ ଅବଗତ କରାଇଛନ୍ତି । ସରକାର ଯଦି କୌଣସି ଉଚିତ୍ ପଦକ୍ଷେପ ନନେବେ ଓଡ଼ିଶାର ଅନେକ କୁକୁଡ଼ା ଫାର୍ମ ଏବଂ ପ୍ରଜନନ କେନ୍ଦ୍ରଗୁଡ଼ିକ ବନ୍ଦ ହୋଇଯିବ । ତେବେ ଏହି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଥିବା ଓଡ଼ିଶା ପୁଣି ଆନ୍ଧ୍ର ଏବଂ ଅନ୍ୟ ପଡ଼ୋଶୀ ରାଜ୍ୟମାନଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହେବ ।

# ଚିନ୍ତା ବଢ଼ାଉଛି ଦୁର୍ଘଟଣାଗ୍ରସ୍ତ କଣ୍ଟେନର



ବ୍ରହ୍ମଗିରି ,୨୫/୦୭ (ନି.ପ୍ର): ବର୍ଷ ବର୍ଷ ଧରି ସମୁଦ୍ର ଉପକୂଳରେ ଏକ ଜାହଜର ବିଶାଳ କଣ୍ଟେନର ବାଲିରେ ପୋତି ହୋଇ ପଡିଛି । ଏଥିରେ ସମୁଦ୍ର ଜୁଆର ମାଡ ହୋଇ ବାଲିବନ୍ତ ଖାଇବାରେ ଲାଗିଛି । ଫଳରେ ଉପକୂଳ ଜନବସତିକୁ ବିପଦ ଆଶଙ୍କା ବଢିଛି । କୃଷ୍ଣପ୍ରସାଦ ବ୍ଲକ୍ ଖିରିସାହି-ରାଜହଂସ ନିକଟରେ ୨୦୧୯ ମସିହାରେ ଏକ ମାଲେସିଆ ଜାହଜ ଦୁର୍ଘଟଣାଗ୍ରସ୍ତ ହୋଇ ଉପକୂଳରେ ଲାଗିଥିଲା । ଜାହଜଟି ଗୋପାଳପୁର ନିକଟରେ ମଝି ସମୁଦ୍ରରେ ଦୁର୍ଘଟଣାର ଶିକାର ହେବା ପରେ ଭାସି ଭାସି ଆସି ଚିଲିକାର ରାଜହଂସ ଓ ଖିରିସାହି ନିକଟ ସମୁଦ୍ର କୂଳରେ ଲାଗିଥିଲା । ଜାହଜରେ ଥିବା ୯ ଜଣ କର୍ମଚାରୀଙ୍କୁ ଉଦ୍ଧାର କରି ସ୍ଥାନୀୟ ପ୍ରଶାସନ ସେମାନଙ୍କ ଦେଶକୁ ପଠାଇଥିଲା । ସିଙ୍ଗାପୁରରୁ ଚିତା ନାମକ ଏକ ଜାହଜ ଆସି ଏହି ଜାହଜକୁ କୋଲକାତାକୁ ଟାଣି ନେଇଥିଲା । ଜାହଜରେ ଥିବା ତେଲକୁ କାଢି ଉପକୂଳକୁ ଅଣାଯାଇଥିଲା । କିନ୍ତୁ ୩୦ ହଜାର ଟନ୍ ବିଶିଷ୍ଟ ବିଶାଳକାୟ କଣ୍ଟେନରକୁ ସମ୍ପୃକ୍ତ ଜାହଜ କମ୍ପାନି ନେଇ ପାରି ନ ଥିଲା । ତୁରନ୍ତ କଣ୍ଟେନରକୁ ଉଠାଇ ନେବାକୁ ଜିଲ୍ଲା ପ୍ରଶାସନ ସମ୍ପୃକ୍ତ କମ୍ପାନିକୁ ନିର୍ଦ୍ଦେଶ ଦେଇଥିଲା । କିଛି ଦିନ ପରେ ସମ୍ପୃକ୍ତ କମ୍ପାନି କଣ୍ଟେନରର କିଛି ଅଂଶ କାଟି ସାତପଡାକୁ ଆଣିଥିଲା । କିନ୍ତୁ କଣ୍ଟେନର୍ରର ଅଧାରୁ ଅଧିକ ସମୁଦ୍ର କୂଳ ବାଲିରେ ପୋତି ହୋଇ ରହିଛି । କଣ୍ଟେନର ବାଲିରେ ପୋତି ହୋଇଯିବା ଫଳରେ ସମୁଦ୍ର ଜୁଆର ଆସି ଉପକୂଳ ବାଲିବନ୍ତରେ ମାଡ ହେଉଛି । ଫଳରେ ବାଲିବନ୍ତ ଧୋଇବାରେ ଲାଗିଛି । ଏଠାରେ ଆଉ ଏକ ପ୍ରାକୃତିକ ମୁହାଣ ଖୋଲିବାର ଆଶଙ୍କା ଦେଖା ଦେଇଛି । ମୁହାଣ ଖୋଲିଲେ ଚିଲିକା ଉପକୂଳରେ ଥିବା କୃଷ୍ଣପ୍ରସାଦ ବ୍ଲକ୍‌ର ୨୦ରୁ ଅଧିକ ଜନବସତି ଉପରେ ବିପଦ ଆଶଙ୍କା ଦେଖାଦେବ । କେବଳ ଯେ ଜନବସତିକୁ ବିପଦ ଆଶଙ୍କା ରହିଛି ସେକଥା ନୁହେଁ, ବରଂ ଚିଲିକା ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ମଧ୍ୟ ରହିଛି । ଅନ୍ୟପଟେ ଚିଲିକା-ସମୁଦ୍ର ମଝିରେ ରାଜହଂସ ଭଳି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଉପରେ ପ୍ରଭାବ ପଡିବାର ଆଶଙ୍କା ରହିଛି । ତୁରନ୍ତ ପୋତି ହୋଇ ରହିଥିବା କଣ୍ଟେନରକୁ ଉଠାଇ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ମଙ୍ଗଳବାର, ଜୁଲାଇ ୨୬, ୨୦୨୦

# ବୁଲି ଯାଆନ୍ତୁ କାନ୍‌ଝାରୀ ଡ୍ୟାମ୍







ପର୍ଯ୍ୟଟନ ଋତୁ ଆସିଲେ କେନ୍ଦୁଝର ଜିଲାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । କାନ୍‌ଝାରୀ ଡ୍ୟାମ୍ ଏକ ସୁନ୍ଦର ପର୍ଯ୍ୟଟନସ୍ଥଳୀ । ଦୁଇଟି ମୁଣ୍ଡିଆ ପାହାଡ ମଝିରେ ନିର୍ମିତ ହୋଇଛି ଏହି ଡ୍ୟାମ୍ । ଉପରମୁଣ୍ଡରେ ମାଇଲମାଇଲ ବ୍ୟାପି ବିସ୍ତୀର୍ଣ୍ଣ ଜଳଭଣ୍ଡାର ଓ ସବୁଜିମାଭରା ବିଶାଳ ଜଙ୍ଗଲ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରୁଛି । ଡ୍ୟାମ୍‌ର ନିମ୍ନଭାଗରେ ରହିଛି ଏକ ବିରାଟ ଇକୋ ପାର୍କ । ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏହି ମନୋରମ ପାର୍କରେ ଭଲ ବ୍ୟବସ୍ଥା ରହିଛି । ପିକ୍‌ନିକ୍ ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ । ପ୍ରତିବର୍ଷ ପିକ୍‌ନିକ୍ ଋତୁରେ, ବିଶେଷ କରି ବଡଦିନ ଓ ନୂଆବର୍ଷ ଭଳି ଦିନମାନଙ୍କରେ ଏଠାରେ ପ୍ରବଳ ଜନଗହଳି ଦେଖାଯାଏ ।

### ସେହି ସୌନ୍ଦର୍ଯ୍ୟମୟୀ ଡ୍ୟାମ ସମ୍ପର୍କରେ

କେନ୍ଦୁଝର ଜିଲାର କେନ୍ଦୁଝର ବ୍ଲକରେ ରହିଛି କାନ୍‌ଝାରୀନାଳ ନାମକ ଏକ ଉପନଦୀ ଉପରେ ଏହି ବନ୍ଧ ନିର୍ମିତ । କାନ୍‌ଝାରୀ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଏହି ବନ୍ଧର ନିର୍ମାଣ ୧୯୮୦ରୁ ଆରମ୍ଭ ହୋଇ ୧୯୮୯ ରେ ସମ୍ପୂର୍ଣ୍ଣ ହୋଇଥିଲା । ନଦୀର ଉଭୟ ପାର୍ଶ୍ୱରେ କାନ୍‌ଝାରୀ କଲୋନୀ ନୀଳକଣ୍ଠେଶ୍ୱର ଓ ଚକ ରଘୁନାଥେଶ୍ୱର ଶିବମନ୍ଦିର ରହିଛି । ଡ୍ୟାମ୍‌ର ଠିକ୍ ତଳେ ହନୁମାନ ହୁଡି ମଧ ରହିଛି । ନଦୀ ଉପରେ ଦୁଇଟି ପାହାଡ ମଝିରେ ସୁନ୍ଦର ମାଟିବନ୍ଧ, ମାଇଲ ମାଇଲ ବ୍ୟାପୀ ବିସ୍ତୀର୍ଣ୍ଣ ଜଳରାଶି, ଉଭୟ ପାର୍ଶ୍ୱରେ ସବୁଜ ବନାନୀ, ପାହାଡ ମୁଣ୍ଡରେ ଦୁଇଟି ସରକାରୀ ବଙ୍ଗଳାରେ ରାତ୍ରିଯାପନର ସୁବିଧା ରାଜ୍ୟ ତଥା ରାଜ୍ୟ ବାହାର ଏବଂ ବିଦେଶୀ ପର୍ଯ୍ୟଟକଙ୍କୁ ବର୍ଷର ସବୁ ସମୟରେ ଆକୃଷ୍ଟ କରିଥାଏ । ପୁଣ୍ୟତୋୟା ବୈତରଣୀର ଉତ୍ପତ୍ତିସ୍ଥଳ ଗୋନାସିକା ପର୍ବତରୁ ଏହି ନଦୀର ଉଦ୍‌ଗମ ହୋଇଥିବାରୁ ଏହି ନଦୀରେ ସ୍ନାନ କଲେ ବୈତରଣୀ ଅନୁରୂପ ପୁଣ୍ୟଲାଭ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ଶ୍ରୀ ଶ୍ରୀ ରଘୁନାଥେଶ୍ୱର ଓ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ମକର ସଂକ୍ରାନ୍ତି, ଶିବରାତ୍ରି, ଦୋଳପୂର୍ଣ୍ଣିମା ଆଦି ପବିତ୍ର ଦିନମାନଙ୍କରେ ପ୍ରବଳ ଜନସମାଗମ ହୋଇଥାଏ । ଏହାର ପ୍ରାକୃତିକ ପରିବେଶ ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରିବା ସହ ସେମାନଙ୍କୁ ମାନସିକ ଶାନ୍ତି ପ୍ରଦାନ କରିଥାଏ ।

### କିପରି ଯିବେ ? :

ଜାତୀୟ ରାଜପଥ ୨୦ରେ ଘଟଗାଁ ଆଡୁ କେନ୍ଦୁଝର ଯିବାବେଳେ ୩୦ କିମି ଏବଂ କେନ୍ଦୁଝର ପଟୁ ଘଟଗାଁ ଆଡକୁ ଯିବାବେଳେ ୧୬ କିମି ଦୂରରେ ପଡେ ଚାନ୍ଦପଶି ଛକ । ଚାନ୍ଦପଶି ଛକଠାରୁ ଉତ୍ତର ଦିଗକୁ ୩ କିମି ଜଙ୍ଗଲ ରାସ୍ତା ପାରି ହେବା ପରେ ପଡେ କାନ୍‌ଝାରୀ ଡ୍ୟାମ୍ । ରାସ୍ତା ସେତେ ଭଲ ନହେଲେ ମଧ ପିଚୁ ରାସ୍ତା ଅଛି । କାର୍, ବସ୍ ଆଦି ସମସ୍ତ ଯାନବାହନ ଅନାୟାସରେ ଯା' ଆସ କରିପାରିବ । ଡ୍ୟାମ ଉପର ରାସ୍ତା ଦେଇ ନଦୀ ପାର ହେଲେ ଇକୋ ପାର୍କକୁ ଯାଇ ମନଖୁସିରେ ପିକ୍‌ନିକ୍ କରିପାରିବେ । ନଦୀର ଉଭୟ ପାର୍ଶ୍ୱରେ ମଧ ପିକ୍‌ନିକ୍ ପାଇଁ ସୁବିଧାଜନକ ଜାଗା ରହିଛି । ଏଠାରେ ରହିବା ପାଇଁ ଛୋଟ ବଡ ହୋଟେଲମାନ ରହିଛି । ତେବେ କାନଝାରୀ ଡ୍ୟାମ୍‌ରେ ବୋଟିଂ, ପାର୍କର ଉନ୍ନତିକରଣ, ଡ୍ୟାମ୍‌ରେ ଆଲୋକ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ରହଣି ବ୍ୟବସ୍ଥା, ଫୁଲ ବଗିଚା ବ୍ୟବସ୍ଥା କରାଗଲେ ଏଠାକୁ ଅଧିକ ପର୍ଯ୍ୟଟକ ଆକର୍ଷିତ ହୋଇପାରନ୍ତେ ।

# ରହସ୍ୟମୟ କୁଣ୍ଡ

## ତାଳି ମାରିଲେ ଉପରକୁ ଉଠିଥାଏ ପାଣି



ବିଶ୍ୱରେ ଏପରି ଅନେକ ରହସ୍ୟମୟ କଥା ରହିଛି ଯାହାର କାରଣ ଖୋଜିବା ବୈଜ୍ଞାନିକମାନଙ୍କ ପାଇଁ ସମ୍ଭବ ହୋଇପାରିନାହିଁ । ଭାରତରେ ଏପରି ଏକ ରହସ୍ୟମୟୀ ଜଳକୁଣ୍ଡ ରହିଛି । ଝାଡଖଣ୍ଡର ବୋକାରୋ ଜିଲ୍ଲାରେ ଥିବା ଏହି ଜଳକୁଣ୍ଡର ନାମ ଦଲାହି କୁଣ୍ଡ । ସିମେଂଟ ପ୍ରାଚୀର ଘେରା ଭିତରେ ଏହି କୁଣ୍ଡଟି ଥିଲା ବେଳେ ଯେତେବେଳେ କେହି ତାଳି ମାରିଥାଏ ସେତେବେଳେ କୁଣ୍ଡର ପାଣି ଉପରକୁ ଉଠିଥାଏ । ଭୂ-ବୈଜ୍ଞାନିକମାନେ ମଧ ଅଦ୍ୟାବଧି କାହିଁକି ଏପରି ଘଟୁଛି ତାହାର କାରଣ ଖୋଜି କାଢିପାରିନାହାଁନ୍ତି । ଆଉ ଏକ ରହସ୍ୟ ହେଉଛି ଏହି କୁଣ୍ଡର ପାଣି ଖରାଦିନେ ଥଣ୍ଡା ଏବଂ ଶୀତ ଦିନେ ଉଷୁମ ରହିଥାଏ । ଲୋକଙ୍କ ବିଶ୍ୱାସ ଏହି କୁଣ୍ଡରେ ଗାଧୋଇଲେ ଚର୍ମ ରୋଗ ଦୂର ହୋଇଥାଏ । ତେଣୁ ବିଭିନ୍ନ ରାଜ୍ୟରୁ ଲୋକେ ଏହି କୁଣ୍ଡ ଦେଖିବାକୁ ଏବଂ ଏଠାରେ ଗାଧୋଇବାକୁ ଆସିଥାନ୍ତି ।

# ତରବରରେ ଖାଇଲେ ବଢିଥାଏ ଓଜନ

ଆପଣ ଯଦି ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଯେଉଁମାନେ ଖାଇବା ସମୟରେ ଖାଦ୍ୟକୁ ଭଲ ଭାବେ ନ ଚୋବାଇ ଥାଳି ସଫା କରିବାର ଚେଷ୍ଟା କରିଥାନ୍ତି ତେବେ ସାବଧାନ ହୋଇଯାଆନ୍ତୁ । ବର୍ତ୍ତମାନର କର୍ମ ବ୍ୟସ୍ତ ଜୀବନରେ ମହିଳାମାନେ ଖାଇବାକୁ ଅଧିକ ଗୁରୁତ୍ୱ ଦେଇନଥାନ୍ତି । ତରବରିଆ କ'ଣ ଦି' ଖଣ୍ଡ ପାଟିରେ ଭର୍ତ୍ତି କରିବା ଉପରେ ଜୋର ଦେଇଥାନ୍ତି । ତେବେ ଏହି ଧଣରା ଅନେକ ସମସ୍ୟାକୁ ଜନ୍ମ ଦେଇଥାଏ । ବିଶେଷ କରି ଓଜନ ବଢିବା ଏବଂ ଡାଇବେଟିସ୍‌କୁ ଆମନ୍ତ୍ରଣ କରିବାରେ ଏହା ସହାୟକ ହୋଇଥାଏ । ବିଶେଷଜ୍ଞମାନଙ୍କ ଯୁକ୍ତି ହେଉଛି ଯେ, ଖାଇବା ପାଇଁ ଅତିକମ୍‌ରେ ୨୦ ମିନିଟ୍ ସମୟ ଥିବା ଦରକାର । ଏହି ସମୟରେ ଖାଇବାକୁ ଭଲ ଭାବେ ଚୋବାଇ ଗ୍ରହଣ କରି ଜାଣିପାରିଛନ୍ତି ଯେ, ଖାଦ୍ୟ ଜିନିଷକୁ ଅଧିକ ସମୟ ଖାଇବା ଦ୍ୱାରା ଆପଣ କମ୍ ଖାଦ୍ୟ ଖାଇଥାନ୍ତି । ଏହା ଶରୀର ପାଇଁ ଉପଯୋଗୀ । ତେବେ ସଠିକ୍ ଭାବରେ ତରବର ହୋଇ ଖାଇବା ଦ୍ୱାରା ପେଟକୁ ସିନା ଖାଦ୍ୟ ଯାଇଥାଏ, ହେଲେ ଏହା ହଜମ ପ୍ରକ୍ରିୟାକୁ ବାଧା ସୃଷ୍ଟି କରିଥାଏ । ଏହାଦ୍ୱାରା ଓଜନ ବୃଦ୍ଧି ପାଇଥାଏ । ସେହିପରି ତରବର ଭାବେ ଖାଦ୍ୟ ଖାଇଲେ ମସ୍ତିଷ୍କକୁ ସଠିକ୍ ବାର୍ତ୍ତା ଯାଇପାରିନଥାଏ । ଏହା ମଣିଷର ଇନସୁଲିନ୍‌କୁ ପ୍ରଭାବିତ କରିଥାଏ ।



# ଧୂମପାନ ନ କରିବାର ପୁରସ୍କାର

କିଛି ମାସ ତଳର ଘଟଣା । ଜାପାନର ରାଜଧାନୀ ଟୋକିଓସ୍ଥ ଏକ ନାମୀ କମ୍ପାନୀ ନିଜ କର୍ମଚାରୀଙ୍କ ନିମନ୍ତେ ସୁନ୍ଦର ପଦକ୍ଷେପ ନେଇ ଚର୍ଚ୍ଚା ପରିସରକୁ ଆସିଛି । କମ୍ପାନୀ ମୁଖ୍ୟ ପାଖାପାଖି ୪ବର୍ଷ ତଳେ ଅନୁଧ୍ୟାନ କଲେ ଯେ, ଅଧିକାଂଶ କର୍ମଚାରୀ କାର୍ଯ୍ୟାଳୟରେ ଧୂମପାନ କରୁଛନ୍ତି । ତାଙ୍କ ଲକ୍ଷ୍ୟଥିଲା, କର୍ମଚାରୀଙ୍କୁ ଏଥିରୁ ନିବୃତ୍ତ କରିବା । ବାରମ୍ବାର କଡ଼ା କଟକଣା ସତ୍ତ୍ୱେ ସେ ଦେଖିଲେ କିଛି ଲାଭ ମିଳୁନି । ଶେଷରେ ଏକ ଉପାୟ ପାଞ୍ଚିଲେ । ଧୂମପାନ କରୁନଥିବା କର୍ମଚାରୀଙ୍କୁ ପ୍ରତି ୩ମାସରେ ଥରେ ବିଶ୍ୱର ପ୍ରମୁଖ ପ୍ରାନ୍ତକୁ ଛୁଟି କାଟିବା ନିମନ୍ତେ ସପରିବାର ପଠାଗଲା । ଏହି ଛୁଟିର ସମସ୍ତ ଖର୍ଚ୍ଚ କମ୍ପାନୀ ବହନ କଲା । କମ୍ପାନୀର ଏଭଳି ଯୋଜନା ଦେଖି ଧୂମପାନ କରୁଥିବା କର୍ମଚାରୀ ଚିନ୍ତାରେ ପଡ଼ିଗଲେ । ଈର୍ଷା ହେବା ଏକ ସ୍ୱାଭାବିକ କଥା ଥିଲା । ମାସ କେଇଟାରେ ସେହି କର୍ମଚାରୀମାନେ ଧୂମପାନ ଅଭ୍ୟାସରୁ ଦୂରେଇ ଆସିଥିଲେ । କର୍ମଚାରୀଙ୍କ ଏଭଳି ଚେଷ୍ଟା ଦେଖି କମ୍ପାନୀ ମୁଖ୍ୟ ଖୁସି ହେବା ସହ ସେମାନଙ୍କୁ ମଧ ଭ୍ରମଣ କରିବାର ସୁଯୋଗ ଦେଇଛନ୍ତି ।

# ଭୋଜନ କକ୍ଷ

ଘରର ଅନ୍ୟ ସମସ୍ତ କୋଠରି ପରି ଡାଇନିଂ ସ୍ପେସ୍, ବା ଡାଇନିଂ ରୁମ୍ (ଭୋଜନ କକ୍ଷ ) ମଧ ମହ ୍ୱପୂର୍ଣ୍ଣ । ଏହାର ଅବସ୍ଥିତି, ଆସବାବପତ୍ର ତଥା ଅନ୍ୟାନ୍ୟ ସାମଗ୍ରୀର ସ୍ଥିତି ପରିବାରର ଭଲମନ୍ଦକୁ ପ୍ରଭାବିତ କରେ । ତେଣୁ ଏଗୁଡିକ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ଉଚିତ । ବାସ୍ତୁ ଶାସ୍ତ୍ରରେ ଭୋଜନ କକ୍ଷ ପାଇଁ ଥିବା କିଛି ପରାମର୍ଶ ଏଠାରେ ସ୍ଥାନିତ ।

୧. ଭୋଜନ କକ୍ଷ ପାଇଁ ପଶ୍ଚିମ ଦିଗ ଉ ମ ଏବଂ ଶୁଭ ଫଳଦାୟକ ।
୨. ଭୋଜନ ପାଇଁ ପ୍ରସ୍ତୁତ ଖାଦ୍ୟ ଦକ୍ଷିଣ-ପୂର୍ବ ଭାଗରେ ରହିବା ଉଚିତ୍ ।
୩. କାନ୍ଥକୁ ଲାଗି ଡାଇନିଂ ଟେବୁଲ ରଖନ୍ତୁ ନାହିଁ ।
୪. ୱାଟର ଫିଲ୍‌ଟର୍ ଓ ୱାଶିଂ ବେସିନ ଭୋଜନ କକ୍ଷର ଉ ର, ପୂର୍ବ କିମ୍ବା ଉ ର-ପୂର୍ବ କୋଣରେ ରହିବା ଉଚିତ୍ ।
୫. ଡାଇନିଂ ଟେବୁଲର ଆକାର ବର୍ଗାକାର ହେବା ଉଚିତ୍ ।
୬. ଖାଇବା ବେଳେ ଗୃହକ ର୍ଙ୍କ ମୁହଁ ସର୍ବଦା ଯେପରି ପୂର୍ବ ଦିଗକୁ ରହିବ ସେଥି ପ୍ରତି ଧ୍ୟାନ ଦିଅନ୍ତୁ ।
୭. ଭୋଜନ କକ୍ଷର ରଙ୍ଗ ଗୋଲାପି ବା ନାରଙ୍ଗି ହେବା ଉଚିତ୍ ।
୮. ଭୋଜନ କକ୍ଷକୁ ଲାଗି ଗାଧୁଆ ଘର ଥିଲେ ସ୍ଥାନ ପରିବ ର୍ନ କରନ୍ତୁ ।
୯. ସକାରାତ୍ମକ ଶକ୍ତି ପାଇଁ ଏହାର ଉ ର ଓ ପୂର୍ବ ଦିଗରେ ଦର୍ପଣ ଲଗାଇ ପାରନ୍ତି ।
୧୦.ଘରର ମୁଖ୍ୟ ଦ୍ୱାରରୁ ଦେଖାଯାଉଥିବା ସ୍ଥାନ ଭୋଜନ କକ୍ଷ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ।



# ୩୦ ବର୍ଷ ତଳେ ଘଟିଥିଲା

## ଆକାଶରୁ ହୋଇଥିଲା ଶବ ବର୍ଷା

ଏଡିନବର୍ଗ ବିଶ୍ୱରେ ଏପରି ଘଟଣା କିଛି ଘଟିଛି ଯାହାକୁ ଶୁଣିଲେ, ଯାହା ବିଷୟରେ ଜାଣିଲେ ସହଜରେ ବିଶ୍ୱାସ ମଧ କରିହୁଏ ନାହିଁ । ୩୦ ବର୍ଷ ତଳେ ଏଭଳି ଏକ ଭୟାନକ ଘଟଣା ସ୍କଟଲାଣ୍ଡରେ ଦେଖିବାକୁ ମିଳିଥିଲା । ଏହିଦିନ ହଠାତ୍ ଆକାଶରୁ ଶବ ବର୍ଷା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଥିଲେ । ପ୍ରକୃତରେ ଏହି ଘଟଣା ଶବ ନେଉଥିବା ଏକ ବିମାନର ଦୁର୍ଘଟଣା କାରଣରୁ ଘଟିଥିଲା । ଯେଉଁ ବିମାନର ନାମ ଥିଲା ପ୍ୟାନ୍ ଏମ୍-୧୦୩ । ଏହି ବିମାନଟି ଜର୍ମାନୀର ଫ୍ରାଙ୍କଫର୍ଟରୁ ଲଣ୍ଡନ ଯାଉଥିଲା । ସ୍କଟଲାଣ୍ଡ ଆକାଶରେ ଯାଉଥିବା ସମୟରେ ବିମାନରେ ବିସ୍ଫୋରଣ ହୋଇଥିଲା । ଫଳରେ ତଳେ ପଡିଥିଲା ଶବଗୁଡିକ । କିଛି ଜୀବନ୍ତ ଲୋକ ମଧ ତଳେ ଖସି ପ୍ରାଣ ହରାଇଥିଲେ । ଏହି ଘଟଣା ପରେ ଉକ୍ତ




ଅଂଚଳରେ ବିକ୍ଷିପ୍ତ ଭାବେ ପଡିଥିଲା ଶବ ସବୁ । ବିମାନରେ ମଧ ୨୪୩ ଜଣ ପାସେଞ୍ଜର ଥିଲେ । ତଦନ୍ତରୁ ଜଣାପଡିଲା ଯେ, ଆତଙ୍କର ହାମ୍‌ଲା କାରଣରୁ ଏହି ଦୁର୍ଘଟଣା ଘଟିଥିଲା । ବିମାନରେ ୨୦ ଇଞ୍ଚର ଗର୍ତ୍ତ ସୃଷ୍ଟି ହୋଇଥିଲା । ସ୍କଟଲାଣ୍ଡର ଜଣେ କୃଷକ କେଟ୍ ଏଣ୍ଡରସନ୍ କହିଛନ୍ତି ଯେ, ମୋ ଫାର୍ମ ହାଉସ୍‌ରେ ପଡିଥିଲା ୯୮ଟି ଶବ । ଆଜି ବି ଏହି ଘଟଣା ମନେପଡିଲେ ଭୟ ସୃଷ୍ଟି ହୁଏ ।

# ପିଲାଙ୍କଠୁ ଅଧିକ ମୋବାଇଲ୍ ନିଶାରେ ଅଭିଭାବକ



ଡିଜିଟାଲଙ୍କ ଯୁଗରେ ଖାଲି ଛୋଟପିଲା ନୁହେଁ ବଡମାନେ ମଧ ମୋବାଇଲ ଓ ଅନ୍ୟ ଡିଜିଟାଲ ଉପକରଣ ନିଶାରେ ପଡୁଛନ୍ତି । ଏକ ସର୍ଭେ ଅନୁସାରେ ୭୦ ପ୍ରତିଶତ ବାପା-ମାଆ ସ୍ୱୀକାର କରିଛନ୍ତି ଯେ, ସେମାନେ ଆବଶ୍ୟକତାଠାରୁ ଅଧିକ ସମୟ ଅନ୍‌ଲାଇନ୍‌ରେ ରହୁଛନ୍ତି । ଯାହାର ପ୍ରଭାବ ପରିବାର ଉପରେ ପଡୁଛି । ଅନେକ ସମୟରେ ଅଭିଯୋଗ ହୋଇଥାଏ ଯେ, ପିଲାମାନେ ଅଧିକ ସମୟ ମୋବାଇଲ୍, ଲାପ୍‌ଟପ୍‌ରେ ସମୟ ଦେଉଥିବାରୁ ଏହା ପରିବାରକୁ ପ୍ରଭାବିତ କରୁଛି । ତେଣୁ ପିଲାଙ୍କ ପାଇଁ, ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରଥମେ ଅଭିଭାବକମାନଙ୍କୁ ଏହି ନିଶାରୁ ନିଜକୁ ଦୂରେଇ ରଖିବାକୁ ହେବ । ଯାହାଦ୍ୱାରା ସେମାନେ ନିଜ ପିଲାର ଏବଂ ପରିବାରର ଭଲ ମନ୍ଦକୁ ଦୃଷ୍ଟି ଦେଇପାରିବେ, ଗୁରୁତ୍ୱ ମଧ ଦେବେ । ପିଲାଙ୍କ ସହ ଅଧିକ ସମୟ କାଟିବା ପିଲାଙ୍କୁ ଖାଲି ଯେ ଉତ୍ସାହିତ କରିଥାଏ ତାହା ନୁହେଁ ବରଂ ଏହା ସେମାନଙ୍କ ମାନସିକ ଓ ଶାରୀରିକ ବିକାଶକୁ ମଜବୁତ କରିଥାଏ । ତେଣୁ ବାପା-ମାଆ ଆବଶ୍ୟକତା ଅନୁଯାୟୀ ମୋବାଇଲ୍ ବ୍ୟବହାର ସହ ବାକି ବଳକା ସମୟ ପିଲା ଓ ପରିବାରକୁ ଦେଲେ ଏକ ସୁସ୍ଥ ଓ ସମୃଦ୍ଧି ପରିବାର ଗଠନ ହୋଇପାରିବ ।

# ଦେହକୁ ହିତ ପାଳଙ୍ଗ

ଉତ୍ତମ, ଉପାଦେୟ ଓ ସ୍ୱାଦିଷ୍ଟ ଖାଦ୍ୟ ଭାବେ ପାଳଙ୍ଗ ଜଣାଶୁଣା । ଏଥିରେ ଭିଟାମିନ-ଏ, ମ୍ୟାଗ୍‌ନେସିଅମ୍, ଆଇରନ, ପୋଟିସିୟମ, କାର୍ବୋହାଇଡ୍ରେଟ, ସୋଡିୟମ, ପ୍ରୋଟିନ, କ୍ୟାଲସିଅମ ପ୍ରଭୃତି ଖଣିଜ ସହ ଶରୀର ପାଇଁ ଆବଶ୍ୟକ ହେଉଥିବା ପ୍ରାୟ ସବୁ ପୋଷକତତ୍ତ୍ୱ ଏଥିରେ ଥାଏ । ସାଧାରଣତଃ ବର୍ଷା ଓ ଶୀତଋତୁରେ ଏହା ଉତ୍ପାଦିତ ହୁଏ । ଏହା ମାଟି ଉପରେ ହେଉଥିବାରୁ ରାନ୍ଧିବା ପୂର୍ବରୁ ଏହାକୁ ଭଲ ଭାବରେ ଧୋଇବା ଉଚିତ୍ । ଏହାର ରସ ମଧ ଦେହ ପାଇଁ ଉପକାରୀ ।

**ଗୁଣ ଓ ଫାଇଦା:**

୧. ମାଂସ ଖାଉ ନଥିବା ବ୍ୟକ୍ତି ପାଳଙ୍ଗ ନିୟମିତ ଖାଇବା ଉଚିତ । ଏହା ଶରୀରର ପ୍ରୋଟିନ ଆବଶ୍ୟକତା ପୂରଣ କରେ । ମାଂସରୁ ଯେତିକି ପରିମାଣର ପ୍ରୋଟିନ ମିଳେ ତା'ଠାରୁ ଅଧିକ ପାଳଙ୍ଗ ଯୋଗାଇଥାଏ ।
୨. ଏଥିରେ ଥିବା ମ୍ୟାଗ୍‌ନେସିଅମ ଦେହର ରୋଗ ପ୍ରତିରୋଧକ ଶକ୍ତି ବଢା
୩. ହୃଦୟ ସମ୍ପର୍କିତ ରୋଗ, ଏପରିକି ହୃଦ୍‌ଘାତ ଆଶଙ୍କା ଏଡାଇବାରେ ପା୍ ସହାୟକ ।
୪. ଏହା ଶରୀରର ଓଜନ କମାଇବାରେ ସାହାଯ୍ୟ କରେ । ଯେଉଁମାନଙ୍କ ଅଧିକ ସେମାନେ ନିୟମିତ ପାଳଙ୍ଗ ଖାଇବା ଉଚିତ୍ ।
୫. ଏଥିରେ ପ୍ରଚୁର ପରିମାଣର ଆଇରନ ଥାଏ । ନିୟମିତ ପାଳଙ୍ଗ ଖାଇେ ରକ୍ତହୀନତା ଦୂର ହୁଏ ।
୬. ଏଥିରେ ଥିବା ଭିଟାମିନ-ଏ ଆଖିକୁ ନୀରୋଗ ରଖେ ।
୭. ପାଳଙ୍ଗରେ ଥିବା ଭିଟାମିନ-କେ ହାଡକୁ ଶକ୍ତ ଓ ମଜଭୂତ କରିବାରେ ସହାୟକ ହୁଏ ।
୮. ଅଜୀର୍ଣ୍ଣ, ଏସିଡିଟି, ଅଲ୍ସର ଓ ଅଗ୍ନିମାନ୍ଦ୍ୟ ଦୂରକରେ ।
୯. ନିୟମିତ ପାଳଙ୍ଗ ଖାଇଲେ ଉଚ୍ଚ ରକ୍ତଚାପ ସ୍ୱାଭାବିକ ସ୍ତରକୁ ଆସେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବନ୍ଧୁ ଓ ବନ୍ଧୁର ପଥ....

ଚଳିତ ବର୍ଷ ଫେବୃଆରୀ ୨୪ ତାରିଖଠାରୁ ଆରମ୍ଭ ହୋଇଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଏବେ ସୁଦ୍ଧା ପରିସମାପ୍ତି ଘଟିନାହିଁ; ନିକଟ ଭବିଷ୍ୟତରେ ଶେଷ ହେବାର ଆଶା ମଧ୍ୟ କ୍ୱଚିତ୍ କରାଯାଇପାରିବ । ତେବେ ଏଇ ଯୁଦ୍ଧ ଆରମ୍ଭ ହେବା ପରଠୁ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ନିକଟରେ ଇରାନ୍ ଗସ୍ତରେ ନଯିବା ପର୍ଯ୍ୟନ୍ତ କୌଣସି ବିଦେଶୀ ଗସ୍ତ କରିନଥିଲେ । ଇରାନକୁ କାହିଁକି ? କାରଣ ଆଗରୁ ଇରାନ୍ ଥିଲା ଏବଂ ୟୁକ୍ରେନ୍ ବିରୁଦ୍ଧରେ ଯୁଦ୍ଧ କରିବା ପରେ ଏବେ ରୁଷିଆ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଅନୁଦାନର କଟକଣାକୁ ଭୋଗ କରୁଛନ୍ତି । ଅତଏବ, ରୁଷୀୟ ରାଷ୍ଟ୍ରପତିଙ୍କ ପାଇଁ ଇରାକ୍ ତାଙ୍କ ଗସ୍ତର ଲକ୍ଷ୍ୟସ୍ଥଳୀ ହେବା ସ୍ୱାଭାବିକ । ପୁଣି ଆଗରୁ ଏ ଦୁଇ ରାଷ୍ଟ୍ର ସିରିଆ ଭଳି କେତେକ ସ୍ଥାନରେ କୌଶଳପୂର୍ଣ୍ଣ ଭାଗିଦାରୀରେ ଏକାଠି କାମ କରିଛନ୍ତି । ତେବେ ଏସବୁ ସହଯୋଗ ସତ୍ତ୍ୱେ ଦୁଇ ରାଷ୍ଟ୍ରଙ୍କ ଭିତରେ ମତ ପାର୍ଥକ୍ୟ ବି ରହିଛି, ଯେହେତୁ ରୁଷିଆ ଦୁହିଁଙ୍କ ଭିତରେ ବଡ଼ଭାଇପଣିଆକୁ ଜାହିର କରୁଛି । ପରନ୍ତୁ, ୟୁକ୍ରେନ୍ ଯୁଦ୍ଧ ଏବଂ ଏହାର ପରବର୍ତ୍ତୀ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର କଟକଣା ଜାରି କରିବା ଦୁଇ ରାଷ୍ଟ୍ରଙ୍କ ଭିତରେ ବନ୍ଧୁତ୍ୱରେ ନୂଆ ଦିଗ ଉନ୍ମୋଚନ କରିଛି । ନିଜର ଗସ୍ତ କାର୍ଯ୍ୟକ୍ରମ ଅନୁସାରେ ତେହରାନ୍‌ରେ ଅବତରଣ କରିବାର କିଛି ଘଂଟା ଆଗରୁ ଉଭୟ ଦେଶଙ୍କ ମଧ୍ୟରେ ୪୦ ବିଲିଅନ୍ ଡଲାର ମୂଲ୍ୟର ଶକ୍ତି କ୍ଷେତ୍ରରେ ଏକ ରାଜିନାମା ସମ୍ପନ୍ନ ହୋଇ ସାରିଥିଲା । ଏହି ଚୁକ୍ତି ଅନୁସାରେ ରୁଷିଆର ଗାଜ୍‌ପ୍ରୋମ୍ ଇରାନର ନ୍ୟାସନାଲ ଇରାନିଆନ୍ ଅଏଲ କମ୍ପାନୀ ସହିତ ମିଶି ଶକ୍ତି କ୍ଷେତ୍ରର ବିକାଶ ସହିତ ଏଲଏନ୍‌ଜି ପ୍ରକଳ୍ପ ଓ ପାଇପ୍ ଲାଇନ୍ ନିର୍ମାଣ କରିବେ । ୟୁକ୍ରେନରେ ମୁତୟନ କରିବାକୁ ରୁଷିଆ ଇରାନ୍‌ଠାରୁ ସଶସ୍ତ୍ର ଡ୍ରୋନ୍ କିଣିବାକୁ ଯାଉଛି ବୋଲି ଗତ ସପ୍ତାହରେ ଆମେରିକା ଦାବି କରିଥିଲା । ତେଣୁ ଗୋଟିଏ ପଟେ ଅନୁଦାନର କଟକଣା ଓ ଅପରପକ୍ଷରେ ୟୁକ୍ରେନରେ ଯୁଦ୍ଧର ମନ୍ଥର ଗତି ଦ୍ୱାରା ଅତିଷ୍ଠ ହୋଇ ଇରାନ୍ ସହିତ ରୁଷିଆ ଅର୍ଥନୀତିକ, ପ୍ରତିରକ୍ଷା ଏବଂ କୌଶଳପୂର୍ଣ୍ଣ ଭାଗିଦାରୀ ପ୍ରତିଷ୍ଠା କରିବାପାଇଁ ଆଗ୍ରହ ପ୍ରକାଶ କରିଛି । ରୁଷିଆ ଅନୁଭବ କରିଛି ଯେ ୟୁକ୍ରେନ୍ ସହିତ ଯୁଦ୍ଧର ବନ୍ଧୁର ପଥ ଅତିକ୍ରମ କରିବାକୁ ହେଲେ ତାକୁ ଇରାନ୍ ଭଳି ବନ୍ଧୁଙ୍କର ଆବଶ୍ୟକତା ରହିଛି । ଇରାନର ତେହରାନ୍‌ରେ ଅବତରଣ କରିବାପରେ ପୁଟିନ୍ ଅଭିଭୂତ ହୋଇ ପଡ଼ିଥିଲେ । ସେଠାକାର ସାଦର ଅଭ୍ୟର୍ଥନାରେ । ମଧ୍ୟପ୍ରାଚୀର ଏହି ରାଷ୍ଟ୍ରରେ ତାଙ୍କୁ ଅତ୍ୟନ୍ତ ଆନନ୍ଦିତ ଅବସ୍ଥାରେ ଦେଖାଯାଇଥିଲା । ଲକ୍ଷ୍ୟ କରାଯାଇଥିଲା ଯେ ଆମେରିକା ଭାଷାରେ ଇରାନୀୟ ଡ୍ରୋନ୍ ପାଇଁ ସପିଙ୍ଗ ଟ୍ରିପରେ ଯାଇଥିବା ପୁଟିନଙ୍କୁ କେବଳ ସଫଳତା ମିଳିବ ନାହିଁ, ସଙ୍ଗେ ସଙ୍ଗେ ବେଶ୍ କିଛିଦିନ ହେଲା ସେ ଅସୁସ୍ଥତା ଭୋଗ କରୁଛନ୍ତି ବୋଲି ଯେଉଁ ଅତିରଂଜିତ ପ୍ରଚାର ହେଉଥିଲା, ତାହା ଭୁଲ ବୋଲି ଆମେରିକା ଏବଂ ଯୁକ୍ତରାଜ୍ୟର ଗୁଇନ୍ଦା ବିଭାଗ ଅନୁଭବ କରିପାରିଛି । ଏକ ଗଣମାଧ୍ୟମ ସମ୍ମିଳନୀରେ ବିଶ୍ୱର 'ଶକ୍ତିଶାଳୀ' କ୍ଲବର ଜଣେ ସଦସ୍ୟ ଭାବରେ ରିସେପ୍ ତାୟିପ୍ ଏର୍ଦ୍ଦୋଗାନଙ୍କ ସହିତ ଯୋଗଦେବାପାଇଁ ପୁଟିନଙ୍କୁ ପ୍ରା ୫୦ ସେକେଣ୍ଡ ଅପେକ୍ଷା କରାଇ ଦିଆଯାଇଥିଲା । ଅବଶ୍ୟ ଏହାକୁ ପୁଟିନ୍ ହାଲକା ଭାବରେ ନେଇଥିବେ । ପ୍ରାୟତଃ ଅନେକ ସମୟରେ ଏଭଳି ଦୃଶ୍ୟଗୁଡ଼ିକ କ୍ଷେତ୍ରରେ ଦେଖାଯାଇଥାଏ ସେ ପୁଟିନ୍ ଯେତେବେଳେ ବିଶ୍ୱର ଅନ୍ୟ ନେତାମାନଙ୍କ ଗହଣରେ ଥାଆନ୍ତି, ସେ ସମାନ ସ୍ତର ଭିତରେ ଲୋକଭଳି କିଛି କରିଥାନ୍ତି । କିନ୍ତୁ ପାଶ୍ଚାତ୍ୟ ଜଗତ ଯେତେବେଳେ ତାଙ୍କ ଉପରେ ବିଭିନ୍ନ କଟକଣା ଜାରି କରିସାରିଛି, ତାଙ୍କ ବୈଠକଗୁଡ଼ିକରେ ସେ କିଛି ପ୍ରତୀକାତ୍ମକ କାମ କରିବାର ଆବଶ୍ୟକତା ରହିଛି ଏବଂ କ୍ରେମ୍‌ଲିନ୍‌ରେ ଏବେ ଯେହେତୁ ସେ ଅଧିକ ସମୟ ୱାର୍ ରୁମରେ ବିତାଉଛନ୍ତି, ତେଣୁ ତାଙ୍କର ଗ୍ରହଣୀୟତା ପାଇଁ ଏହା ଆବଶ୍ୟକ । ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ଜଗତ ଦ୍ୱାରା ହୋଇଥିବା ଜଟିଳ କଟକଣାକୁ କେମିତି ମୁକାବିଲା କରାଯାଇପାରିବ, ସେ ସମ୍ପର୍କରେ କିଛି ସୂତ୍ର ଶିକ୍ଷା କରିବାକୁ ମିଳିଥିଲା ପୁଟିନ୍ ଯେତେବେଳେ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲି ଖାମେନେଇଙ୍କୁ ଆଲିଙ୍ଗନ କରିଥିଲେ । କିନ୍ତୁ ତେହରାନରେ ତ୍ରିପାକ୍ଷିକ ଆଲୋଚନା ଅବଶ୍ୟ ସିରିଆ ଯୁଦ୍ଧ ବିଷୟରେ ବିଚାର କରିବାକୁ ପଡ଼ିଥିଲା ଏବଂ ଶେଷରେ ଯେଉଁ ଉଦ୍ଦେଶ୍ୟରେ ଏହା ହୋଇଥିଲା ତାହା କଦାଚିତ୍ ହାସଲ ହୋଇପାରିଥିଲା । ଚୀନ୍ ବ୍ୟତୀତ ଆଉ ଅଧିକ କିଛି ରାଷ୍ଟ୍ର ରୁଷିଆକୁ ୟୁକ୍ରେନ୍ ଆକ୍ରମଣ କରିବା ନେଇ ନିଜର ସମର୍ଥନ ଜଣାଇନାହାନ୍ତି, ଯଦିଓ ଯୁଦ୍ଧ ପାଇଁ ଆମେରିକାକୁ ମଧ୍ୟ ଦାୟୀ କରି ଚୀନ୍ ତାର ମନ୍ତବ୍ୟ ଉପରେ କାଏମ ରହିଛି ।

## ଭାରତୀୟତା ଏବଂ ସନାତନ ସଂସ୍କୃତି ତଥା ସମାଜ ପାଇଁ ଏକତାର ବାର୍ତ୍ତା

**ଗୋଲଖ ଚନ୍ଦ୍ର ଦାସ**

ଏହା ବାସ୍ତବରେ ଏକ ଐତିହାସିକ ଦିନ । ଦ୍ରୌପଦୀ ମୁର୍ମୁ ଭାରତର ୧୫ତମ ରାଷ୍ଟ୍ରପତି ଭାବରେ ଆସନ ଅଳଙ୍କୃତ କରିଛନ୍ତି । ପ୍ରଥମ ଜନଜାତୀ ମହିଳା ଭାରତର ପ୍ରଥମ ନାଗରିକ ହୋଇ ରାଷ୍ଟ୍ରୀୟ ଭବନରେ ପ୍ରବେଶ କରିଛନ୍ତି ।

ଏହି ଦିନଟି କେବଳ ଏହି ଦେଶର ୧୨ କୋଟିରୁ ଅଧିକ ଜନଜାତୀ ସମାଜ ପାଇଁ ନୁହେଁ, ବରଂ ସମଗ୍ର ଭାରତ ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିଗଲା । ଆଜି ସମଗ୍ର ଦେଶବାସୀଙ୍କ ମସ୍ତକ ଗର୍ବରେ ଉଚ୍ଚରେ ରହିଛି । ଭାରତ ସ୍ୱାଧୀନତାର ଅମୃତ ମହୋତ୍ସବରେ ଜଣେ ଜନଜାତୀ ମହିଳାଙ୍କୁ ଦେଶର ସର୍ବୋଚ୍ଚ ପଦରେ ଅଧିଷ୍ଠାନ କରାଇବା, ଦେଶର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ଘଟଣା ଭାବରେ ବିବେଚନା କରାଯାଉଛି ।

ଏକ ଗୌରବଶାଳୀ ପରମ୍ପରା, ସଂସ୍କୃତି ସହିତ ସଂସ୍କାରୀତ ଜୀବନ ଯାପନ କରିବା ଏହି ଦେଶର ଏକ ପ୍ରମୁଖ ଉପାଦାନ ବା ଅଂଶଭୂତ । ଏହାସତ୍ୱେ ଯେଉଁ ସମାଜ ପଛୁଆ, ଅନ୍ଧବିଶ୍ୱାସୀ, ନିଶାସକ୍ତ ଭାବରେ ଚିତ୍ରିତ ହୋଇ ବର୍ଷବର୍ଷ ଧରି ଅବହେଳିତ ହୋଇ ଆସିଛି , ଏପରି ସମାଜର ଜଣେ ବ୍ୟକ୍ତି, ସେ ଜଣେ ମଧ୍ୟ ମହିଳା ଦେଶର ସର୍ବୋଚ୍ଚ ପଦରେ ପହଂଚିଛନ୍ତି , ଏହା ଦେଶ ପାଇଁ ଏକ ଶୁଭ ସଂକେତ । ୭୫ ବର୍ଷ ବିଳମ୍ବ ହୋଇଥିଲେ ମଧ୍ୟ, ଜନଜାତୀ ସମାଜକୁ ତାଙ୍କର ଅଂଶ, ଭାଗିଦାରୀ ଦେବା ପାଇଁ ଏହା ଏକ ଉପଯୁକ୍ତ ପଦକ୍ଷେପ ଭାବରେ ବିବେଚନା କରାଯାଉଛି ।

ଏହା ସତ୍ୟ ଯେ, ଜନଜାତୀ ସମାଜ ବିଷୟରେ ଆଜି ମଧ୍ୟ ସଂପୂର୍ଣ୍ଣ ଦେଶରେ ଭୁଲ ପ୍ରତିଛବି ସୃଷ୍ଟି ହୋଇଛି । ଆମ ସମାଜ ମଧ୍ୟରୁ ଏହିପରି ଭ୍ରାନ୍ତଧାରଣା ଦୂରକରିବାର ଆବଶ୍ୟକତା ଥିଲା । ଦୁର୍ଭାଗ୍ୟବଶତ ଏହି ଦେଶ ଜନଜାତୀ ସମାଜର ଆକ୍ରୋଶକୁ କେବେ ବୁଝି ପାରିନଥିଲା । ଜନଜାତୀ ସମାଜର ଏତେ ବଡ ସ୍ୱର ନଥିଲା କି ସେମାନଙ୍କର ନେତୃତ୍ୱ ମଧ୍ୟ ନଥିଲା । ଯେଉଁଥିପାଇଁକି ସମଗ୍ର ସମାଜ ନିକଟରେ ସେମାନଙ୍କ ଧ୍ୱନୀ ପ୍ରତିଧ୍ୱନୀତ୍ୱ ହୋଇ ପାରୁନଥିଲା ।

ଜନଜାତୀ ସମାଜ ଉପରେ ଯେତେବେଳେ ବିଶ୍ୱାସ ସୃଷ୍ଟି ହୋଇଛି, ଯେତେବେଳେ ସେମାନଙ୍କୁ ସୁଯୋଗ ମିଳିଛି, ସେମାନେ ଦ୍ରୁତ ଗତିରେ ପ୍ରଗତି ଆଡକୁ ଅଗ୍ରସର ହେବାର ଅନେକ ଉଦାହରଣ ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ରାଜନୀତିରେ ହେଉ, ସାମାଜିକ କ୍ଷେତ୍ରରେ ହେଉ କିମ୍ବା କ୍ରୀଡା କ୍ଷେତ୍ରରେ, ଜନଜାତି ସମାଜ ସର୍ବଦା ନିଜର ପ୍ରତିଭାକୁ ପ୍ରମାଣିତ କରି ଦେଶର ଗୌରବ ବଢାଇଛନ୍ତି ।

ଇଂରେଜମାନେ ଯେଉଁ ବିକୃତମାନସିକତାରେ ଜନଜାତି ସମାଜକୁ ଦେଖୁଥିଲେ ତାହା ମଧ୍ୟ ଦେଶ ସ୍ୱାଧୀନତା ପରେ ପରିବର୍ତ୍ତନ ହୋଇନଥିଲା । ଯେଉଁ ସମାଜରେ ବିର୍ସା ମୁଣ୍ଡା, ରାଣୀ ଗାଇଡିନଲ୍ୟୁ, ରାଣୀ ଦୁର୍ଗାବତୀ, ରାଘୋଜୀ ଭାଙ୍ଗରଙ୍କ ପରି ଶହ ଶହ ବୀର କ୍ରାନ୍ତିକାରୀ ଭାରତକୁ ବ୍ରିଟିଶ ଦାସତ୍ୱରୁ ମୁକ୍ତ କରିବା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ, ଏପରି ସମାଜ କିପରି ପଛୁଆ ହୋଇ ରହିପାରିବ ? ଦୁର୍ଭାଗ୍ୟବଶତ ସ୍ୱାଧୀନ ଭାରତରେ ବ୍ରିଟିଶମାନଙ୍କ ନୀତି ହେତୁ ଜନଜାତୀ ସମାଜ ମଧ୍ୟ ସେହି ରାସ୍ତାରେ ପାଦ ଥାପି ଚାଲିଥିଲେ । ସ୍ୱାଧୀନତା ପରେ ବିଭିନ୍ନ ରାଜନୈତିକ ଦଳ ଜନଜାତି ସମାଜକୁ ନିଜର ଭୋଟ ବ୍ୟାଙ୍କ ରୂପରେ ବ୍ୟବହାର କରୁଥିଲେ । କଂଗ୍ରେସ ସରକାର ଦଶନ୍ଧି ଧରି ଶାସନ କରିବା ପରେ ମଧ୍ୟ ଜନଜାତି ସମାଜ ଲୋକଙ୍କ ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ ନେଇ ନଥିଲା କିମ୍ବା ଦେଶର ସର୍ବୋଚ୍ଚ ପଦ ପାଇଁ ସେମାନେ ଯୋଗ୍ୟ ବୋଲି କେବେ ବିବେଚନା କରିନଥିଲା । ବର୍ତ୍ତମାନ ସରକାର ଜଣେ ଜନଜାତି ମହିଳାଙ୍କୁ ଯେଉଁ ବିଶ୍ୱାସର ସହିତ ରାଷ୍ଟ୍ରପତି ପଦରେ ବସାଇଛନ୍ତି ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ସମସ୍ତ ଦଳର ସମର୍ଥନରେ ଯଦି ନିର୍ବାଚିତ ହୋଇଥାନ୍ତେ ତାହା ହେଲେ ଭଲ ହୋଇଥାନ୍ତା ।

ବର୍ଷ ବର୍ଷ ଧରି ଏହି ଦେଶର ଯେଉଁ ସମାଜ ଅବହେଳା, ଅନ୍ୟାୟର ଶିକାର ହୋଇଛି, ସେହି ସମାଜକୁ ବିଭିନ୍ନ କ୍ଷେତ୍ରରେ ପ୍ରତିନିଧିତ୍ୱ କରିବାକୁ ବର୍ତ୍ତମାନର ସରକାର ଉଦ୍ୟମ କରୁଛନ୍ତି । ଯେଉଁ କାରଣରୁ ଏକ ସମରସତା ଯୁକ୍ତ ବାତାବରଣ ସୃଷ୍ଟି ହୋଇ ଏହି ଦେଶ ଦ୍ରୁତ ଗତିରେ ପ୍ରଗତି ଆଡକୁ ଗତି କରିବ, ଏହି ଆଶା ଓ ବିଶ୍ୱାସ ସମସ୍ତଙ୍କର ରହିଛି ।

ଦ୍ରୌପଦୀ ମୁର୍ମୁ ଯେଉଁ ଜନଜାତୀ ସମାଜରୁ ଆସିଛନ୍ତି, ପ୍ରାୟ ୧୨ କୋଟିର ଜନଜାତୀ ସମାଜ ଏବେ ମଧ୍ୟ ବିଭିନ୍ନ ସମସ୍ୟା ସହ ସଂଘର୍ଷ କରୁଛନ୍ତି । ଆଜି ବି ଏହି ସମଗ୍ର ଅଂଚଳରେ ମୌଳିକ ବ୍ୟବସ୍ଥାର ଅଭାବ ଦୃଶ୍ୟମାନ ହେଉଛି । ଦେଶର ସର୍ବୋଚ୍ଚ ମୁଖ୍ୟ ଭାବରେ ଦ୍ରୌପଦୀ ମୁର୍ମୁ ଏହି ସମାଜର ସମସ୍ୟା ପ୍ରତି ବିଶେଷ ଧାନ ଦେବେ ବୋଲି ଆଶା କରାଯାଉଛି ।

ବିଭିନ୍ନ ଅନ୍ତରାଷ୍ଟ୍ରୀୟ ଗତିବିଧି ଯେପରି ଆଦିବାସୀ ସମାଜକୁ ବ୍ୟବହାର କରି ସେମାନଙ୍କୁ ଏହି ଦେଶ ବିରୁଦ୍ଧରେ ଠିଆ କରିବାକୁ ପ୍ରୟାସ କରିଛି । ସେହି ପ୍ରୟାସକୁ ବିଫଳ କରିବା ତାଙ୍କର ପ୍ରାଥମିକତା ହେବା ଉଚିତ । ବିଦେଶୀ ଶକ୍ତିର ଷଡଯନ୍ତ୍ର ମାଧ୍ୟମରେ ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ଦ୍ୱାରା ଜନଜାତୀମାନଙ୍କୁ ବହୁଳ ମାତ୍ରାରେ ଧର୍ମାନ୍ତରୀଣ କରାଯାଉଛି । କିଛି ବିଶେଷ ଗୋଷ୍ଠୀମାନଙ୍କ ଦ୍ୱାରା ଜନଜାତୀ ସମାଜ ପାଇଁ ଅଲଗା ଧର୍ମ କୋର୍ଡ ଦାବି ହେଉଛି । ଏସବୁ ଭାରତ ବିରୋଧୀ ଏଜେଣ୍ଡାର ଏକ ଅଂଶ ବିଶେଷ ଯାହା ଭାରତକୁ ଅସ୍ଥିର କରିବାକୁ ଚେଷ୍ଟା କରାଯାଉଛି । ଯେଉଁଥିରେ ଜନଜାତୀ ସମାଜର ଲୋକମାନେ ସେମାନଙ୍କର ଷଡଯନ୍ତ୍ରର ଶିକାର ହେଉଛନ୍ତି । ଏହି ଦୃଷ୍ଟିକୋଣରୁ ମଧ୍ୟ ତାଙ୍କୁ ଜନଜାତୀ ସମାଜର ସମସ୍ୟାର ମୂଳ କାରଣ ଖୋଜିବାକୁ ଚେଷ୍ଟା କରିବାକୁ ପଡିବ ।

ନିଜର ବ୍ୟକ୍ତିଗତ ଜୀବନରେ ସମସ୍ତ ପ୍ରକାର ସଘର୍ଷର ସମ୍ମୁଖୀନ ହୋଇ ଦ୍ରୌପଦୀ ମୁର୍ମୁ ଯେପରି ସାମାଜିକ ତଥା ରାଜନୈତିକ ଜୀବନରେ ନିଜକୁ ପ୍ରତିଷ୍ଠିତ କରିଥିଲେ, ସେହି ଅଭିଜ୍ଞତା ଆଧାରରେ ରାଷ୍ଟ୍ରପତି ଭାବରେ ସେ ମଧ୍ୟ ଏହି ଦେଶର ଏକତା ତଥା ଅଖଣ୍ଡତା ପାଇଁ ନିଜର ସର୍ବୋଚ୍ଚ ଯୋଗଦାନ କରିବେ ବୋଲି ଦେଶବାସୀଙ୍କର ବିଶ୍ୱାସ ଅଛି ।

ତାଙ୍କର ଦୃଢ ବିଶ୍ୱାସ ଏବଂ ଇଚ୍ଛାଶକ୍ତି ଏଥିରୁ ବୁଝିବାକୁ ହେବ ଯେ ସ୍ୱାମୀ ଏବଂ ପିଲାମାନଙ୍କୁ ହରାଇବା ପରେ ମଧ୍ୟ ସେ ସମାଜ ସମସ୍ୟାର ସମାଧାନ ପାଇଁ ସଂଗ୍ରାମରୁ ବିରତ ରହିନାହାଁନ୍ତି । ସମାଜରେ ସଚେତନତା ଆଣିବା ପାଇଁ ସେ ବ୍ୟାପକ କାର୍ଯ୍ୟ କରିଛନ୍ତି । ସାମ୍ବିଧାନିକ ପଦବୀରେ ରହି ମଧ୍ୟ ସମାଜର ସମସ୍ୟାକୁ ଜାତୀୟସ୍ତରରେ ଉଠାଇଛନ୍ତି । ଯେଉଁଦିନ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷିତ କରାଯାଇଥିଲା, ସେହି ଦିନ ସକାଳେ ସେ ନିଜ ଜନ୍ମସ୍ଥାନ ରାଇରଙ୍ଗପୁରର ଶିବ ମନ୍ଦିରରେ ପୂଜା-ଅର୍ଚ୍ଚନା କରିଥିଲେ । ଏହି ପୂଜା ସହିତ ସେ ସମଗ୍ର ସମାଜକୁ ଭାରତୀୟତା ଏବଂ ସନାତନ ସଂସ୍କୃତି ତଥା ଏକତାର ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ଅଭୁତପୂର୍ବ ଥିଲା ।

+ଘିଗିଡିଆ, ବାରୁଅ, କେନ୍ଦ୍ରାପଡା
ମୋ-୯୮୬୧୦୨୮୫୫୩

## ଚିର ବିପ୍ଳବିନୀ ମାଳତୀ ଚୌଧୁରୀ



**ଜୟଶ୍ରୀ ପଟ୍ଟନାୟକ**

ଦେବଭୂମି, ଆର୍ଯ୍ୟଭୂମି ଭାରତବର୍ଷରେ ଅନେକ ନାରୀ ସଂଗ୍ରାମୀ ଜନ୍ମ ନେଇ ସେମାନଙ୍କ ସଂଗ୍ରାମ ଜାରୀ ରଖି ଏ ଦେଶରେ ସାମାଜିକ ସଂସ୍କାର ଆଣି ପାରିବାରେ ସକ୍ଷମ ହୋଇଛନ୍ତି । ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିଛି ସେମାନଙ୍କର ସଂଗ୍ରାମୀ ଜୀବନ । ଏ ଦେଶର ସ୍ୱାଧୀନତା ରକ୍ଷା କରିବାପାଇଁ ଯେତେବେଳେ ବ୍ରିଟିଶ ମାନଙ୍କ ବିପକ୍ଷରେ ଲଢ଼େଇ ଜାରୀ ରହିଲା , ବିଦ୍ରୋହର ବହ୍ନି ତେଜିଲା, ସେତେବେଳେ ପୁରୁଷ ମାନଙ୍କ ସହ ନାରୀ ସଂଗ୍ରାମୀ ମାନେ ମଧ୍ୟ ରଣାଙ୍ଗନରେ ଓହ୍ଲାଇ ଆସିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଓଡିଶାର ସଂଗ୍ରାମୀ ମାଳତୀ ଚୌଧୁରୀ । ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋର ଓ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରଥମ ଓଡିଆ ଭାବରେ କିଶୋରୀ ବୟସରେ ପାଦ ଥାପିଥିଲେ ସ୍ୱାଧୀନତା ସଂଗ୍ରାମରେ । ପିଲାଟି ବେଳୁ ମଆଙ୍କର ଦେଶପ୍ରେମ ପ୍ରତି ଅନୁରାଗ ଦେଖି ଅନୁପ୍ରେରିତ ହୋଇଥିଲେ । ଓଡିଶାର ପ୍ରଗତିଶୀଳ ଆନ୍ଦୋଳନରେ ତାଙ୍କର ସକ୍ରିୟ ଭୂମିକା ଥିଲା । ୧୯୦୪ ଜୁଲାଇ ୨୬ ତାରିଖରେ ବିହାରରପ୍ରଦେଶର ପାଟଣାରେ ପିତା କୁମୁଦନାଥ ସେନ ଓ ମାତା ସ୍ନେହଲତାଙ୍କ ଔରସରୁ ଜନ୍ମ ନେଇଥିଲେ ଏହି ମହୀୟସୀ ମହିଳା ମାଳତୀ ଦେବୀ । ସାଧାରଣରୁ ଅସାଧାରଣ କାର୍ଯ୍ୟଦକ୍ଷତା ଦେଶ ଓ ଜାତିର ସମ୍ମାନ କୁ ଅକ୍ଷୁଣ୍ଣ ରଖିବା, ସାମାଜିକ ଅଧିକାରକୁ ଫେରାଇ ଆଣିବା, ବାଲ୍ୟ ବିବାହ, ନାରୀଶିକ୍ଷା ଦିଗରେ ସଂସ୍କାର ଆଣିବା, ଅନୁଗୁଳରେ ବାଜିରାଉତ ଛାତ୍ରାବାସ, ଉତ୍କଳ ନବଜୀବନ ମଣ୍ଡଳ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ ତାଙ୍କ ସଂଗ୍ରାମୀ ଜୀବନର ଗୋଟିଏ ଗୋଟିଏ ମାଇଲଖୁଂଟ ।

ପିଲାବେଳେ କଲିକତାର ବେଥୁନ ସ୍କୁଲରେ ପଢୁଥିଲେ ଯେଉଁ ସ୍କୁଲରେ ତାଙ୍କ ମାଆ ଥିଲେ ଶିକ୍ଷିକା । ୧୯୨୦ ଅସହଯୋଗ ଆନ୍ଦୋଳନରେ ୧୭ ବର୍ଷ ବୟସରେ ଯୋଗ ଦେଇଥିଲେ । ଶାନ୍ତିନିକେତନରେ ପଢୁଥିବା ବେଳେ ନବକୃଷ୍ଣ ଚୌଧୁରୀ ଶାନ୍ତିନିକେତନ ଗଲେ ଅର୍ଥନୀତି ଅଧ୍ୟୟନ ପାଇଁ । ସେଠାରେ ମାଳତୀଦେବୀଙ୍କ ସହ ତାଙ୍କର ପରିଚୟ ହେଲା । ଉଭୟଙ୍କର ସମ ବିଚାରଧାରା ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥିଲା । ବିବାହ ପରେ ସେ ଓ ତାଙ୍କ ସ୍ୱାମୀ ଜଗତସିଂହପୁର ଜିଲ୍ଲାର ତରିକୁନ୍ଦ ଗ୍ରାମରେ କୃଷି ଓ ଗୋପାଳନ କରି ମହିଳା ମାନଙ୍କୁ ନିଜ ଅଧିକାର ବିଷୟରେ ସଚେତନ କରୁଥିଲେ ଏବଂ ସ୍ୱାଧୀନତା ସଂଗ୍ରାମରେ ସହଯୋଗ କରିବାପାଇଁ ଅନୁରୋଧ କରୁଥିଲେ । ୧୯୩୦ ଲବଣ ସତ୍ୟାଗ୍ରହ ରେ ଯୋଗ ଦେଇଥିଲେ । ଏହି ସତ୍ୟାଗ୍ରହ ନେତୃତ୍ୱ ଓଡିଶାରେ ନେଇ ନବକୃଷ୍ଣ ଜେଲ ଗଲେ । ଚୌକିଦାରୀ ଟିକସ ବନ୍ଦ ଆନ୍ଦୋଳନର ନେତୃତ୍ୱ ନେଇ ମଧ୍ୟ ଗିରଫ ହେଲେ । ବଡଯାଆ ରମାଦେବୀଙ୍କ ସାଙ୍ଗରେ ବାହାରି ପଡିଲେ ମାଳତୀ । ଇଂଚୁଡି ଓ କୁଜଙ୍ଗରେ ଲୁଣ ମାରିଲେ ଗାଁ ଗାଁକୁ ବୁଲି ମହିଳା ମାନଙ୍କୁ ସଂଗଠିତ କଲେ । ଉଚ୍ଚ ସ୍ୱରରେ ଜାତୀୟ ସଙ୍ଗୀତ ଗାଇ ଏବଂ ଭାଷଣରେ ମହିଳା ମାନଙ୍କୁ ସଂଗଠିତ କରିବା ଦ୍ୱାରା ଶହ ଶହ ସ୍ତ୍ରୀ ଲୋକ ଲୁଣ ମାରି ଜେଲ ଗଲେ । ଏହାପରେ ବିଦେଶୀ ଦ୍ରବ୍ୟ ବର୍ଜନ, ନିଶା ନିବାରଣ ଓ ଗାଁ ଗାଁ ବୁଲି ସତ୍ୟାଗ୍ରହ କାର୍ଯ୍ୟରେ ଯୋଗ ଦେବା ହେତୁ ଜେଲ ଗଲେ । ବିଚାର ପରେ ନିଜର ଦୁଇବର୍ଷ ଚାରିମାସର ଝିଅକୁ ନେଇ ଭାଗଲପୁର କେନ୍ଦ୍ର ଜେଲରେ ରହିଲେ । ଦେଶ ସ୍ୱାଧୀନତା ପାଇଁ ଲୋକ ସଙ୍ଗଠନ ଖୁବ ଜରୁରୀ ଜାଣି ୧୯୩୩ ମସିହାରେ ଗଢ଼ିଲେ ସାମ୍ୟବାଦୀ କର୍ମୀ ସଂଘ ଯାହାର ଲକ୍ଷ୍ୟ ଥିଲା ସାମାଜିକ ଓ ଅର୍ଥନୈତିକ ବିପ୍ଳବ । ବୈଠକର ନିଷ୍ପତି ଅନୁସାରେ ମାଳତୀ ନିଜର ସମସ୍ତ ଅଳଙ୍କାର ପାର୍ଟିକୁ ଦାନ କଲେ ଏବଂ ପତ୍ରିକା ସାରଥି କଲେ । ତାହାଥିଲା ଉଗ୍ର ସମାଜବାଦୀ ଚେତନାର ପ୍ରଥମ ପତ୍ରିକା । ବହୁ ଯୁବକ ଛାତ୍ର ଏହି ପତ୍ରିକାରେ ଆକର୍ଷିତ ହେବାରୁ ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘର ପ୍ରସାର ପ୍ରଚାର ହେଲା ଯାହାର ସମ୍ପାଦକ ରହିଲେ ନବକୃଷ୍ଣ ଚୌଧୁରୀ । ମାଳତୀଦେବୀ ହେଲେ କୋଷାଧ୍ୟକ୍ଷା । ୧୯୩୧ରେ ଗାନ୍ଧୀ ଓଡିଶା ଆସିଲେ । ଗାନ୍ଧୀ ଇରୱିନ ଚୁକ୍ତିରେ ପ୍ରଧାନ ଭୂମିକା ନେଇ ମାଳତୀ ୧୯୩୨ ରେ ଗିରଫ ହୋଇ ଶିଶୁପୁତ୍ର ବିନାୟକ ସହ ହଜାରିବାଗ ଜେଲରେ ରହିଲେ । ମାଳତୀଙ୍କ ତେଜ ଦେଖି ଗାନ୍ଧୀ ତାଙ୍କୁ ତୋଫାନ ନାଁ ଦେଇଥିଲେ । ଓଡିଶାରେ ଢେଙ୍କାନାଳ ଗଡଜାତ ରାଜାମାନଙ୍କର ଅତ୍ୟାଚାର ଯୋଗୁଁ ଦୁଃଖ ଭୋଗୁଥିବା ପ୍ରଜାମାନଙ୍କ ପାଇଁ ଢେଙ୍କାନାଳରେ ସାଙ୍ଗଠନିକ ସଂଘ ଗଢ଼ିଲେ । 'କୃଷକ' କବରକାଗଜର ସମ୍ପାଦିକା ଭାବରେ ଢେଙ୍କାନାଳ କାହାଣୀମାନ ପ୍ରକାଶିତ କରୁଥିଲେ । ପ୍ରଜାମଣ୍ଡଳ ଆନ୍ଦୋଳନକୁ ସମାଜବାଦୀମାନେ ଚଳାଉଥିଲେ ଯାହାକୁ ନବକୃଷ୍ଣ ଓ ମାଳତୀ ପରିଚାଳନା କରୁଥିଲେ । ସେଥିପାଇଁ ଇଂରେଜ ସରକାର ତାଙ୍କୁ ଜୋଆନ୍ ଅଫ୍ ଆର୍କ ନାମରେ ସମ୍ବୋଧନ କରୁଥିଲେ । ଏହି ଆନ୍ଦୋଳନ ତାଳଚେରକୁ ବ୍ୟାପିଲା । ବହୁ ଲୋକ ପ୍ରାଣତ୍ୟାଗ କଲେ । ପରିସ୍ଥିତି ବିଷୟରେ ଗାନ୍ଧୀ ଅବଗତ ହେଲେ ଏବଂ ତାଙ୍କ ପରାମର୍ଶରେ ହଜାର ହଜାର ତାଳଚେର ବାସୀ ରାଜ୍ୟ ଛାଡି ଚାଲିଆସିଲେ ଅନୁଗୁଳ ନିକଟସ୍ଥ କୋଶଳା, ପାଣିଓଲା, ପଣ୍ଡୁଆ, ବୁଢ଼ାପଙ୍କ ସ୍ଥାନରେ ଅସ୍ଥାୟୀ ଘର କରି ମାସ ମାସ ରହିଲେ । ଯୁବକ ସଖା ସମିତି ଦ୍ୱାରା ନୀଳଗିରି ଆନ୍ଦୋଳନ ଆରମ୍ଭ ହେଲା ୧୯୩୮ ରେ ସଖା ସମିତି ନେତାଙ୍କ ଗିରଫ ପ୍ରତିବାଦରେ ଆଇନ ଅମାନ୍ୟ କଲେ ଯାହାର ପ୍ରାଣକେନ୍ଦ୍ର ଥିଲା ବାଖରାବାଦର କୋଠାଘର ମାଳତୀ ଏବଂ ନବକୃଷ୍ଣଙ୍କ କୋଠି । ୧୯୪୨ ଭାରତ ଛାଡ ଆନ୍ଦୋଳନ ସମୟରେ ଗାନ୍ଧିଜୀ କର ଅବା ମର ଡାକରା ଦେଲେ । ଅଗଷ୍ଟ ୯ ସକାଳେ ଗାନ୍ଧୀ ଓ ବହୁନେତା ଗିରଫ ହେଲେ । ଓଡିଶାରେ ଏହି ଆନ୍ଦୋଳକୁ ସମର୍ଥନ କରି ମାଳତୀ ଗିରଫ ହେଲେ । ମାଳତୀଙ୍କ ମାନସ ସନ୍ତାନ ବାଜିରାଉତ ଛାତ୍ରାବାସ ୧୯୪୨ରେ କଟକ ଜେଲରେ ରହିଲାବେଳେ ଜନ୍ମ ନେଇଥିଲା । ଜେଲରୁ ମୁକ୍ତି ପାଇଲା ପରେ ଦୁଃସ୍ଥ, ଅନାଥ ଶିଶୁ ଦରିଦ୍ର ଆଦିବାସୀଙ୍କ ପାଇଁ ମାଳତୀ ଅନୁଗୁଳ ଠାରେ ବାଜିରାଉତ ଛାତ୍ରାବାସ ଗଢ଼ିଥିଲେ । ଅନୁଗୁଳ ଠାରୁ ୧୨ ମାଇଲ ଦୂର ଚମ୍ପତିମୁଣ୍ଡାରେ ଗଢ଼ାହେଲା ମୌଳିକ ଜୀବନ ବିଦ୍ୟାଳୟ ଯାହାର ପ୍ରଧାନ ଆଚାର୍ଯ୍ୟ ଥିଲେ ଶାନ୍ତିନିକେତନର ଚିତରଂଜନ ଦାସ । ୧୯୪୬ ରେ ପୂର୍ବବଙ୍ଗ ନୂଆଖାଲିରେ ହିନ୍ଦୁ ମୁସଲମାନ ଦଙ୍ଗା ସମୟରେ ଗାନ୍ଧୀଙ୍କ ସହିତ ମାଳତୀ ଗଲେ । ସେତେବେଳେ ଓଡିଶା ବିଧାନସଭା ତାଙ୍କୁ ସମ୍ବିଧାନର ସଦସ୍ୟ ନିର୍ବାଚିତ କଲା । ଓଡିଶାର ଆଦିବାସୀ ଓ ଅନୁନ୍ନତ ସମ୍ପ୍ରଦାୟ ମଧ୍ୟରେ ଗୋପବନ୍ଧୁ ଉତ୍କଳ ନବ ଜୀବନ ମଣ୍ଡଳ ଗଢ଼ାହେଲା ଯାହାର ସମ୍ପାଦକ ରହିଲେ ସାରଙ୍ଗଧର ଦାସ ପରିଚାଳନା କଲେ ମାଳତୀ ଦେବୀ । ୧୯୫୧ ରେ ବିନୋବା ଭାବେ ଭୂଦାନ ଆନ୍ଦୋଳନ ଆରମ୍ଭ କଲେ । ମାଳତୀ ଚିର ବିପ୍ଳବିନି ଥିଲେ । ଆନ୍ଦୋଳନରେ ଯୋଗ ଦେଲେ । ନବକୃଷ୍ଣ ଓଡିଶାର ମୁଖ୍ୟମନ୍ତ୍ରୀ ଥିଲେ । ସମସ୍ତ ସରକାରୀ ସାହାଯ୍ୟ ଯୋଗାଇବାର ପ୍ରତିଶ୍ରୁତି ଦେଲେ । ଖଦୀ, ପ୍ରୌଢ଼ଶିକ୍ଷା ପ୍ରଚାର ପ୍ରସାର, ମହିଳା ଶିଶୁ କଲ୍ୟାଣ ନବକୃଷ୍ଣ ହାତକୁ ନେଲେ । ମାଳତୀ ବହୁ ଅନୁଷ୍ଠାନ ସହିତ ଜଡିତ ଥିଲେ । ସେ ଭାରତୀୟ ଆଦିମ ଜାତି ସେବକ ସଂଘର ଆଜୀବନ ସଦସ୍ୟା, ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ପ୍ରଥମ ସଭାପତି, ରାଜ୍ୟ ନିଶା ନିବାରଣ ପରିଷଦ ସଭାପତି, ରାଜ୍ୟ ତାଳଗୁଡ ସମିତିର ସଭାପତି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




### ଝଡ଼ର ସମୟ

**କୁନା ସେଠୀ**



ଝଡ଼ ଆସୁଥିଲା ଆସୁଛି
ଆଗକୁ ବି ଆସିବ
ହେଲେ ସମୟ ଟା କିନ୍ତୁ
ଚୁପ ଚାପ,
ନିରବ ରେ ଲକ୍ଷ୍ୟ କରୁଛି
ଝଡ଼ ସମୟର
ସେହି ଚିତ୍କାରକୁ,
ସେହି ଦୃଶ୍ୟକୁ ।
ଝଡ଼ର ବାଦଲ ଗୁଡାକ
ଝାମ୍ପ ମାରି ଦୌଡୁଛନ୍ତି
ଆଗକୁ ଆଗକୁ,
ଲକ୍ଷ୍ୟ ହୀନ ପୁଣି ଦିଗ ହୀନ
ଆଉ ଘୁରୁଛନ୍ତି
ଘୂର୍ଣିବଳୟର ସହ ।
ପବନ ଟା ଆଜି
ପାଇଯାଇଛି ଶକ୍ତି
ନୀରବତା ଭଙ୍ଗକରି
ମାଡି ଯାଉଛି
ଦିଗକୁ ଭୁଲି,
ଝଡ଼ର ନାମରେ
ଆଜି ରଚୁଛି ତାଣ୍ଡବ ।
ଠିକ ଅଛି
ଏଇତ ନିୟତିର କଥା
ଝଡ଼ ଆସିବ, ଆସୁ,
ହେଲେ
ସମୟ ,
ସମୟ ତ ଆଗରୁ ଆସୁଥିଲା
କିନ୍ତୁ ଝଡ଼ ନୁହେଁ
ତେବେ ସମୟ ନିରବ
କଣ ପାଇଁ
କାହାରି ଚାପରେ ?
ପ୍ରକୃତିର କ୍ରୋଦ୍ଧ ହେଉ
ଅବା ମଣିଷର ମନ,
ଅବା ପରକ୍ରିୟାପ୍ରୀତି
କିମ୍ବା ଭାଗ୍ୟର ବିଡମ୍ବନା,
ଝଡ଼ ତ ଝଡ଼
ଘର ଭାଙ୍ଗିବା ହିଁ ଭାଙ୍ଗିବ
ତାହାର ଚରିତ୍ର ହିଁ ସେୟା ।
ହେଲେ ସମୟ ତୁମେ କାହାର
ଝଡ଼ର !
ନା ଭାଗ୍ୟର
ପ୍ରକୃତିର !
ନା, ଚୋରା ପ୍ରୀତିର
ନା, ସମ୍ପର୍କକୁ ଭୁଲୁଥିବା
ଗୋଟିଏ ଗୋଟିଏ
ପାଗଳ ର,
ଉତ୍ତର ଦିଅ
ସମୟ
ଉତ୍ତର ଦିଅ
ତୁମେ କାହାର ?

+ଭୁତସରସିଙ୍ଗି, ଗଞ୍ଜାମ

### ଏହି ଆଜ୍ଞା ମୋତେ ହେଉ

**ନିରଞ୍ଜନ ସାହୁ**



ତୁମ ପାଦ ତଳେ ମଥା ରଖିଦେଲେ
ମିଳିଯାଏ ମୋତେ ଶାନ୍ତି
ଏଇ ଆଖି ଚାହେଁ ସଦା ଦେଖୁଥାନ୍ତା
ତୁମରି ଅପୂର୍ବ କାନ୍ତି ।
ତୁମରି ମହିମା ଶ୍ରବଣ ନିମିତ୍ତ
ଡେରିଥାଏ ମୁହିଁ କାନ
ତୁମରି ଉପରେ ରହିଥାଏ ମୋର
କେତେ ମାନ ଅଭିମାନ
ତୁମ ନାମ ଧରି ମରଣ ଲଭିଲେ
ମୁକତି ମୁଁ ପାଇଯାନ୍ତି ।
କାହିଁକି କେଜାଣି ଏଇ ମନ ମୋର
ତୁମଠି ପଡିଛି ବନ୍ଧା
ମହମହ ବାସେ ତୁମ ଯଶକୀର୍ତ୍ତି
ଯେପରି ରଜନୀଗନ୍ଧା
ଏହି ଆଜ୍ଞା ହେଉ ଜୀବ ଯିବା ଯାଏ
ତୁମ ସେବା କରୁଥାନ୍ତି ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩



### ସାର୍ଥକ କର ଜୀବନ

**ଯୋଗୀ କୃପାସିନ୍ଧୁ ମୁନି**

ନଭଜିଲୁ ବ୍ରହ୍ମ ନାମରେ
ନଜାଣିଲୁ ତୁ ନିଜ ନାମରେ ।
ଜନମ ଲଭିଲୁ ଏ ମର୍ତ୍ତ ମଣ୍ଡଳ
ଚାଲିଯିବୁ ଦିନେ ତୋ ଆସସିଲେ ବେଳ
ଛାଡ଼ି ତୁ ସକଳ କର୍ମରେ ।
ଆସିଥିଲୁ ତୁହି କହ କିସ ପାଇଁ
କେଉଁ ପୁଣ୍ୟ ବଳେ ନର ଦେହ ବହି
ଭୋଗିଲୁ ଦୁଃଖ କଷଣରେ ।
କେତେ ଧନଜନ ଅରଜିଛୁ ତୁହି
ନ ଯିବେଟି ତୋର ସଙ୍ଗତରେ କେହି
ନେଇଯିବୁ କେଉଁ ଧନରେ ।
ବେଳ ଥାଉ ସେବ ସଦଗୁରୁଙ୍କର
ଜାଣିବୁ ତୋ ଗୁରୁ ହୃଦେ ଛନ୍ତି ତୋର
ହେଲେ ତାଙ୍କର କଲ୍ୟାଣରେ ।
ଅର୍ଜି ଆତ୍ମଜ୍ଞାନ ନିଜ ନାମ ଜାଣ
କର ସୁଖଶାନ୍ତି ମୁକ୍ତି ଆସ୍ୱାଦନ
ସାର୍ଥକ କର ଜୀବନରେ ।

ଗୋଡ଼ିଖାଳ ଆଶ୍ରମ,
କୁଣବଳଦା, ବାଲେଶ୍ୱର

### ମୋନାଲିସାର ହସ

**ନୂତନ କୁମାର ବେହେରା**

ହସ ତ ସମସ୍ତେ ହସନ୍ତି
ଆନନ୍ଦରେ ହୃଦୟ ପଡ଼ିଲେ ଉଚ୍ଛୁଳି
ସେ ହସର ତରଙ୍ଗ
ମଧୁ ମଳୟରେ ଯାଏ ଖେଳି
ମନରେ ଭରିଗଲେ ବିଷାଦ
ଆସେ ଅସରନ୍ତି ଦୁଃଚିନ୍ତାର ଭାବନା
କରେ ମସ୍ତିଷ୍କକୁ ଭାରାକ୍ରାନ୍ତ
ପ୍ରାଣ ହୁଏ ଅଧିର ଅସ୍ଥିର
ସମୟ ଆଣିଦିଏ ଅବସାଦ
ଫୁଟେ ଯେବେ ସରସତାର ଫୁଲ
ମହକିତ କରେ ଚଉପାଶ
ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟରେ
ଜୀବନ ହୁଏ ରଙ୍ଗୀନ ସ୍ୱପ୍ନମୟ
ଅଧର ଧାରେ ଝଲସେ ସ୍ମିତ ହସ
ସାରା ଜଗତକୁ କରେ ବଶ
ସେ ହସ ଅମଉଳା ଚିର ଅମ୍ଳାନ ସ୍ନିଗ୍ଧ
ପ୍ରତି ହୃଦୟକୁ କରେ ମୁଗ୍ଧ
ମୋନାଲିସା ଶିଳ୍ପୀର ମାନସ କନ୍ୟା
ପଥର ଦେହର ଜୀବନ୍ତ ପ୍ରତିମୂର୍ତ୍ତି
ସାରା ବିଶ୍ୱରେ ଅନନ୍ୟା
ନମ୍ର ଶାନ୍ତ ସରଳ ଉଦାର ହୃଦୟ
ନାହିଁ ଗ୍ଳାନି ନାହିଁ କିଛି ଅନୁଶୋଚନା
ସେ ସମସ୍ତଙ୍କୁ ଦିଏ ସମ୍ବର୍ଦ୍ଧନା
ଜୀବନ ଜିଇଁବାକୁ କରେ ଆହ୍ୱାନ
ମନରୁ ଦୂରାଇ ଦେଲେ ତିକ୍ତତାର କ୍ଲେଶ
ରହେ ନାହିଁ ତିଳେ ଅବଶୋଷ
ଆରମ୍ଭ ହୁଏ ଅଭିଯାନ
ସେ ମୋନାଲିସା ପଥରର କାରୁକାର୍ଯ୍ୟ
ଶିଳ୍ପୀର କଳାକୃତି ଯାଦୁ
ଦର୍ଶକ ଭାବୁକ ହୁଅନ୍ତି ଆଶ୍ଚର୍ଯ୍ୟ
ପଥର ବି ହସି ପାରେ
ପାଷାଣ ହୃଦୟକୁ ତରଳାଏ
ଆତ୍ମାକୁ ଚରମ ପରମ ଶାନ୍ତି ଦିଏ
ସଂସାରରେ ହସ ଅମୂଲ ମୂଲ
ଅତୁଳନୀୟ ହୁଏନା କା' ସାଥେ ତୁଲ
ପାରେ ସେ ବହୁମୂଲ୍ୟ ରତ୍ନକୁ କିଣି
ସେ ଏକ ପରଶମଣି
ପ୍ରତିଟି ହୃଦୟକୁ ଯାଏ ଜିଣି
ମୋନାଲିସା ତାର ପ୍ରତୀକ
ଜୀବନର ଅମାରେ ଉଜ୍ଜ୍ୱଳ ଆଲୋକ
ସବୁ ଭୁଲି ଯିଏ ପାରେ ହସି
ତା' ସଂସାରରେ ଭରିଯାଏ ଖୁସି
ଅନ୍ତରରୁ ଅଶାନ୍ତି ହୁଏ ନାଶ
ଦୁଃଖକୁ ସୁଖରେ କରେ ରୂପାନ୍ତର
ସେ ମୋନାଲିସାର ହସ ।

ବାରିପଦା,ମୟୂରଭଞ୍ଜ

### ମନ

**ଶୁଭଦର୍ଶିନୀ ଦାଶ**

ମନ ଖୋଜୁଥାଏ ନିଜ ମନର ଠିକଣା
ଅବୁଝା ମନ ନଈ ସୁଅରେ
ନିଜ ସୁନ୍ଦରତାକୁ ଖୋଜି ବୁଲୁଥାଏ
ପୂର୍ଣ୍ଣମୀର ପୁରିଲା ଚାନ୍ଦରେ ।

ଦୁଃଖିନୀ ମନକୁ ପାଏ କେବେ କେବେ
ସାଗରର ଗର୍ଜିତ ଢେଉରେ
ମନ ମରିଯାଏ ବାହୁନି ବାହୁନି
ଅମାବାସ୍ୟାର ଅନ୍ଧାର ଗଳିରେ ।

ଆନନ୍ଦିତ ମନ ଉଡ଼ି ବୁଲୁଥାଏ
ନୀଳ ଆକାଶର ଅରୁଣିମାରେ
ଭସା ବାଦଲରେ ବସିରହି ଭିଜେ
ମେଘର ବତୁରା ବର୍ଷାରେ ।

ଇଚ୍ଛାମାନେ ପୁଣି ଚମକି ଖେଳନ୍ତି
ତାରାଙ୍କ ଫିକା ଆଲୁଅରେ
ଯୌବନ ତା ରଙ୍ଗ ଝୁରିହେଉଥାଏ
ଫୁଲର ଫାଖୁଡ଼ା କଅଁଳ ଛୁଆଁରେ ।

ମନ ଅଟେ ଏକ ସପ୍ତରଙ୍ଗି ଧନୁ
ଢ଼ଳିଯାଏ ଧୁ ଧୁ ଖରା ସ୍ପର୍ଶରେ
କେବେ ହଜିଯାଏ କେବେ ପୁଣି ଦିଶେ
ଗୋଧୂଳି ସଞ୍ଜ ଆକାଶରେ ।

ଭୁବନେଶ୍ୱର

## ଜରିଗୋଟାଳି ପିଲା
### ଶରତ କୁମାର ଦାସ



ସଂଜ ଗଡି ରାତିହେଲେ ଏକା ଏକା
ଘଡିଏ ଦାଣ୍ଡପିଣ୍ଡାରେ ବସି ଏକଲୟରେ
ଆକାଶକୁ ନିରେଖି ଚାହେଁ ଆଖିମେଲା କରି
ହାତଠାରି ଡାକେ ତାରାମାନଙ୍କୁ
ମନକୁ ମନ କଥାହୁଏ ଚୁପଚାପ ।

କ'ଣ ଭାବେ ସେ କେଜାଣି
କିଛି ସମୟ ନିରୋଳାରେ
ପୁଣି ଉଠିଚାଲିଯାଏ
ନିମିଷକେ ତରବର ହୋଇ।

ପକ୍ଷୀର ଗୀତ ଶୁଣେ ନୀରବରେ
ନା ଗାଇପାରେ ମନଖୋଲି
ନା ଦେଖିପାରେ ସେ ଅଦୃଶ୍ୟ ପକ୍ଷୀକୁ ।

ଅଗଣାରେ ବିଛାଡି ହୋଇ ପଡିଥିବା
ବହଳ ଅନ୍ଧାରର କଳା ମଚମଚ ଛିଟାକୁ
ସାଉଁଟିବାକୁ ଚେଷ୍ଟାକରେ ସେ,
କେତେବେଳେ ହସେ ପୁଣି
କେତେବେଳେ କାନ୍ଦେ ଗୁମୁରି ଗୁମୁରି
ତା' ମାଆ ଲଗାଇଥିବା ବାଡିପଟ
ସଜନାଗଛକୁ ଜଡେଇ ଧରି ।

ଛଳ ଛଳ ତା' ଆଖିହଳକରେ
ସେ ଦେଖେ ସମୁଦ୍ରର ମୁକୁଳା ଛାତି
ସାଇଁ ସାଇଁ ପବନରେ ଶୁଣେ ସେ
ପ୍ରଳୟର ଶବ୍ଦ।

ଖୁବ୍ ଜୋର୍‌ରେ ଡରିଯାଇ
କୁଙ୍କୁରିକାଙ୍କୁରି ହୁଏ ସେ ।
ଝାଳ ବହେ ଗମଗମ ତା' ସର୍ବାଙ୍ଗରୁ
ପାଣି ଢାଳେ ପିଇଦିଏ ପରମ ତୃପ୍ତିରେ
ଆଉ ଫେରିଯାଏ ତା' ଭଙ୍ଗାଦଦରା
ନୁଁଆଣିଆ ଚାଳ ଛପର ଘରକୁ
ମଳିଛିଆ ଛିଣ୍ଡା ଚାଦରକୁ କାନ୍ଧରେ ପକାଇ
ନାକ ସୁଁ ସୁଁ କରି ଖୁବ୍ ସନ୍ତର୍ପଣେ ।

ଫାଳେ କବାଟ ନଥିବା ଉଇଖିଆ
ଝର୍କା ବନ୍ଦ କରି
ଥକିପଡିଥିବା ଦେହଟାକୁ
ମାଟି ଚଟାଣରେ ଲୋଟେଇ ଦିଏ କିଛିକ୍ଷଣ ।

ଆଖି ମୁଦିହୋଇଯାଏ ଆପଣା ଛାଏଁ ଛାଏଁ
ପାହିଯାଏ ରାତି, ସକାଳ ହୁଏ
ପୁଣି ଆରମ୍ଭ ହୋଇଯାଏ ସେଇ ଏକା କାମ
ଗତକାଲି ଭଳି ଯୁଝେ
ତା' ଅଲୋଡା ଭାଗ୍ୟ ସହ
ଲାଗିପଡେ ଥଳିଆ ଧରି ପୁନଶ୍ଚ
ଜରି ଗୋଟାଏ ଖରାପିଠିଆ ହୋଇ।

ନା ତା' ଦୁନିଆରେ ଥାଏ କିଛି ପରିବର୍ତ୍ତନ
ନା ଥାଏ ତା' ଜିଇଁବାରେ ନୂଆ ସମ୍ଭାବନା
ଦରଫୁଟା ଫୁଲ ଭଳି ମଉଳିଯାଏ
ତା'ର ସବୁତକ ଆୟୁଷ
ବାସହୀନ ହୁଏ ତା' ବର୍ତ୍ତମାନ ଓ ଭବିଷ୍ୟ
ଚତୁର୍ଦ୍ଦିଗ ଲାଗେ ତାକୁ କୋଳାହଳ ଶୂନ୍ୟ
ଧୂ ଧୂ ଝାଂଜିପିଟା ଖରାବେଳ।

ଖାଲି ଯାହା ଦିନ ପରେ ଦିନ ଗଡୁଥାଏ
ତା' ଆଖିର ସବୁତକ ଲୁହ
ଧୀରେ ଧୀରେ ଜମାଟବାନ୍ଧୁଥାଏ
ସ୍ରୋତଟିଏ ହୋଇ କାଳେ କେବେ ବହିଯିବ
ତା' ଜୀବନର ଖାଲଢିପ
କେଉଁ ପାହାଡୀ ରାସ୍ତାରେ ।


♥ ଅଧ୍ୟାପକ
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଅନୁଭବରେ ବର୍ଷା
### ଭରତ ଚନ୍ଦ୍ର ଦାଶ



ବର୍ଷା
ଛ' ଟି ବସନ୍ତ
ଅତିକ୍ରମ କଲଣି ତୁମେ
ଅନୁଭବର ଅନୁଭବରେ
ଅନୁଭବି ପାରିନ ତୁମର
ଉପସ୍ଥିତି ମନରେ ତନୁରେ
ଅବା ଚେତନାର ଚୈତନ୍ୟରେ।
ବର୍ଷା
ଏକ ଋତୁ ନୁହେଁ
ଜୀବନ ଯୌବନର ଏକ
ସ୍ୱପ୍ନିଳ ମୁହୂର୍ତ୍ତ
ରୂପରେ ଲାବଣ୍ୟରେ
ହସରେ ଅବା ପ୍ରେମର ଫାଶରେ
ବାନ୍ଧିଥିଲ ଅନୁଭବର ମନ
ଯାହା ତାତ୍କାଳିକ ସମୟର ବେଶ୍
ଚର୍ଚ୍ଚା ଚର୍ଚ୍ଚିତ ଥିଲା
ପ୍ରେମ ତ ବାନ୍ଧିପାରେ ମନକୁ
ଛନ୍ଦିପାରେ ତନକୁ
ଆକର୍ଷିପାରେ ହୃଦୟକୁ
ତେବେ ଏମିତି କ'ଣ
ଊଣା ଥିଲା ଯେ ସୃଷ୍ଟିହେଲା
ସଂପର୍କର ଫାଟ
ଯାହା ସମକାଳ ଖଣ୍ଡରେ
ଭାଗି ଦେଉଛି ପ୍ରେମର
ପ୍ରଣୟର ଓ ପ୍ରତ୍ୟୟର
ଅତୁଟ ଅଲଙ୍ଘ୍ୟ କପାଟ ।

ବର୍ଷା
ତୁମେ କୁହ ପ୍ରେମ କଣ
ଲୁଚିଥାଏ ମିଠା ଅଧରରେ
ଅବା କଥାକୁହା ଆଖିର
ଅତୃପ୍ତ ଇସାରାରେ ନା
ଆଉ କେଉଁଠି ଥାଏ
ଚେତନ ଅବା ଅବଚେତନରେ।
ବର୍ଷା ତୁମେ ବର୍ଷିବା ପୂର୍ବରୁ
ଚିହ୍ନି ପାରିଲନି କେମିତି ମାଟିର
ଅନୁଭବକୁ ନା ଅଭିନୟ ଥିଲା।
ଅଭିନୟରେ ଅସମ୍ଭବ ସମ୍ଭବ ହୁଏ
ବାସ୍ତବତାର ମରୁଚିକା କେବଳ
ମୃଗତୃଷ୍ଣାରେ କ'ଣ ତୃଷା ମେଣ୍ଟେ
ମାତୃତ୍ୱ ଓ ପିତୃତ୍ୱ ଦୁଇଟି ଶବ୍ଦ
ପୁଣି ଦେହର କ୍ଷୁଧାକୁ ନେଇ
ଅତୃପ୍ତ ଆତ୍ମାର ଝଡ ଅନୁଭବରେ।
ସାମାଜିକ ପ୍ରତିଷ୍ଠା ଓ ପ୍ରତିପତିରେ
ଗଣମାଧ୍ୟମରେ ଚର୍ଚ୍ଚା
ଆଦୌ ଶୁଭଙ୍କର ନୁହେଁ ।
ଛ'ଟି ବସନ୍ତରେ ଆସିଲାନି
କେମିତି ମିଳନର ପର୍ବ
ରତି ପତି ଅତନୁର ଅନଙ୍ଗ ବିଳାସ
ତୁମେ କ'ଣ ଜାଣିନାହଁ
ପୁଷ୍ପସାୟକର ଅଧିପତି କିପରି
ଅତନୁ ହେଲେ ସ୍ୱୟଂମ୍ଭୁ ତ ପୁଣି
ଭାଙ୍ଗିଥିଲେ କଠୋର ତପସ୍ୟା
ଛଳନାରହିତ ଜୀବନରେ ଥାଏ ଶାନ୍ତି
କପଟରେ ତ ଅଶାନ୍ତିରେ
ମରିବା ନିଶ୍ଚିତ କେବଳ ।

ପୁରୁଷାକାରରେ ଥାଏ
ପ୍ରକୃତିର ବୈଭବ
ମାତୃତ୍ୱରେ ପୂର୍ଣ୍ଣ କରେ
ପ୍ରକୃତିର କୋଳ
ପ୍ରପଞ୍ଚ ବନିବାରେ ନ ଥାଏ ଜୀବନ
ବୁଡିବାରେ ବୁଡାଇବାରେ
ଲୋକହସା ଲାଞ୍ଛନା କେବଳ ।
ଏବେ ଅନୁଭବ ତୁମେ ପ୍ରୀତିରେ ବର୍ଷ
ଅବା ବର୍ଷାର ପ୍ରୀତିରେ ଭିଜ
ଏବେ ବି ସମୟ ତୁମ ପାଇଁ
ଝର ଝର ଅମୃତର ଝର
ଅନୁଭବ ବର୍ଷା ପାଇଁ
ଅବିରତ ପ୍ରୀତିର ନିର୍ଝର ।


♥ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର- ୭୫୬ ୧୨୬
ମୋ: ୯୪୩୭୩୭୨୧୬୬


## ଚାଲି ନଜାଣି ବାଟର ଦୋଷ
### ରତ୍ନକାନ୍ତି ମିଶ୍ର



ସଜାଡି ହୋଇ ଚାଲି ପାରୁନି ବୋହୂ
ଖୁଣ୍ଟା ଉଲୁଗୁଣା ତା ପାଇଁ ଥୟ
ଇଏ ତ ବାହାନା ମାତ୍ର!
ଯୌତୁକ ଲୋଭୀଙ୍କର ଏ ଟିପ୍ପଣୀ
କଦାଚିତ୍ ଆପେକ୍ଷିକ
ଧକ୍କାଉଥିବେ ବୋହୂଟିର
କାମକୁ, କଥାକୁ,ହସକୁ, ଚାଲିକୁ
ଦୁଃଖ କାହାକୁ କହିବ ସିଏ ?
ହାତେ ଓଢ଼ଣା ତଳୁ
ତା ସ୍ୱରକୁ ଶୁଣିବ ବା କିଏ ?
ଜୀବନର ଚଲାପଥରେ
ପ୍ରତିଦିନ ଝୁଣ୍ଟୁଥିବାର କ୍ଷୋଭରେ
ନିର୍ଯ୍ୟାତିତାଟି
ଦୋଷ ତ ଦେବ ବାଟକୁ, ଭାଗ୍ୟକୁ..!!

ତୁମେ ଜାଣ କି
କେତେ କଷ୍ଟ ସହିବାକୁ ହୁଏ
ଠିକ୍ ବାଟରେ ଚାଲିଲେ ?
ପଛରୁ ଧକ୍କା ଖାଇପାର
ତୁମ ଅଜଣାତରେ !
କଣ୍ଟା ବିଛା ହୋଇ ଥାଇପାରେ
ତୁମ ଚଲାପଥରେ
ଆଘାତ ପାଇଲେ
ସେମାନେ ତୀର୍ଯ୍ୟକ ହସି କହୁଥିବେ
ସମୟ ସହ ତାଳ ଦେଇ
ଏ ପର୍ଯ୍ୟନ୍ତ ଚାଲି ଶିଖିଲନି
ବଞ୍ଚିବ କେମିତି ସମାଜରେ ?
ତୁମକୁ ଆହ୍ୱାନ ଦେଉଥିବେ
କାହାକୁ ଦୋଷ ନଦେଇ
ଭିନ୍ନ ବାଟଟିଏ ଖୋଜି ନେବାକୁ
ତିଷ୍ଠି ରହିବାକୁ ଯଦି ଚାହଁ
ଏଇ ନୂଆ ଦୁନିଆରେ ।


ଆଳି, କେନ୍ଦ୍ରାପଡା


## ଶାନ୍ତି
### ଆନନ୍ଦ କୁମାର ମାଇତି



ମୋର ହୁଏତ ଚାହିଦା ଅନେକ
କିନ୍ତୁ ବାରଣ କମ୍ ବୋଲି ଦୃଷ୍ଟାନ୍ତ ତୁମ ପାଖରେ ନାହିଁ।

ମୁଁ କହିନି ତୁମକୁ ନିର୍ଦ୍ଦୋଷ କିମ୍ବା ପରିମାର୍ଜିତ ହେବାକୁ
ତୁମେ ବରଂ ତୁମ ଭୁଲ ଗପର କଥାବସ୍ତୁ ହୋଇ ରୁହ
ଯେଉଁ ଭୁଲ ଗପର ଅଭିଯୋଗ ହୋଇ ବିତି ଯାଉ ଜୀବନର ଅବଶିଷ୍ଟ ଅଂଶ

ତୁମ ପାଖରେ କେବେବି ଜିଦ୍ କରିନି
ତୁମ ହୃଦୟକୁ ଖୋଲା ଆକାଶଟେ ପରି ଗଢିତୋଳ ବୋଲି
ତୁମେ ଯଦି ପାର ନକ୍ଷତ୍ର ଭଣ୍ଡାର ଅନ୍ତରୀକ୍ଷ ହୁଅ
ଦିପି ଦିପୀ ହୋଇ ସେଠାରେ ମୁଁ ଯାଇ ଜଳିବି
ତୁମ ଅଦୃଶ୍ୟରେ, କେଉଁ ଗୋଟେ ନିଭୃତ ସ୍ଥାନରେ, ଯାକୁ ତମେ କେବେ ଟେର୍ ପାଇବନି।

ତମେ ଯେ ବଡ଼ ଲହଡ଼ି ଉଠା ଦରିଆ ଢେଉ
ଦରକାର୍ ନାହିଁ ଅସୁଆ ଚର ନଈ ର ଉର୍ମି ହେବା
ତମେ ବରଂ ସେଇ ଅଥଳା ସମୁଦ୍ର ହୋଇ
ଆଖି ଅମାପ କୂଳ ଖାଇ ଚାଲ
କେବେ ମୋତେ ନମିଳୁ ଟିପେ, ଅଧା ଭୋକିଲା ବାଲୁକା ଶେଯର ରଗଡ଼ା ପିଠି
ଯେଉଁଠି ତୁମ ଚିତ୍ର ଆଙ୍କିବାର ସୁଯୋଗ ଆସିବନି କେବେ ମୋ ତର୍ଜନିରେ।


♥ ଏରସମା, ଜଗତସିଂହପୁର


## ପରାଣ ଯାଇଛି ଜଳି
### ଶିଶିର କୁମାର ପଣ୍ଡା



ଖାଇ ପାରୁନାହିଁ ଶୋଇ ପାରୁନାହିଁ
ରାତିରେ ସପନ ଦେଖୁଛି ଖାଲି
ଭଲ ପାଉଥିଲ, ପର କରିଦେଇ
ଯେବେଠାରୁ ତୁମେ ଯାଇଛ ଚାଲି ।
ତୁମରି କୋଳରେ ଶୋଇକି ଗଣିଛି
ଗୋଟିକି ଗୋଟି ମୁଁ ଆକାଶେ ତାରା
ତମକୁ ଛାଡ଼ିକି ତୁଚ୍ଛ ଭାବୁଥିଲି
ଆଉ ଯେତେ ଝିଅ ଦୁନିଆଁ ସାରା ।
ମୋହ ଭାଙ୍ଗିଗଲା ମନ ମରିଗଲା
ପରାଣ ଯାହାର ଯାଇଛି ଜଳି
ସିଏ କି ଜାଣିବ ଆଉ କା' ହୃଦୟ
କେବେହେଲେ ନୁହଁ ତୁମରି ଭଳି ?


♥ କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮


## ବରଷାରେ ଏତେ ଜୁଡୁ ବୁଡୁ କଲୁ
### ତାରାପ୍ରସାଦ ଜେନା



ବରଷାରେ ଏତେ ଜୁଡୁ ବୁଡୁ କଲୁ ସରମେ ଯାଉଚି ସରି
ବେଶି ବରଷାକୁ ଛତାଟା ହାତରେ ସମ୍ଭାଳି ହେଉନି ଧରି !

ବାଦ ସାଧିବାକୁ ପାଖରେ ପାଇଲୁ, ଚାହାଣି ପଡୁଚି କେତେ
ଗୁଣୁ ଗୁଣୁ ହୋଇ ଶୁଣାଇ ଶୁଣାଇ କିଏ ସେ ମଜୁଚି ଗୀତେ
କାହାକୁ ବା ଆଉ କଅଣ କହିବି, ହୀନସ୍ଥା ହେଉଚି ଭାରି !

ଦେହଟା କାଲୁଆ ଶେତା ପଡୁ ପଛେ, ଖୋଲୁନି ଜମାରୁ ପାଟି
ଦେଖାଇ ହେବାକୁ ମିଛରେ ସେନେହ, କିଏ ସେ ଆସିବ ଛୁଟି
ଏ ଦଶାରୁ ଆହା ସେ ଦଶା ବଳିବ, ବିକଳେ ରହିଛି ଡରି !

ଘର ପାଇଥିଲେ ବରଷି ଥାଆନ୍ତୁ, ମନରେ ଯାହା ତୋ ଇଚ୍ଛା
ଘର ରାହା ଦେଖି ସଳଖୁଛି ପାଦ, ଏମିତି ଆଗକୁ ବଛା
ଶାଢ଼ୀର ପାଉଁଜି ଛନ୍ଦି ତ ହେଲାଣି, ଝୁଣ୍ଟି ମୁଁ ଚାହୁଁଛି ଘୂରି !


♥ ରାଜ ରଣପୁର, ଜିଲ୍ଲା- ନୟାଗଡ଼-୭୫୨୦୨୬
ମୋ: ୯୩୪୮୦୫୪୩୦୦


## ଅପହୃତ ନା ସେ ଅପହଞ୍ଚ
### ସୁମିତା ବେହେରା



ବୋଧହୁଏ ଏଇ ପ୍ରଶ୍ନଟି ମୋର
ଏକାନ୍ତ ନିଜର
ସେ ତ ସେଇଠି ସଦାକାଳେ
ଝଲସାଇ ତାର ଚିତ୍ରିତ ଝାଲର
ଉଦାରତାର ମୋତି ଚିହ୍ନ
ଆଉଁସି ପକାଏ ମୋତେ
ସତେ ଅବା ନିରୋଳ ପ୍ରେମର ସବୁଜ ଅରଣ୍ୟ
ସମୁଦ୍ର ର ନୀଳଜଳ ପରି
ନୀଳ ଠାରୁ ଆହୁରି ସଘନ
ନିରବତା ଠାରୁ ଆହୁରି ମୌନ ।

ଋତୁଙ୍କର ଅଭିସାରେ
ସତେ ଅବା ରୂପସୀ ନାୟିକା
ଭରି ନିଜ ଶୂନ୍ୟସ୍ଥାନ,
ଭାବଭରା ସଲ୍ଲଜ ମୁହଁରେ
ଭିନ୍ନ ଭିନ୍ନ ଉପପାଦ୍ୟ
ଐଶ୍ୱର୍ଯ୍ୟ ସଂପଦ ସାଥେ
ନିବିଡ ଆଶ୍ଲେଷର ଉଷ୍ମ ଆଲିଙ୍ଗନ ।

ନିଧଡକ ପଶେ ଯେବେ ମୋର ସନ୍ଧିକ୍ଷଣ
ଅଧାବାଟେ ଜିଅଁନ୍ତି ମରନ୍ତି କେତେ
ବିପନ୍ନ ସପନ
ବିଲ, ପାଟ, ଗୋହିରୀ ଓ ଘାଟ
ଯାହା ସବୁବେଳେ ମୋର
ମୋ ଭିତର କଳରୋଳ
ଛଳଛଳ ଚିର ଉଚ୍ଛଳ ।

ଆଃ, କେଉଁଠି ମୁଁ
ଆଜି 'ମୁଁ' ବୋଲି ନିଜକୁ ନିଜଠୁ
ପାଇଲିନି ମୁକ୍ତିବୋଧ
ଆଖପାଖ ଅଙ୍କୁରିତ ଦାରୁ ଦୂବ ଯାଏ
ଦିଶେ ଖାଲି
ଏକ ଛଟପଟ ଆକୁଳ ଅନ୍ତରାତ୍ମା
ନିଜ ଛାଇ ପାଖେ ବାରବାର
ହତାଶ ହିଁ ହୁଏ ।

ମୁଁ ଦେଖିଲି ତା ଦେହର
ଟିପା ଟିପା ଯେତେ ବନ୍ଧ୍ୟା ଦାଗ
ମିଛରେ ଆଙ୍କୁଥିବା
ଆଦିମତମ ଅନୁରାଗ
ସତ୍ୟର ଉଜ୍ଜ୍ୱଳ ପୂଣ୍ୟପାଦ
ପୁଣି ଅନ୍ୱେଷାର ଆକୁଳ ବିରାଗ ।

ତଥାପି ତ
ଦେଇଛି ମୋତେ ସେ
ସରଗଠୁ ସୁରକ୍ଷିତ ଭାବ
କ୍ଷମାର ଶିହରିତ ଅନୁଭବ ।


♥ ବାରିପଦା




## ଲଗାଣ ବର୍ଷା
### କବି ବିପ୍ଳବ



କୋଳଥିଆ ତମ୍ପ ପରି
ଦାଣ୍ଡରେ ପାଣି ସୁଅରେ ତୋଡ଼
ଡ଼ଙ୍ଗା ଭସୋଉଥିବା
ନଙ୍ଗଳା ଛୁଆଙ୍କ ପିଠିରେ
ବର୍ଷାର ନାଗିନା ନାଚ
ବତୁରା ମାଟି କାନ୍ଥ ପରି
ଚତୁରା ଭୂଇଁଆ ଭାଗ୍ୟ
ତଳି ସବୁ ଭାସିଗଲା ପ୍ରଖର ସ୍ରୋତରେ
କାଗଜ ଡ଼ଙ୍ଗା ପରି
ଛିନଛତର ସ୍ୱପ୍ନ ସବୁ ।

କଅଁଳା ବାଛୁରୀ ପରି
ଆକାଶରେ ଡିଆଁ ମାରୁଛି ମେଘ
ବାପା ଟର୍ଚ୍ଚ ମାରି ପାନ ବଟୁଆ
ଖୋଜିବା ପରି
ଚକ୍‌ଚକ୍ କରୁଚି ବିଜୁଳି ।

ଭାରି ଅବୁଝା ଏ ବର୍ଷା
ବେଲୁନ ନ କିଣି ପାରି ଯାତ୍ରା ଫେରନ୍ତା
ଖୁମାଣୀ ଝିଅର ପୋଷ ପୋଷ ଲୁହ
ବର୍ଷୁଛି ତ ବର୍ଷୁଥାଉ
କିଏ ତାକୁ ତୁନି କରିବ କୁହ !


♥ ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬


## ମୁଁ ତୁମକୁ ଭଲପାଏ
### ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ



'ମୁଁ ତୁମକୁ ଭଲପାଏ' ପାରିନି କେବେତ କହି
ହେଲେ ମୁଁ ସପନ ଦେଖେ ତୁମକୁ ପାଇବା ପାଇଁ... ।

ଦେଇନି ଅନ୍ତର ଖୋଲି/ନିରବେ ଝୁରୁଛି ଖାଲି
ମନଫୁଲ ଦେବାପାଇଁ ସୁଯୋଗତ ପାଇନାହିଁ... ।

ସ୍ମୃତିର ପାଉଁଶ ତଳେ/ ମୋ ପୀରତି ନିଆଁ ଜଳେ
ଏବେବି ସେ ଜଳିବାରେ ଆଲୋକାର ଦେଖାନାହିଁ... ।

ଆଶା ବଉଦର ଫାନ୍ଦେ/ମନ ମୋର ନିତି କାନ୍ଦେ
ମୋ ଦୁଃଖର କୁମୁଦକୁ ଚାନ୍ଦ କେବେ ଛୁଏଁ ନାହିଁ... ।

ଦୁନିଆର ସବୁ ବାଧା/ ଭୁଲି ମୁଁ ସାଜିଛି ରାଧା
ମନ ବୃନ୍ଦାବନେ ଥରେ ତୁମେ ଆସ ରାଧା ହୋଇ... ।

ଏ ମନରେ କେତେ ଶୋଷ/କେତେ ପୁଣି ଅବସୋସ
ତୁମ ପୁଣ୍ୟ ପରଶରେ ସବୁ ଯିବ ଶେଷ ହୋଇ... ।


♥ କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର
ପିନ-୭୫୫୦୧୩
ମୋ-୮୫୯୪୮୮୫୮୯୮


## ବିଶ୍ୱାସର ଏକ ନିର୍ଲିପ୍ତ ଜ୍ୟୋତି
### ଅନସୂୟା ପଣ୍ଡା



ସାଗର ବେଳାର ଅଜସ୍ର ବାଲୁକା ରାଶି ପରି ମୁଁ ଭୁଲ କରି ଚାଲିଥିଲି,
ଆଉ ତୁମେ ଦ୍ରଷ୍ଟା ହୋଇ ଦେଖୁ ଥିଲ, କିଛିବି ପ୍ରତିକ୍ରିୟା କରୁ ନଥିଲ ।

ବୋଧହୁଏ ତୁମେ ଭାବୁଥିଲ ମୁଁ ଏ ସବୁ କରି ଖୁସି ତେଣୁ ମୋ ଖୁସିରେ ତୁମେ ବି ଖୁସି ହେଉଥିଲ!
କି ତୁମେ ମୋ ଭୁଲ ସ୍ୱୀକାର କରିବାର ଦାୟିତ୍ୱ ମୋ ଉପରେ ଛାଡି ଦେଇଥିଲ ଜାଣେନି ।

ହେଲେ ହଜି ଯାଇଥିବା ସତ୍ୟର ଆଶା ବାଡ଼ିକୁ ପାଇଲା ପରେ,
ଖୁବ୍ ଭାରି ହୋଇ ଯାଉଥିଲା ମୋହର ପଲା,
ଦ୍ରୌପଦୀ ପରି କୁରୁସଭା ତଳେ ଠିଆ ହୋଇ ମୋର ମୋର ର ଲମ୍ବା ପଣତଟିକୁ ଆଉ ଜାବୁଡ଼ି ଧରି ପାରିଲିନି,
ଯେତେବେଳେ ଦୁଇ ହାତ ଟେକି ତୁମକୁ ସବୁ ସମର୍ପି ଦେଲି, ଅସ୍ଥିରତାର ସେ ଖଣ୍ଡିତ ଶିଖା ମୋ ଭିତରେ ବିଶ୍ୱାସ ର ଏକ ନିର୍ଲିପ୍ତ ଜ୍ୟୋତି ହୋଇ ଜଳିବାକୁ ଲାଗିଲା,
ଆଉ ଖୁବ୍ ସାବଲୀଳ ଭଙ୍ଗୀରେ ସ୍ୱାଗତ କଲା ଜୀବନ ।


♥ କାର୍ଡଗୁଡ଼ି, ବାଙ୍ଗାଲୋର
ମୋ: ୯୮୪୦୭୦୬୧୪୦


## କେବଳ ତୁମରି ପାଇଁ
### ଦିବାକର ନାୟକ



ସେଠି ସିନା ଏତେ ଝଡ଼ ବିଭୀଷିକା
ଆମ ଏଠି କିଛି ସେମିତି ନାହିଁ
ଦୁହିଁଙ୍କର ଜାଗା ବଦଳେଇ ଦେବା
ଏତିକି କରିବି ତୁମରି ପାଇଁ ।

ଗୋଟିଏ ଜାଗାର ଗୋଟିଏ ବିପଦ
ସଭିଙ୍କ ପାଇଁ ତ ସମାନ ନୁହେଁ
ପୃଥିବୀ ଏ ପଟେ ଅନ୍ଧକାର ଥିଲେ
ଆର ପଟେ ପରା ଆଲୋକ ଥାଏ

ଏଠାର ମଳୟ ତୁମକୁ ସଅଁପି
ସେଠାର ପ୍ରଳୟ ବରିବି ମୁହିଁ..
ସେଠି ସିନା ଏତେ ଝଡ଼ ବିଭୀଷିକା
ଆମ ଏଠି କିଛି ସେମିତି ନାହିଁ ।

ସବୁ ସୁଅରେ ମୁଁ ପହଁରି ଜାଣିଛି
କୋଉ ଗଣ୍ଡକୁ ବି ନାହିଁ ମୋ ଡର
ତୁମ ସୁଖ ପାଇଁ ହୃଦୟ କାହିଁକି
ଜୀବନ ଦେବାକୁ ମୁଁ ଆଗଭର

ନିଜ ପାଇଁ ବଞ୍ଚି କି ଲାଭ ପାଇବି
ସବୁ ପାଇଯିବି ନିଜକୁ ଦେଇ..
ସେଠି ସିନା ଏତେ ଝଡ଼ ବିଭୀଷିକା
ଆମ ଏଠି କିଛି ସେମିତି ନାହିଁ ।


♥ ପାଟପୁର, କନିସି
ଗଞ୍ଜାମ-୭୬୧ ୦୦୮
ମୋ-୯୯୩୮୬ ୧୯୯୮୧

# ଦି ନ୍ୟାସନାଲ ଏଡୁ କନଫରେନ୍ସ -୨୦୨୨ ଅନୁଷ୍ଠିତ

ଭୁବନେଶ୍ୱର,୨୫/୦୭ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନ ଠାରେ ଦି ନ୍ୟାସନାଲ ଏଡୁ କନଫରେନ୍ସ -୨୦୨୨ ରବିବାର ସହୋଦୟ ସ୍କୁଲ କମ୍ପ୍ଲେକ୍ସ, ଇଷ୍ଟର୍ଣ୍ଣ ଓଡିଶା ଚାପ୍ଟର ଆନୁକୂଲ୍ୟରେ ଏବଂ ସେଂଟର ଅଫ୍ ଏଜୁକେସନ୍ ଡେଭେଲପମେଂଟ (ସି ଇ ଡି) ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ଶିକ୍ଷା ମନ୍ତ୍ରୀ , ରିପବ୍ଲିକ୍ ଅଫ୍ ମାଲଦ୍ୱୀପ ଡ. ଅବଦୁଲ୍ଲା ରସିଦ୍ ଅହମ୍ମଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିସହ ରିଜିଓନାଲ ଅଫିସର , ସିବିଏସଇ , ଭୁବନେଶ୍ୱର କେ. ଶ୍ରୀନିବାସନ୍ ସମ୍ମାନନୀୟ ଅତିଥି, ପ୍ରୋଫେସର ସି.ବି ଶର୍ମା, ପୂର୍ବତନ ଚେୟାରମ୍ୟାନ୍ ଏନଆଇଓଏସ୍ ମୁଖ୍ୟ ବକ୍ତା, ପ୍ରଫେସର ମାଧୁରୀ ଇସାବେ , ଆସୋସିଏଟ୍ ପ୍ରଫେସର , ପୁନେ ୟୁନିଭରସିଟି ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କନଫରେନ୍ସରେ ଭୁବନେଶ୍ୱରର ୫୦ରୁ ଉର୍ଦ୍ଧ୍ୱ ସିବିଏସଇ ସ୍କୁଲରୁ ୨୦୦ ପ୍ରିନ୍ସିପାଲ , ଭାଇସ୍ ପ୍ରିନ୍ସିପାଲ, ଶିକ୍ଷାବିତ୍ , ବରିଷ୍ଠ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ନ୍ୟାସନାଲ ଏଜୁକେସନ୍ ପଲିସି -୨୦୨୦ ରେ ଆବଶ୍ୟକ ମୌଳିକ ଗାଇଡ୍ ଲାଇନ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଚେୟାରମ୍ୟାନ ଡ. ପ୍ରିୟଦର୍ଶୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ,ଏସଏସସି ଇଷ୍ଟର୍ଣ୍ଣ ଓଡିଶା ଅଧ୍ୟକ୍ଷ ଡ. ପ୍ରଦୀପ ତ୍ରିପାଠୀ ସଂଯୋଜନା କରିଥିଲେ । ଏସଏସସି ଇଷ୍ଟର୍ଣ୍ଣ ଓଡିଶା ସାଧାରଣ ସମ୍ପାଦକ ଡ. ଅଭିରାମ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ହଜାରେ ତଳକୁ ଖସିଲା ରାଜ୍ୟରେ କରୋନା ସଂକ୍ରମଣ : ୯୫ ଜଣ ୧୮ ବର୍ଷରୁ କମ୍ ବୟସର



ଭୁବନେଶ୍ୱର,୨୫/୦୭ (ନି.ପ୍ର): ବେଶ୍ କିଛି ଦିନ ବ୍ୟବଧାନ ପରେ ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ହଜାରେ ତଳକୁ ଖସିଛି । ଗତକାଲି ୧୦୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୭୩୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୩୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩୦୭ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୯୫ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୯ଟି ଜିଲ୍ଲାରୁ ୭୩୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ଗୋଟିଏ ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୩୮ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨, ବାଲେଶ୍ୱର ଜିଲ୍ଲାରୁ ୮ ଜଣ, ବରଗଡ଼ରୁ ୨୦, ଭଦ୍ରକରୁ ୩ ଜଣ, ବଲାଙ୍ଗୀରରୁ ୧୭ ଜଣ, ବୌଦ୍ଧରୁ ୯ ଜଣ, କଟକରୁ ୩୪ ଜଣ, ଦେବଗଡ଼ରୁ ୨ ଜଣ, ଢେଙ୍କାନାଳରୁ ୩ ଜଣ, ଗଜପତିରୁ ୭ ଜଣ, ଗଞ୍ଜାମରୁ ୨, ଜଗତସିଂହପୁରରୁ ୪ ଜଣ, ଯାଜପୁରରୁ ୧୪ ଜଣ, ଝାରସୁଗୁଡ଼ାରୁ ୧୮ ଜଣ, କଳାହାଣ୍ଡି ଜିଲ୍ଲାରୁ ୧୦ ଜଣ, କନ୍ଧମାଳରୁ ୧୧ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୫ ଜଣ, କେନ୍ଦୁଝରରୁ ୧୨, ଖୋର୍ଦ୍ଧା ଜିଲ୍ଲାରୁ ୧୩୮, କୋରାପୁଟ ଜିଲ୍ଲାରୁ ୧୨ ଜଣ, ମୟୂରଭଞ୍ଜରୁ ୮୪ ଜଣ, ନବରଙ୍ଗପୁରରୁ ୪ ଜଣ, ନୟାଗଡ଼ ଜିଲ୍ଲାରୁ ୨୨ ଜଣ, ନୂଆପଡ଼ାରୁ ୮ ଜଣ, ପୁରୀରୁ ୧୧ ଜଣ, ରାୟଗଡ଼ାରୁ ୧୫ ଜଣ, ସମ୍ବଲପୁରରୁ ୧୧୩ ଜଣ, ସୋନପୁରରୁ ୧୫ ଜଣ, ସୁନ୍ଦରଗଡ଼ରୁ ୧୧୪ ଜଣ ଓ ଷ୍ଟେଟପୁଲରୁ ୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୦୭, ୨୪୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨,୯୦, ୬୬୩ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୭୪୦୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଲାୟନ୍ସ କ୍ଲବ ଇଂଟରନାସନାଲ ଜିଲ୍ଲା ୩୨୨ ସି୪ର ୧୦ମ ଅଧିଷ୍ଠାନ ଉତ୍ସବ

ଭୁବନେଶ୍ୱର,୨୫/୦୭ (ନି.ପ୍ର): ଲାୟନ୍ସ କ୍ଲବ ଇଂଟରନାସନାଲ ଜିଲ୍ଲା ୩୨୨ ସି୪ର ୨୦୨୨-୨୩ବର୍ଷର ୧୦ମ ଅଧିଷ୍ଠାନ ଉତ୍ସବ ଭୁବନେଶ୍ୱରସ୍ଥିତ ହୋଟେଲ ପଦ୍ମଜାରେ ଅନୁଷ୍ଠିତ ହୋଇଯାଇଛି । ଗଭର୍ଣ୍ଣର ଲାୟନ ଇଂ ସୁରେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଲାୟନ୍ସ କ୍ଲବ ଇଂଟରନାସନାଲର ପୂର୍ବତନ ସଭାପତି ଲାୟନ ଡଃ ନରେଶ ଅଗ୍ରୱାଲ ମୁଖ୍ୟ ଅତିଥି ତଥା ଇନଷ୍ଟଲେସନ ଅଧିକାରୀ ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ପ୍ରଥମ ମହିଳା ସନ୍ଧ୍ୟାରାଣୀ ନାୟକ, ଲାୟନ ଡ଼ାକ୍ତର ପି. କେ. ତ୍ରିପାଠୀ, ଲାୟନ ପୂର୍ଣ୍ଣଚନ୍ଦ୍ର ପାଢୀ, ଲାୟନ ଆଇ.ଭି. କୋଟେଶ୍ୱର ରାଓ, ପ୍ରଥମ ଜିଲ୍ଲା ଉପାଧ୍ୟକ୍ଷା ଲାୟନ ସରସ୍ୱତୀ ପାତ୍ର, କେବିନେଟ ସେକ୍ରେଟାରୀ ଲାୟନ ଅଜୟ କୁମାର ମହାନ୍ତି, କେବିନେଟ ସେକ୍ରେଟାରୀ ଲାୟନ ଲଳିତେନ୍ଦୁ ଶତପଥୀ, କେବିନେଟ କୋଷାଧ୍ୟକ୍ଷ, ପୂର୍ବତନ ଜିଲ୍ଲା ଗଭର୍ଣ୍ଣର, ଜିଲ୍ଲାର କେବିନେଟ ସଭ୍ୟସଭ୍ୟା ତଥା ଜିଲ୍ଲାରେ ଥିବା କ୍ଲବମାନଙ୍କର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ଅନ୍ୟ ସଭ୍ୟସଭ୍ୟାମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ କ୍ଲବର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ମାନଙ୍କର ଏକ ତାଲିମ କାର୍ଯ୍ୟକ୍ରମ କରାଯାଇଥିଲା । ଆରମ୍ଭରେ ସ୍ୱାଗତ ସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା । ମୁଖ୍ୟ ଅତିଥି କେବିନେଟ ସଭ୍ୟ, ସଭ୍ୟାମାନଙ୍କୁ ଶପଥପାଠ କରାଇଥିଲେ । ଲାୟନ ୨୦୨୨-୨୩ ବର୍ଷ ପାଇଁ ଅନେକ ସାମାଜିକ କାର୍ଯ୍ୟକ୍ରମ ଯଥା ଭୋକିଲା ଲୋକଙ୍କ ପାଇଁ ଖାଦ୍ୟ, ପରିବେଶ ସୁରକ୍ଷା ପାଇଁ ୧ଲକ୍ଷ ବୃକ୍ଷ ରୋପଣ, କର୍କଟ ରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ଚକ୍ଷୁ ରୋଗ ନିରାକରଣ, ମଧୁମେହ ରୋଗର ନିରାକରଣ ତଥା ଅନ୍ୟାନ୍ୟ ରୋଗର ନିରାକରଣ ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଶେଷରେ ଲାୟନ ଅଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଏସଏଫ ଅଧିକାରୀଙ୍କ ମାଲକାନଗିରି ଗସ୍ତ : ସୁରକ୍ଷା ବ୍ୟବସ୍ଥାର କଲେ ସମୀକ୍ଷା

ମାଲକାନଗିରି ,୨୫/୦୭ (ନି.ପ୍ର): ବିଏସଏଫ ଆଇଜି ସତୀଶ ଚନ୍ଦ୍ର ବୁଢ଼ାକୋଟି, ଡ଼ିଆଇଜି ଏକେ ଶର୍ମା, ମାଲକାନଗିରି ସେକ୍ଟର ଡ଼ିଆଇଜି ଶୈଳେନ୍ଦ୍ର କୁମାର ସିନହା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ୩ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ସୁରକ୍ଷା ସମ୍ବନ୍ଧୀୟ ସ୍ଥିତି ସମୀକ୍ଷା କରି ଗତକାଲି ସଂନ୍ଧ୍ୟାରେ ଫେରି ଯାଇଛନ୍ତି । ଓଡ଼ିଶା - ଆନ୍ଧ୍ର ଏବଂ ଓଡ଼ିଶା - ଛତିଶଗଡ଼ ସୀମାନ୍ତରେ ବର୍ତମାନ ପରିସ୍ଥିତି କିଭଳି ଅଛି ସେନେଇ ଆଭ୍ୟନ୍ତରୀଣ ଅଂଚଳକୁ ଯାଇ ସ୍ଥିତି ଅନୁଧାନ କରିବା ସହ ସମ୍ବେଦନଶୀଳ ଅଂଚଳରେ ମୁତୟନ ଯବାନଙ୍କ ସହ ଭାବ ବିନିମୟ କରିଥିଲେ ବିଏସଏଫ ଅଧିକାରୀମାନେ । ଏହି ଅବସରରେ ସୈନିକ ସମ୍ମିଳନୀରେ ମଧ ଯୋଗଦେଇ ଯବାନଙ୍କ ମନୋବଳ ବଢ଼ାଇ ଥିଲେ । ବର୍ତମାନର ସ୍ଥିତି ନେଇ ସେମାନେ ସ୍ଥାନୀୟ ବରିଷ୍ଠ ପ୍ରଶାସନିକ ଅଧାକାରୀଙ୍କ ସହ ମିଶି ଆଲୋଚନା କରିଥିଲେ । ସମସ୍ତ ପରିସ୍ଥିତିର ସାମ୍ନା କରି ଯବାନମାନେ ଲୋକଙ୍କୁ ୨୪ ଘଂଟିଆ ସୁରକ୍ଷା ପ୍ରଦାନ କରୁଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିରୋ ମ୍ୟାଲେରିଆ ପଦକ୍ଷେପକୁ ପ୍ରଶଂସା କରିଥିଲେ ବିଏସଏଫ ଅଧିକାରୀ । ଏହି ଅବସରରେ ବିଭିନ୍ନ ବିଏସଏଫ କ୍ୟାମ୍ପରେ ଚା ରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରିବେଶର ସୁରକ୍ଷା ପାଇଁ ଅଧିକରୁ ଅଧିକ ଚା ରା ରୋପଣ କରିବାକୁ ଆଇଜି ଶ୍ରୀ ବୁଢ଼ାକୋଟି ଯବାନଙ୍କୁ ଉତ୍ସାହିତ କରିଥିଲେ ।

# ୨ଟି ଦୋକାନରୁ ଚୋରି ଅଭିଯୋଗ

ମୁଖୀଗୁଡା,୨୫/୦୭ (ନି.ପ୍ର): ଜୟପାଟଣା ମୁଖ୍ୟ ରାସ୍ତା କଡରେ ଥିବା ବିଦେଶୀ ମଦ ଦୋକାନ ଏବଂ ସିଂ ପାନ ଦୋକାନ ରୁ ଗତ ରାତିରେ ଚୋରି ହୋଇଥିବା ଜୟପାଟଣା ଥାନାରେ ଅଭିଯୋଗ ହୋଇଛି । ଜୟପାଟଣା ମୁଖୀଗୁଡା ରାସ୍ତା କଡରେ ଥିବା ବିଦେଶୀମଦ ଦୋକାନ ଏବଂ ଏବଂ ମଦ ଦୋକାନକଡରେ ଥିବା ସିଂ ପାନ ଦୋକାନ ରୁ ଗତ ରାତିରେ ଚୋରି ହୋଇଛି । ଗତ ରାତିରେ ଉଭୟ ଦୋକାନର ସଟର ତାଡ଼ି ମଦ ଦୋକାନ ରୁ ମଦ ଚୋରି ହୋଇ ଥିବା ବେଳେ ପାନ ଦୋକାନର ଡ୍ରରେ ଥିବା ଟଙ୍କା ଚୋରି ହୋଇଥିବା ଦୋକାନ ମାଲିକ ଜୟପାଟଣା ଥାନାରେ ଅଭିଯୋଗ କରିଛନ୍ତି । ଜୟପାଟଣା ପୁଲିସର ତଦନ୍ତ ଜାରି ରହିଛି । ଦୋକାନ ରେ ଲାଗିଥିବା ସିସି ଫୁଟେଜରୁ ଚୋରି ହୋଇଥିବା ଜଣାପଡିଛି । ହେଲେ ଚୋର ର ସନ୍ଧାନ ମିଳିପାରି ନାହିଁ ।

# ହାତୀଙ୍କୁ ବିପଦ ବିଦ୍ୟୁତ୍ ତାର : ୧୦ ହଜାର ସ୍ଥାନରେ ଭିତ୍ତିଭୂମି ଦୁର୍ବଳ

ଭୁବନେଶ୍ୱର ,୨୫/୦୭ (ନି.ପ୍ର): ବିଦ୍ୟୁତ ଆଘାତରୁ ହାତୀଙ୍କୁ ସୁରକ୍ଷା ଦେବାକୁ ଯୋଜନା ହେଉଛି । ବୈଠକ ପରେ ବୈଠକ କରି ରାଜ୍ୟ ସରକାରଙ୍କ ଅଧିକାରୀମାନେ ଆକ୍ସନ ପ୍ଲାନ କରୁଛନ୍ତି । ବିଦ୍ୟୁତ୍ ତାର ଉଚ୍ଚତା ବଢ଼ାଇବା, ଝୁଲନ୍ତା ତାରକୁ ଟେକିବା, ଦୁର୍ବଳ ବିଦ୍ୟୁତ୍ ଖୁମ୍ବକୁ ସୁଦୃଢ଼ କରିବାକୁ ନିଷ୍ପତ୍ତି ନେଉଛନ୍ତି । କଣ୍ଟ ବି ଧାର୍ଯ୍ୟ କରୁଛନ୍ତି । ତା'ପରେ ବି ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ରୋକିବାରେ ସଫଳ ହୋଇପାରୁ ନାହାନ୍ତି । ୨୦୦୦ରୁ ୨୦୧୮ ଅଗଷ୍ଟ ସୁଦ୍ଧା ବିଦ୍ୟୁତ ଆଘାତରେ ୧୬୭ଟି ହାତୀ ପ୍ରାଣ ହରାଇଥିଲେ । ମାତ୍ର ଏହାର ପରବର୍ତୀ ୪ ବର୍ଷରେ ୫୩ଟି ହାତୀଙ୍କ ମୃତ୍ୟୁ ଘଟିବାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିବା ସହ ରାଜ୍ୟ ସରକାରଙ୍କ ଅପରାଗତା ପାଇଁ ଓଡ଼ିଶାରେ ହାତୀ ବଂଶ ବୁଡ଼ିବାକୁ ଯାଉଥିବା ଅଭିଯୋଗ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ହାତୀ ଚଳପ୍ରଚଳ ଅଞ୍ଚଳରେ ୧୩ ହଜାର ୬୦୬ଟି ବିଦ୍ୟୁତ୍ ଭିତ୍ତିଭୂମି ଦୁର୍ବଳ ରହିଥିବା ଚିହ୍ନଟ ହୋଇଛି । ସେଗୁଡ଼ିକୁ ସୁଦୃଢ଼ କରିବାକୁ ଗତବର୍ଷଠାରୁ ଯୋଜନା ହୋଇଥିଲେ ମଧ ଏପର୍ଯ୍ୟନ୍ତ ମାତ୍ର ୩୫୦୦ଟି ସ୍ଥାନରେ କାମ ସରିଛି । ଝୁଲିରହିଥିବା ତାରକୁ ଉଠାଇବା, ଖମ୍ବଗୁଡ଼ିକରେ ଧାତୁ ନିର୍ମିତ କଣ୍ଟା ଖଞ୍ଜିବା, ସର୍କିଟ୍ ବ୍ରେକର ବ୍ୟବସ୍ଥା ଦ୍ୱାରା ଦୁର୍ବଳ ଖମ୍ବଗୁଡ଼ିକର ସୁଦୃଢ଼ୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଆହୁରି ୧୦ ହଜାରରୁ ଅଧିକ ସ୍ଥାନରେ ଦୁର୍ବଳ ଭିତ୍ତିଭୂମି ରହିଥିବାରୁ ହାତୀଙ୍କ ପ୍ରତି ବିପଦ ଟଳିପାରିନି ।

କେବଳ ସେତିକି ନୁହେଁ, ହାତୀ ଚଳପ୍ରଚଳ କରୁଥିବା ୩୭୧୪.୯୫୭ କିମି ଅଞ୍ଚଳରେ ଖୋଲା ତାର ଟଣାଯାଇଛି । ଉକ୍ତ ବିଦ୍ୟୁତ୍ ଲାଇନ୍‌କୁ ଚିହ୍ନଟ କରାଯାଇ ସେଥିରେ ଆବରଣଯୁକ୍ତ ତାର (ଇନ୍‌ସୁଲେଟେଡ କେବୁଲ୍) ଲଗାଯାଉଥିବା କାର୍ଯ୍ୟ ବି ସରି ନାହିଁ । ଏବେ ସୁଦ୍ଧା ୨୫୦୦ କିମି ଲାଇନ୍‌ରେ ଏହି କେବୁଲ୍ ଲାଗିସାରିଛି । ଆହୁରି ପ୍ରାୟ ୧୩୦୦ କିମି ବିଦ୍ୟୁତ୍ ତାର ଆବରଣଯୁକ୍ତ ହୋଇନାହିଁ । ସେପଟେ କିଛି ଦିନ ତଳେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ସେପଟ୍ଟେମ୍ବର ସୁଦ୍ଧା ଏହି ସମସ୍ତ କାର୍ଯ୍ୟ ଶେଷ କରିବାକୁ କୁହାଯାଇଥିଲା । ଇତିମଧ୍ୟରେ ଜୁଲାଇ ଶେଷ ହେବାକୁ ବସିଛି । ହାତରେ ଆଉ ମାତ୍ର ଦୁଇ ମାସ ସମୟ ରହିଥିବାରୁ କିଭଳି ଭାବେ କର୍ଯ୍ୟ ଶେଷ ହେବ ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି ।

ଜଙ୍ଗଲ ବିଭାଗର ଜଣେ ଅଧିକାରୀ କହିଛନ୍ତି ପ୍ରତି ବନଖଣ୍ଡରେ ହାତୀ ଚଳାଚଳ କରୁଥିବା ଏବଂ ବିଦ୍ୟୁତ୍ ଆଘାତ ସମ୍ବନ୍ଧୀୟ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ କରାଯାଇଛି । ବିଦ୍ୟୁତ୍ ଆଘାତ ଜନିତ ହାତୀ ମୃତ୍ୟୁ ରୋକିବା ଲାଗି ବିଭିନ୍ନ ସ୍ଥାନରେ ଶକ୍ତି ବିଭାଗ କର୍ମଚାରୀଙ୍କ ସହ ନିୟମିତ ବୈଠକ ହେଉଛି । ଉଭୟ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଜିପିଏସ ଖଞ୍ଜା ଯାଇଥିବା ଯାନରେ ହାତୀ ଚଳାଚଳ ଅଞ୍ଚଳରେ ଥିବା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ସରବରାହ ଲାଇନ୍ କଡ଼େ କଡ଼େ ପଇଁତରା ଦିଆଯାଉଛି । ବିଦ୍ୟୁତ୍ କାଟ ସମ୍ବନ୍ଧୀୟ ତଥ୍ୟକୁ ଉଭୟ ବିଭାଗ ଅଧିକାରୀଙ୍କ ଦ୍ୱାରା ବିଶ୍ଳେଷଣ କରାଯାଇ ବେନିୟମ ଭାବେ ହୁକିଂ ହେଉଥିବା ସ୍ଥାନକୁ ଚିହ୍ନଟ କରାଯାଉଛି । ହାତୀ ଉପଦ୍ରବ ଗ୍ରାମଗୁଡ଼ିକରେ ତିନି ବର୍ଷରେ ୧୨୮୪ଟି ସୌରଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନା ହୋଇଛି । ୪ଟି ବନଖଣ୍ଡରେ ୧୨ଟି ସ୍ଥାନରେ ଆଲୋକ ବ୍ୟବହାର କରି ହାତୀ ଚଳାଚଳ ସମ୍ପର୍କରେ ସତର୍କ ସୂଚନା ପ୍ରଦାନ କରାଯାଉଛି ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ବିଧାନସଭାରେ କହିଛନ୍ତି ଯେ ହାତୀଙ୍କ ସୁରକ୍ଷା ପାଇଁ ଆମେ ସର୍ବଦା ଯତ୍ନଶୀଳ । ୧୪ଟି ହାତୀ ଚଳାପଥ ବା ଏଲିଫ୍ୟାଣ୍ଟ କରିଡର ହୋଇଛି । ମୟୂରଭଞ୍ଜ, ମହାନଦୀ ଓ ସମ୍ବଲପୁର ହାତୀ ସଂରକ୍ଷଣ ପ୍ରକଳ୍ପ ଗଠିତ ହୋଇଛି । ହାତୀମାନଙ୍କ ଖାଦ୍ୟ ଆବଶ୍ୟକତା ପୂରଣ ଲାଗି ଗତ ୩ ବର୍ଷରେ ସିଡ୍ ବଲ୍ ଦ୍ୱାରା ୩.୭ ଲକ୍ଷ ବାଉଁଶ ମଞ୍ଜି ରୋପଣ କରାଯାଇଛି । ୮୫ ହେକ୍ଟର ଅଞ୍ଚଳରେ ଖାଦ୍ୟ ଉପଯୋଗୀ ଓ ଫଳ ବୃକ୍ଷରୋପଣ ହୋଇଛି । ୩୪୩ ସୁରକ୍ଷା ଦଳ, କ୍ଷେତ୍ର କର୍ମଚାରୀ ଓ ସ୍କ୍ୱାଡ୍ ପଇଁତରା ଲାଗି ଗାଡ଼ି, ବୋଟ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥିବା ସେ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ ।

## ରାସ୍ତାରେ ଭାରିଯାନ ଖରାପ, ଯାତାୟତ ଅସୁବିଧା

ବଲାଙ୍ଗିର,୨୫/୦୭ (ନି.ପ୍ର): ବିଶାଖାପାଟଣାରୁ ଝାରସୁଗୁଡ଼ା ଯାଉଥିବା ଏକ ୧୮ଚକିଆ ଟ୍ରେଲର ଗାଡି ବଲାଙ୍ଗିର ସହରସ୍ଥିତ ପାଟଣେଶ୍ୱରୀ ମନ୍ଦିର ଛକ ଠାରେ ଖରାପ ହୋଇଯାଇଥିବା ଯୋଗୁଁ ରାସ୍ତାରେ ଅଟକି ରହିଥିଲା । ଫଳରେ ବଲାଙ୍ଗିର - ସୋନପୁର ରାସ୍ତାରେ ଯାତାୟତ ଠପ୍ ହୋଇଯାଇଥିଲା । ଗତକାଲି ରାତି ପ୍ରାୟ ୨ଟା ସମୟରେ ଏହି ଭାରିଯାନ ଟି ଏପରି ବ୍ରେକ୍ ଡାଉନ୍ ହୋଇ ପଡିଥିବା ଯୋଗୁଁ ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା । ସକାଳେ ଖବର ପାଇ ଅଗ୍ନିଶମ ଓ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଏହି ଗାଡିକୁ ରାସ୍ତା ମଝିରୁ ହଟାଯିବା ପରେ ସମ୍ପୃକ୍ତ ରୁଟ ରେ ଗମନାଗମନ ସ୍ୱାଭାବିକ ହୋଇଥିଲା ।

# ଧାରା ଶ୍ରାବଣ କବିତା ଆସର ଅନୁଷ୍ଠିତ

ଜୟପୁର ,୨୫/୦୭ (ନି.ପ୍ର): ବସୁମତୀ ସାହିତ୍ୟ ସଂସଦ, ଜୟପୁର ଆନୁକୂଲ୍ୟରେ ସ୍ଥାନୀୟ ଜ୍ୟୋତି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରମଣି ବାରିକଙ୍କ ୬୦ତମ ଜନ୍ମ ଦିବସ ପୂର୍ତ୍ତି ଅବସରରେ ଧାରା ଶ୍ରାବଣ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ବିଷ୍ଣୁ ପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାକେଶ କୁମାର ପାଢୀ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ.ସୁରେଶ ଦାଶ ,ବିଶିଷ୍ଟ ଗାଳ୍ପିକ ଶ୍ରୀନାଥ ମିଶ୍ର ,ସାହିତ୍ୟିକ .ମହାଦେବ ଶତପଥି, ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ବ୍ରହ୍ମପୁରର ଅଧ୍ୟକ୍ଷ ଡ.ନାରାୟଣ ଚରଣ ପଟ୍ଟନାୟକ, ଏବଂ ଜୟପୁର ଆଇନ ମହାବିଦ୍ୟାଳୟ ର ବରିଷ୍ଠ ଅଧାପକ ଡ. ବିବେକାନନ୍ଦ ଛୋଟରାୟ ଯୋଗଦାନ କରି ଆଲୋଚ୍ୟ ପ୍ରସଙ୍ଗ ସମାଜ ପାଇଁ ସାହିତ୍ୟର ଭୂମିକା ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ଚନ୍ଦ୍ରମଣି ବାରିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । କବି ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କବୟିତ୍ରୀ ତପସ୍ୱିନୀ କୁମାରୀ ସାହୁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଚରଣରେ କବି ଯଜ୍ଞେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବୟିତ୍ରୀ ଶୋଭାଗିନୀ ନନ୍ଦ, ତପସ୍ୱିନୀ ସାହୁ ଓ ବିଜୟଲକ୍ଷ୍ମୀ ପାଣିଗ୍ରାହୀ କବିତା ଗୁଡିକୁ ସଂଯୋଜନା କରିଥିଲେ । କବି ବଂଶୀଧର ମହାରଣା, ସୁକୁମାର ବିଶ୍ୱାଳ, ଚକ୍ରପାଣି ପରିଛା, ଭଗବାନ ସାବତ, ଡ ରାଜେନ୍ଦ୍ର ପାଢ଼ୀ, ମଧୁସୂଦନ ମିଶ୍ର, ଡ ମହାଦେବ ଶତପଥି, ସୁଧୀର ମହାପାତ୍ର, ପ୍ରମୋଦ ରାଉଳ, ନାରାୟଣ ସଗର, ମହେଶ୍ୱର ବେହେରା, ଜଳଧର ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, କୁନା ମହାପାତ୍ର, ପଞ୍ଚାନନ ମିଶ୍ର, କାହ୍ନୁ ଚରଣ ପ୍ରଧାନ, ନୃସିଂହ ପ୍ରସାଦ ଷଡ଼ଙ୍ଗୀ, ସୂର୍ଯ୍ୟ ନାରାୟଣ ସାବତ, ଅଜୟ କୁମାର ମଲ୍ଲିକ, ରବୀନ୍ଦ୍ର ମହାରଣା, କବୟିତ୍ରୀ ସଂଯୁକ୍ତା ରାଉତ, ଶୋଭାଗିନୀ ନନ୍ଦ, ଅନୁସୂୟା ସାମନ୍ତରାୟ, ସରସ୍ୱତୀ ସାହୁ, କନକଲତା ରଥ, ପ୍ରତୀତ କଞ୍ଚାନ ସାହୁ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ତପସ୍ୱିନୀ ସାହୁ, ମାଧୁରୀ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ ।ଟୁକୁରୁ ଦାଶ, ଇଂ.ଅନିଲ କୁମାର ପାଣିଗ୍ରାହୀ, ମନୋଜ ତ୍ରିପାଠୀ ,ଭଜନ ସିଂହ,ଅସିତ ରଞ୍ଜନ ବାରିକ,କନକ ବାରିକ, ସୁସ୍ମିତା ରଥ, ପରମେଶ୍ୱର ପାତ୍ର ,ଡ ସୁଦର୍ଶନ ଗୌଡ଼, ରାଜେନ୍ଦ୍ର ଗୌଡ଼, ତପନ କିରଣ ତ୍ରିପାଠୀ, ମହମ୍ମଦ ସରିଫ, ପ୍ରଭାତ ବେହେରା, ବିକାଶ ଶତପଥି, ଅଭିନାଶ ଚୌଧୁରୀ, ସୁପ୍ରିତ ସାମଲ, ରଞ୍ଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କବି ଅଜୟ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ତହଁକ କୁଟୁମ ତରଫରୁ ଝଙ୍କେର୍ କବିତା ଆସର ଅନୁଷ୍ଠିତ

ବଲାଙ୍ଗିର ,୨୫/୦୭ (ନି.ପ୍ର): ସ୍ଥାନୀୟ ଅମଲାଭବନଠାରେ ତହଁକ କୁଟୁମ ତରଫରୁ ଝଙ୍କେର୍ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଧର୍ମସିଂହ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନିରଞ୍ଜନ ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର ନାଏକ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ ପ୍ରାଥମିକ ଶିକ୍ଷାରେ କୋଶଲି ଭାଷାର ଭୂମିକା ଆଲୋଚନାଚକ୍ରରେ ପ୍ରାଥମିକ ଶିକ୍ଷା ଶିଶୁର ବ୍ୟକ୍ତିତ୍ୱ ଗଠନରେ ଭିତ୍ତି ନିର୍ମାଣ କରେ ବୋଲି ମତ ରଖିଥିଲେ । ଏହି ସଭାରେ ତହଁକର ଲୋଗୋ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଯୁବକବି ଦିଲିପ ମିଶ୍ରଙ୍କୁ ଯୁବ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା ଏବଂ ଲୋଗୋ ନିର୍ମାତା ନିଗମ ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ଶ୍ରୀୟାକାନ୍ତ ଦାଶ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅର୍ଜୁନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ପରେ ଦ୍ୱିତୀୟ ଅଧିବେଶନରେ ରାଜେଶ ଶର୍ମା, ସବିତା ମହରା ମଞ୍ଚାସୀନ ଥିଲେ । କବିତା ମିଶ୍ର, ଅନନ୍ତ ବିଶ୍ୱାଳ ଏବଂ ଧର୍ମେନ୍ଦ୍ର ପ୍ରଧାନ କବିତା ଆସରର ସଂଯୋଜନା କରିଥିଲେ । ଏଥିରେ ବିଭିନ୍ନ ଜିଲ୍ଲାରୁ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ତହଁକ ସଂପାଦକ ରାଜେଶ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଭାସିନି ଭୋଇ, ରାଜୀବ ପ୍ରସାଦ ଭୋଇ, ସୌକିଲାଲ ସାହୁ, ରବିନ୍ଦ୍ର ସାହୁ, ଖିରସିନ୍ଧୁ ବିଶି, ଭରତ ମେହେର, ରାଧାକାନ୍ତ ସାହୁ, ତପସ୍ୱିନୀ ପଶାୟତ ଏବଂ ଯଦୁମଣି କର୍ଣ୍ଣ ପ୍ରମୁଖ ସହଯୋଗ କରିଥିଲେ ।

## ଗଛ ପଡି ସ୍କୁଲ ଆଜବେଷ୍ଟସ ଭାଙ୍ଗିଲା ତୁରନ୍ତ ମରାମତି ଦାବି

ବଲାଙ୍ଗିର,୨୫/୦୭ (ନି.ପ୍ର): ଗତରାତିରେ ଓ ଆଜି ସକାଳେ ବିନିକା ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ଯୋଗୁଁ ବିନିକା ବ୍ଲକ ଅନ୍ତର୍ଗତ ସିଂହିଜୁବା ପଞ୍ଚାୟତ ଅସୁରଗଡ ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପରେ ଗଛ ପଡି ଯିବାରୁ ସ୍କୁଲର ଆଜବେଷ୍ଟସ ଭାଙ୍ଗି ପଡ଼ିଛି । ରବିବାର ସ୍କୁଲ ଛୁଟି ଥିବାରୁ ଏକ ବଡ଼ ବିପଦରୁ ଅଧ୍ୟୟନ ରତ ଛାତ୍ରଛାତ୍ରୀ ମାନେ ବର୍ତ୍ତି ଯାଇଛନ୍ତି । ସୂଚନା ଯୋଗ୍ୟ ଯେ ୧୯୬୪ ମସିହାରୁ ସ୍ଥାପିତ ଏହି ସ୍କୁଲର ସେଭଳି ଆନୁଷଙ୍ଗିକ ମରାମତି ହେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରତିଦିନ ପରି ଆସନ୍ତାକାଲି ସୋମବାର ସ୍କୁଲ ଖୋଲିବାକୁ ଯାଉଥିବାରୁ ଅଧ୍ୟୟନ ରତ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ଆସିବେ । ତେଣୁ ଭାଙ୍ଗି ପଡିଥିବା ଆଜବେଷ୍ଟସ ସ୍ଥାନକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଫୁଲବାଣୀ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ

କନ୍ଧମାଳ,୨୫/୦୭ (ନି.ପ୍ର): ଫୁଲବାଣୀ ବ୍ଲକ ଅନ୍ତର୍ଗତ ଦୁବଗଡ କ୍ଲଷ୍ଟରର ସଭାଗୃହଠାରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଏକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଫୁଲବାଣୀ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଶିକ୍ଷାଦାନ ବେଳେ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଏବଂ ଏହାର ପ୍ରସ୍ତୁତୀ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ୟାମବନ୍ଧୁ ମହାରଣା,ଅମୁଲ୍ୟ କୁମାର ଜେନା ଓ ଅଶୋକ କୁମାର ମିଶ୍ର ଓ ପ୍ରଶିକ୍ଷକ କ୍ରିଷ୍ଣା କୁମାର ଯୋଗ ଦେଇ ଶିକ୍ଷଣ ସାମଗ୍ରୀ (ଟିଏଲଏମ)ର ପସ୍ତୁତୀ ଓ ଏହିଗୁଡିକର ବ୍ୟଭହାର ଉପରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଥିଲେ । ସିଆରସିସି ପ୍ରଦୀପ କୁମାର ମହାନ୍ତିଙ୍କ ତତ୍ୱାବଧାନରେ କ୍ଲଷ୍ଟରରୁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଦକ୍ଷତା ଭିତିକ ଫାଉଣ୍ଡେସନ ଲିଟ୍ରେସି ଏଣ୍ଡ ନ୍ୟୁମିରେସି (ଏଫଏଲଏନ) ଭିତିକ ଟିଚିଙ୍ଗ ଲର୍ଣ୍ଣିଙ୍ଗ ମେଟେରିଆଲ (ଟିଏଲମ) ପସ୍ତୁତ କରି ପଦର୍ଶନ କରିଥିଲେ ।

## ଆଶ୍ରମ ସ୍କୁଲରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର ,୨୫/୦୭ (ନି.ପ୍ର): ରାଣିଗଡ ଆଶ୍ରମ ସ୍କୁଲର ଛାତ୍ର ମାନଙ୍କ ଦ୍ୱାରା ପ୍ରଧାନ ଶିକ୍ଷକଙ୍କ ତତ୍ୱାବଧାନରେ ତେଲିଙ୍ଗିରି ଜଳସେଚନ ପ୍ରକଳ୍ପ କୁ ଯିବା ରାସ୍ତାରେ ବୃକ୍ଷ ରୋପଣ କରାଯାଇଛି । ବର୍ଷ ଋତୁରେ ପ୍ରତ୍ୟେକ ଶନିବାର ଓ ରବିବାର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯିବ ବୋଲି ପ୍ରଧାନ ଶିକ୍ଷକ ଶଙ୍କର ପ୍ରହରାଜ ସୂଚନା ଦେଇଛନ୍ତି । ସ୍କୁଲ ଏପରି କାର୍ଯ୍ୟକୁ ପ୍ରଶଂସା କରିବା ସହ ରାଣିଗଡ ଫାଣ୍ଡିର ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ନାଥ ବେହେରା ଛାତ୍ର ମାନଙ୍କ ସହ ବୃକ୍ଷ ରୋପଣ କରିଥିଲେ ।

# ରୋଟାରି କ୍ଲବ ବ୍ରହ୍ମପୁର ମିଡ଼ ଟାଉନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଗଞ୍ଜାମ,୨୫/୦୭ (ନି.ପ୍ର): ରୋଟାରି କ୍ଲବ ବ୍ରହ୍ମପୁର ମିଡ଼ ଟାଉନ୍ ର ସଭାପତି ବନ୍ଦିତା ତ୍ରିପାଠୀଙ୍କ ନେତୃତ୍ୱରେ ନିମଖଣ୍ଡି ପଂଚାୟତର ମହୁଲପଲି ଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାକୃତିକ ପରିବେଶର ସୁରକ୍ଷା ସାଙ୍ଗକୁ ଗୋଟିଏ ଗଛ କୋଟିଏ ଜୀବନ ଲକ୍ଷ୍ୟରେ ବୃକ୍ଷରୋପଣ କରି ସବୁଜ ବିପ୍ଳବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ମହତ କାମକୁ ତ୍ୱରାନ୍ୱିତ କରିବା ପାଇଁ ସଭାପତି ବନ୍ଦିତା ତ୍ରିପାଠୀ ନିଜର ବାର୍ତା ଦେଇଛନ୍ତି । ମିଡ଼ ଟାଉନ ସମ୍ପାଦକ ରୋଟାରିଆନ ସୁସ୍ମିତା ଶର୍ମା ଓ ରୋଟାରିଆନ ସ୍ୱାଧୀନ ପାତ୍ର ପବ୍ଲିକ ରିଲେସନସିପ ଅଫିସର, ରୋଟ୍ରାକ୍ଟର ଗଣେଶ ସାହୁ, ରୋଟ୍ରାକ୍ଟର ସୁଜିତ ପାତ୍ର ଓ ରୋଟ୍ରାକ୍ଟର କୃଷ୍ଣ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବୃକ୍ଷରୋପଣ ପରେ କିଛି ଚା ଜଳଖିଆ ବ୍ୟବସ୍ଥା ହୋଇଥିଲା ।

ସଭାପତି ବନ୍ଦିତା ତ୍ରିପାଠୀ ସେ ନିଜେ ପ୍ରଥମେ ସ୍ଥିର କରିଥିଲେ ଯେ, ଯେକୌଣସି ପ୍ରୋଜେକ୍ଟ ହେବ ସେ ନିଜେ ସମସ୍ତଙ୍କୁ କିଛି ଉପହାର ଦେବେ । ତଦନୁଯାୟୀ ପ୍ରଥମ ବୈଠକରେ ସେ ସମସ୍ତଙ୍କୁ ଗୋଟିଏ ଗୋଟିଏ ଭାଗବତ ଗୀତା ଉପହାର ଦେଇଥିଲେ । ଏବଂ ଆଜି ମଧ ନିଜର ମହାନତା ଦେଖାଇ ସଭାପତି ତ୍ରିପାଠୀ ସେ ନିଜ ଫାର୍ମରୁ ଗୋଟିଏ ଗୋଟିଏ କଦଳୀ ଗାଲୀ ସମସ୍ତଙ୍କୁ ଉପହାର ସ୍ୱରୂପ ଦେଇଥିଲେ ।

## ଚିର ବିପ୍ଳବିନୀ....

ଉତ୍କଳ ଗାନ୍ଧି ସ୍ମାରକ ନିଧିର ସଭାପତି ଥିଲେ । ଭାରତୀୟ ପ୍ରୌଢ଼ ଶିକ୍ଷା ଓ ସଂଘ ତାଙ୍କୁ ରବୀନ୍ଦ୍ର ସାକ୍ଷରତା ପୁରସ୍କାର ପ୍ରଦାନ କରିଥିଲେ । ଓଡିଶା ସରକାର ସେବା ସମ୍ମାନ , ଭାରତ ସରକାର ଜାତୀୟ ପୁରସ୍କାର ପ୍ରଦାନ କଲେ । ୧୯୮୮ ରେ ସମ୍ମାନ ସ୍ୱରୂପ ଯମୁନାଲାଲ ବଜାଜ ପୁରସ୍କାର ଦିଆଗଲା । ମାତ୍ର ବାଲିଆପାଳରେ କ୍ଷେପଣାସ୍ତ୍ର ଘାଟି ପ୍ରତିଷ୍ଠା କରଯିବାର ପ୍ରତିବାଦରେ ସେ ପ୍ରଧାନମନ୍ତ୍ରୀ ରାଜୀବଗାନ୍ଧୀଙ୍କ ହାତରୁ ପୁରସ୍କାର ନେବାକୁ ମନା କରିଦେଲେ । ଫଳରେ ବାଜିରାଉତ ଛାତ୍ରାବାସ ସମ୍ପାଦକ ଏହି ପୁରସ୍କାର ନେଲେ । ଏହି ପୁରସ୍କାର ଥିଲା ଏକ ଲକ୍ଷ ଟଙ୍କା ଓ ଉତ୍କଳ ନବଜୀବନ ମଣ୍ଡଳର କର୍ମୀମାନେ ତାଙ୍କ ୮୪ ତମ ଜନ୍ମ ଦିବସରେ ଏକ ଲକ୍ଷ ଟଙ୍କାର ଥଳି ଭେଟି ଦେଇଥିଲେ ଉଭୟ ଟଙ୍କା ମିଶି ମାଳତୀ ଓ ନବକୃଷ୍ଣ ଟ୍ରଷ୍ଟ ହେଲା । ମୃତ୍ୟୁ ପୂର୍ବରୁ ଶାନ୍ତିନିକେତନର ମଧୁର ସ୍ମୃତିକୁ ଜାଗ୍ରତ କରାଇ ବିଶ୍ୱଭାରତୀ ଉପାଚାର୍ଯ୍ୟ ନିଜେ ବାଜିରାଉତରେ ବିଶ୍ୱଭାରତୀର ସର୍ବୋଚ୍ଚ ସମ୍ମାନ 'ଦେଶିକୋତମ' ଉପାଧି ଦେଇଥିଲେ । ମାର୍ଚ୍ଚ ୧୫ ୧୯୯୮ ରେ ୯୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହେଲା । ଚିରଦିନ ପାଇଁ ବିପ୍ଳବିନୀ ମାଳତୀ, ଗାନ୍ଧୀଙ୍କର ତୋଫାନୀ, ରବୀନ୍ଦ୍ରଙ୍କର ମିନୁ ସାରା ଓଡିଶାବାସୀଙ୍କର ନୁମା ବା ନୂଆ ମା ଆଖିବୁଜି ଦେଇଥିଲେ ତାଙ୍କର ବିପ୍ଳବିନୀ ଜାବନର ଅବସାନ ଘଟିଥିଲା । ଚିରଦିନ କିନ୍ତୁ ଗୋଟିଏ ସଚ୍ଚା ବିପ୍ଳବିନୀ, ସେବା ଓ ତ୍ୟାଗର ପ୍ରତୀକ ରୂପେ ଦେଶ ତଥା ଓଡିଆ ଜାତି ମନେ ରଖିବେ । ତାଙ୍କର ଦେଶପ୍ରେମ ପରାକାଷ୍ଠା ଯୁଗ ଯୁଗକୁ ଅମର ହୋଇ ରହିବ ।

ଗଙ୍ଗନଗର, ଭୁବନେଶ୍ୱର, ୭୯୭୮୧୧୦୪୭୪

# ସୁକନ୍ୟା ସାହିତ୍ୟ ସଂସଦର ପ୍ରତିଭାପୂଜନ ଓ କବିତା ପାଠ




ବାଲିଆପାଳ, ୨୫/୦୭ (ନି.ପ୍ର): ବାଲିଆପାଳ ସିମୁଳିଆ ବଜାରସ୍ଥିତ ପୂଜ୍ୟପୂଜା ସାହିତ୍ୟ ପରିଷଦ ଗୃହରେ ସୁକନ୍ୟା ସାହିତ୍ୟ ସଂସଦ ତରଫରୁ ପ୍ରତିଭା ପୂଜନ ତଥା କବିତା ଆସର ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁକନ୍ୟା ସାହିତ୍ୟ ପରିଷଦର ସଭାନେତ୍ରୀ କବୟତ୍ରୀ ସେହ୍ନଲତା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନାରୀର ପ୍ରଗତି ଦେଶର ଉନ୍ନତି । ଯୁଗେ ଯୁଗେ ନାରୀ ପୂଜନୀୟା ବନ୍ଦନୀୟା । ସେହି ମର୍ମରେ ବକ୍ତା ମାନେ ବହୁ ଉପାଦେୟ ଦୃଷ୍ଟାନ୍ତ ମୂଳକ ବକ୍ତବ୍ୟ ରଖିଥିବା ବେଳେ କବି କବୟତ୍ରୀ ନାରୀ ସମ୍ବନ୍ଧୀୟ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ବାଲିଆପାଳ ବ୍ଲକରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନଂ ରଖିଥିବା ଜଗାଇ ପଦ୍ମଲୋଚନ ହାଇସ୍କୁଲର ଛାତ୍ରୀ କୁମାରୀ ବର୍ଷାରାଣୀ ଦେଙ୍କୁ ମାନପତ୍ର, ମୂଲ୍ୟବାନ ଓପଢୌକନ ଉତରୀୟ ତଥା ଆର୍ଥିକ ସହାୟତା ଅନୁଷ୍ଠାନ ତରଫରୁ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ବାଦ ସାହିତ୍ୟ ଘରର ସଭାପତି ଝାଡେଶ୍ୱର ପ୍ରଧାନ, ଅଧାପକ ନିରଞ୍ଜନ ବେହେରା,କବି ନଳିନୀକାନ୍ତ ପାଢୀ, ଭୀମଚରଣ ବେହେରା, କବି ଅର୍ଦ୍ଧେନ୍ଦୁ ପ୍ରାଣୀଗ୍ରାହ, କବି ସନ୍ୟାସୀ ବେହେରା ଅତିଥି ଭାବରେ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ କୁମାର ପାଣୀଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ସନ୍ୟାସୀ ବେହେରା ବେଦ ପାଠ କରିଥିଲେ । ନାରୀ କବୀ ଗୀତାରାଣୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡ.କୃଷ୍ଣାକୁମାରୀ ନାୟକ, କବୟିତ୍ରୀ ଭାରତୀ ବେହେରା, କବୟିତ୍ରୀ ସୁଜାତା ରଣା, ଶ୍ରୀହରି ମଣ୍ଡଳ, ପ୍ରକାଶ ଚନ୍ଦ୍ର ପ୍ରଧାନ, ପ୍ରଫୁଲ ଚନ୍ଦ୍ର ବାଗ, ସାଗର ପଟ୍ଟନାୟକ, ପ୍ରଦୀପ ଜେନା,ରଞ୍ଜିତା ଦେ,ଗୀତାରାଣୀ ବିଶ୍ୱାଳ, କମଳଲୋଚନ ପାତ୍ର, ସୁଶ୍ରୀ ସୌମ୍ୟାଦତା ବେହେରା କବିତା ପାଠ ଓ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଡ.କୃଷ୍ଣାକୁମାରୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆଦର୍ଶ ଶିକ୍ଷକ ନାରାୟଣ ଦାସଙ୍କୁ ଶ୍ରଦ୍ଧାଞ୍ଜଳୀ

ବସ୍ତା, ୨୫/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଣେ ଜଣାଶୁଣା ଶିକ୍ଷକ ସମାଜସେବୀ ତଥା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନାଚାର୍ଯ୍ୟ ସ୍ୱର୍ଗତ ନାରାୟଣ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ତାଙ୍କର ବସ୍ତାର ମାଛିଆସ୍ଥିତ ବାସଭବନର ଅନୁଷ୍ଠିତ ହୋଇଯାଇଛି ।ଏହି ଉପଲକ୍ଷେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ସହ ଏକ ସ୍ମରଣିକା 'ସ୍ମୃତିରେ ନାରାୟଣ ସାର' ଲୋକାର୍ପିତ ହୋଇଯାଇଛି। ଦିବଂଗତ ଛାତ୍ରବତ୍ସଳ ଶିକ୍ଷକ ନାରାୟଣ ଦାସଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ପାଇଁ ଅନୁଷ୍ଠିତ ହୋଇଥିବା ସଭାରେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବକ୍ତାମାନେ ସ୍ୱର୍ଗତ ଦାସଙ୍କ ସାମଗ୍ରିକ ଜୀବନଚର୍ଯ୍ୟା, ସ୍ୱତନ୍ତ୍ର ଶୈଳୀର ଶିକ୍ଷାଦାନ, ଅଭିଭାବକମାନଙ୍କ ସହ ସୁସଂପର୍କ ପ୍ରଭୃତି ଗୁଣାବଳୀ ଆଗାମୀ ଦିନରେ ବହୁ ଆଦର୍ଶ ଶିକ୍ଷକଙ୍କୁ ମାର୍ଗଦର୍ଶନ କରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ସମାଜସେବୀ ସୁବାସିନୀ ଜେନା, ଶ୍ୟାମାପ୍ରସାଦ ବେହେରା, ଗଗନବିହାରୀ ଜେନା, ଶଙ୍କରକୁମାର କର, ଭଗବାନ ମହାପାତ୍ର, ଜୟପ୍ରକାଶ ବେହେରା, ବିଜୟକୃଷ୍ଣ ପ୍ରମାଣିକ, ସୁଧାଂଶୁ ଯେନା, ପ୍ରଧାନାଚାର୍ଯ୍ୟ ଶ୍ରୀପତିଚରଣ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିରାଜ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ମହିଁ ମଣିଷକୁ ଅମରକରେ

ଭଦ୍ରକ, ୨୫/୦୭ (ନି.ପ୍ର): ଗରଦପୁର ଗ୍ରାମର ଅବସରପ୍ରାପ୍ତ ରାଜ୍ୟ ସଚିବାଳୟର ଉପ ସଚିବ,ସମାଜସେବୀ, ଶିକ୍ଷାବିତ୍, ଅମାୟିକ, ଶାନ୍ତ, ଧର୍ମପ୍ରାଣ ସରଳ ବ୍ୟକ୍ତିତ୍ୱ ବିଶିଷ୍ଟ ସାହିତ୍ୟି ୰ଭାଗୀରଥି ମହାପାତ୍ରଙ୍କ ନାତି, ସ୍ୱର୍ଗତ ସନ୍ତୋଷ କୁମାର ମହାପାତ୍ର (ନିନିଆ ଭାଇ)ଙ୍କ ପାଇଁ ଏକ ଶୋକସଭା ଗ୍ରାମ ବିକାଶ ସମିତି, ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ. ଭାଗୀରଥି ପାଠାଗାର, ଗରଦପୁରର ମିଳିତ ସହୋଯୋଗରେ ଶ୍ରୀଯୁକ୍ତ ଲକ୍ଷ୍ମଣ ମହାନ୍ତିଙ୍କ ପୌରୋହିତ୍ୟରେ ଭାଗୀରଥି ପାଠାଗାର ଗୃହରେ ଅନୁଷ୍ଠିତ ହୋଇଯାଇଛି । ଚାକିରୀରେ ଥିଲାବେଳେ ହେଉ ଅବା ଅବସର ପରେ ଗ୍ରାମର ପ୍ରଗତି ନିମନ୍ତେ ସେ ସବୁବେଳେ ତାଙ୍କର ଚେଷ୍ଟା ଜାରି ରଖିଥିଲେ । ସଚିବାଳୟରେ ଥିଲାବେଳେ ଏପରିକି ଅବସର ପରେ ତାଙ୍କ ବିଭାଗରେ ହେଉ ବା ଅନ୍ୟ କେଉଁ ବିଭାଗରେ ଗାଆଁ ଲୋକଙ୍କର ଅବା ଚିହ୍ନା ବ୍ୟକ୍ତିଙ୍କର ସଚିବାଳୟରେ କିଛି କାର୍ଯଥିଲେ ସେ ତାକୁ ଯେମିତି ହେଉ କହିବୋଲି ତାହା କରୁଥିଲେ । ସେ ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ । ଅବସର ପରେ ସେ ଭଦ୍ରକ ଅବସରପ୍ରାପ୍ତ କମଚାରୀ ସଂଘର ସଭ୍ୟ ହେବା ସହିତ ନିଜ ଗ୍ରାମର ସମସ୍ତ ଅନୁଷ୍ଠାନକୁ ତନ, ମନ, ଧନ ଅର୍ପଣ କରି ନିଜ ବଦାନ୍ୟତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ବହୁମୂଲ୍ୟ ପୈତୃକ ସଂପତିରେ ଚାରି ପାଂଚୋଟି ନିରାଶ୍ରୟ ପରିବାର ଘରତୋଳି ବସବାସ କରୁଥିଲେ ମଧ୍ୟ ସେ କାହରିକୁ କେବେ କିଛି କହୁନଥିଲେ । ସନ୍ତୋଷ ମହାପାତ୍ରଙ୍କର ହୃଦଘାତ ଜନିତ ଆକସ୍ମିକ ବିୟୋଗ ଗ୍ରାମପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସ୍ମୃତି ସଭାରେ ଉପସ୍ଥିତ ଗ୍ରାମବାସୀ ନରେନ୍ଦ୍ର ମହାପାତ୍ର,ରବିନାରାୟଣ ସେନାପତି, ଶ୍ରୀମତୀ ସମ୍ପିତ ସେନାପତି, ଶ୍ରୀ ରାମଚନ୍ଦ୍ର କର, ରବିନାରାୟଣ ଜେନା, କୈଳାସ ମହାପାତ୍ର, ଶ୍ୟାମସୁନ୍ଦର ପ୍ରଧାନ, ନିତ୍ୟାନନ୍ଦ ମିଶ୍ର, ସନ୍ତୋଷ ମହାପାତ୍ର(ବୁଲୁରୁ ଭାଇ) ମନୋରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବହଳୀ, ବିଜୟ ଅଗସ୍ତି, ପ୍ରଭାତ ମହାନ୍ତିହୃଷିକେଶ ମହାନ୍ତି ପ୍ରମୁଖ ବହୁ ବ୍ୟକ୍ତି ବିଶେଷ ତାଙ୍କର ସ୍ମୃତିଚାରଣ କରିଥିଲେ । ଶେଷରେ ଦିବଂଗତଙ୍କ ଭାଇ ସୁଧାଂଶୁ ମହାନ୍ତି ସମସ୍ତଙ୍କୁ ନିଜର କୃତଜ୍ଞତା ଜଣାଇଥିଲେ ।

# ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ



ବାଲିଆପାଳ, ୨୫/୦୭ (ନି.ପ୍ର): ଓଡିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଙ୍ଘ ତରଫରୁ ବାଲିଆପାଳ ବ୍ଲକର ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ତରଫରୁ ଏକ ପାଞ୍ଚ ଦଫା ଦାବି ପତ୍ର ତହସିଲଦାର ଦୀପକ କୁମାର ଦାସଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେପ୍ରଦାନ କରାଯାଇଛି । ଦାବି ପତ୍ରରେ ଉଲ୍ଲେଖ ରହିଛିଯେ ଚୁକ୍ତିଭିତ୍ତିକ ନୁଯୁକ୍ତି ଉଚ୍ଛେଦ ଓ ଚୁକ୍ତିଭିତ୍ତିକ ସମୟକୁ ଚାକିରିଅବଧିରେ ଗଣନା କରିବା, ସମାନ କାମକୁ ସମାନ ଦରମା ଆଦି ଉଲ୍ଲେଖ ରହିଛି । ଦାବି ପୂରଣ ନ ହେଲେ କଳା ବ୍ୟାଚ ପରିଧାନ କରିକାମ କରାବା ସହ ଆସନ୍ତା ୩୧ ତାରିଖରେ ଭୁବନେଶ୍ୱରରେ ସମାବେଶ କରାଯିବ ବୋଲି କୁହା ଯାଇଛି । ଆନ୍ଦୋଳନକୁପରବର୍ତ୍ତୀ ସମୟରେ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି । ସଂଘର ବାଲିଆପାଳ ବ୍ଲକର ସଭାପତି ଶୁଭସ୍ମିତାସାହୁଙ୍କ ଅଧକ୍ଷତାରେ ଦାବି ପତ୍ର ପ୍ରଦାନ କରାଯାଇଛି । ସଂଘର ସଦସ୍ୟ ଶାନ୍ତନୁକୁମାର ସେଠୀ ,ଷାର୍ମିଷ୍ଠା ପାତ୍ର, ଶିଲ୍ପାରାଣୀ ସାହୁ, ଶୀତଳ ସମିତା ମାଝି, ନଟରଞ୍ଜନ ଦତ୍ତ, ବିଜୟ ଦାସ, ରାଜୀବ ଲୋଚନ ମହାପାତ୍ର, ସଞ୍ଜୟ ଗୋଛାୟତ, ଶଶୀକାନ୍ତଦାସ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଅବସରରେ ସଦର ବିଜେପିର ବିଶାଳ ଶୋଭାଯାତ୍ରା

ବାଲେଶ୍ୱର,୨୫/୦୭ (ନି.ପ୍ର): ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ଶପଥ ଗ୍ରହଣ ଅବସରରେ ସଦର ବିଜେପି ପକ୍ଷରୁ ଚାନ୍ଦିପୁର ପଞ୍ଚାୟତରେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି ଶୋଭାଯାତ୍ରା ନାଉପାଲଗଡ଼ିରୁ ବାହାରି ବିଭିନ୍ନ ସ୍ଥାନୀୟ ଅଞ୍ଚଳ ପରିକ୍ରମା ସହ ସୋନାପୁର ଲାରିକା ପଡିଆରେ ପହଞ୍ଚିଥିଲା । ସେଠାରେ ପାରମ୍ପାରିକ ବାଦ୍ୟର ତାଳେ ତାଳେ ଆଦିବାସୀ ଭାଇ ଭଉଣୀମାନେ ନାଚି ଉଠିଥିଲେ । ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଧିଷ୍ଠିତ କରିଥିବା ଯୋଗୁଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରୀ ଦତ୍ତ କୃତଜ୍ଞତା ଜ୍ଞାପନ କରଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଚାନ୍ଦିପୁରର ପୂର୍ବତନ ସରପଞ୍ଚ ତପନ ଜେନା, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଓ ଗୌରାଙ୍ଗ ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ଅନନ୍ତ ନାୟକ, ଜିଲା ପରିଷଦ ସଭ୍ୟ ଗୟାଧର ବେହେରା, ଜିଲା ମହିଳା ସଭାନେତ୍ରୀ ସଂଯୁକ୍ତା ମହାପାତ୍ର, ଅନୀତା ଦାସ, ଶ୍ରୀୟା ଦାସ, ଝରଣା ଦାସ, ସୁକାନ୍ତୀ ଦେବ ଗୋସ୍ୱାମୀ, ମଣ୍ଡଳ ସଭାନେତ୍ରୀ ଜ୍ୟୋସ୍ନା ମହାନ୍ତି, ୱାର୍ଡ ସଭ୍ୟ ଗୁରୁବା ମାଝୀ ଓ ସୁରେଶ ମାଝୀ, ପଞ୍ଚାୟତ ସଭାପତି ବିକାଶ ମାଇତି, ମଣ୍ଡଳ ଆଦିବାସୀ ମୋର୍ଚ୍ଚା ସଭାପତି ବିଜୟ ମୁର୍ମୁ, ଶକ୍ତି ଶଙ୍କର ପାଣିଗ୍ରାହୀଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଶ୍ରାବଣ ମାସର ୨ୟ ସୋମବାରରେ ପଂଚଲିଙ୍ଗେଶ୍ୱରରେ କାଉଡ଼ିଆଙ୍କ ଭିଡ଼

ନୀଳଗିରି, ୨୫/୦୭ (ନି.ପ୍ର): ଶ୍ରାବଣ ମାସର ୨ୟ ସୋମବାରରେ ବାଲେଶ୍ୱର ଜିଲ୍ଲାର ନୀଳଗିରିର ପ୍ରସିଦ୍ଧ ଶୈବପୀଠ ପଂଚଲିଙ୍ଗେଶ୍ୱର ଶୈବପୀଠରେ ୧୦ହଜାର ରୁ ଅଧିକ କାଉଡ଼ିଆଙ୍କ ସମାଗମ ପରିଲକ୍ଷିତ ହୋଇଛି । ବାଲେଶ୍ୱର ବାଲିଘାଟରୁ କାଉଡ଼ିଆମାନେ ପାଣି ଭାର ପୂଜା ଅର୍ଚ୍ଚନା କରି ଦୀର୍ଘ ୩୦କି.ମି. ପାଦରେ ଚାଲି ଚାଲି ପଂଚଲିଙ୍ଗେଶ୍ୱର ଶୈବପୀଠରେ ଜଳାଭିଷେକ କରିଛନ୍ତି । ବଲେବୋମ ଶବ୍ଦରେ ରାସ୍ତା ପ୍ରକମ୍ପିତ ହୋଇପଡ଼ିଥିଲା । ନୀଳଗିରି ପୋଲିସ ପକ୍ଷରୁ ସ୍ଥାନେ ସ୍ଥାନେ ପୋଲିସ ମୁତୟନ କରାଯାଇ୍ବା ବେଳେ ଲମ୍ବା ଲାଇନରେ କାଉଡ଼ିଆମାନଙ୍କୁ ଛଡ଼ା ଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଷ୍ଟ୍ରପତି ଭାବେ ଶପଥ....

ଏହି ସମୟରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ପ୍ରଥମେ ନୌସେନା, ପରେ ବାୟୁସେନା ଓ ଶେଷରେ ସ୍ଥଳ ସେନାର ଯବାନମାନେ ତାଙ୍କୁ ଗାର୍ଡ ଅଫ ଅନର ଦେବାକୁ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇ ସାଲ୍ୟୁଟ କରିଥିଲେ । ସେଣ୍ଟ୍ରାଲ ହଲରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଶପଥ ନେବାକୁ ଯାଉଥିବା ଦ୍ରୌପଦୀ ମୁର୍ମୁଙ୍କୁ ଉପ ରାଷ୍ଟ୍ରପତି ଭେଙ୍କୟା ନାଇଡୁ, ପ୍ରଧାନ ବିଚାରପତି ଜଷ୍ଟିସ ରମନ୍ନା ଓ ଲୋକସଭା ବାଚସ୍ପତି ଓମ ବିର୍ଲା ସ୍ୱାଗତ କରିଥିଲେ । ସେ ସଂସଦର ସେଣ୍ଟ୍ରାଲରେ ପହଞ୍ଚିବା ପରେ ଜାତୀୟ ସଂଗୀତ ପରିବେଷଣ କରାଯାଇଥିଲେ । ଶେଷରେ ପ୍ରଧାନ ବିଚାରପତି ଜଷ୍ଟିସ ରମନ୍ନା ଶ୍ରୀମତୀ ମୁର୍ମୁଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ମାଡାମ ମୁର୍ମୁ ଶପଥ ରେଜିଷ୍ଟର୍‌ରେ ଦସ୍ତଖତ କରି ବିଧିବଦ୍ଧ ଭାବେ ଦେଶର ପ୍ରଥମ ନାଗରିକ ହୋଇଛନ୍ତି । ଏହାପରେ ସେ ଦେଶ ଉଦ୍ଦେଶ୍ୟର ପ୍ରଥମ ଅଭିଭାଷଣ ରଖିଛନ୍ତି । ଜୁହାର ଓ ନମସ୍କାର ଜଣାଇ ସେ ତାଙ୍କର ସମ୍ବୋଧନ ଆରମ୍ଭ କରିଥିଲେ । ଦ୍ରୌପଦୀ ମୁର୍ମୁଙ୍କ ଶପଥ ପାଠ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ସମସ୍ତ କେନ୍ଦ୍ରମନ୍ତ୍ରୀ କଂଗ୍ରେସ ଅଧକ୍ଷ ସୋନିଆ ଗାନ୍ଧି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବରିଷ୍ଠ ନେତା ମୁରଲୀ ମନୋହର ଯୋଶୀ, ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

### ଏମସ୍‌ରେ ଚିକିତ୍ସା ପରେ....

ପାର୍ଥ ଚାଟାର୍ଜୀ ଗୁରୁତର ଅସୁସ୍ଥ ନାହାନ୍ତି କି ତାଙ୍କ ଛାତି ଯନ୍ତ୍ରଣା ବି ନାହିଁ । ତେବେ ତାଙ୍କର ୪-୫ଟି ରୋଗ ରହିଛି, ଯେଉଁଥିପାଇଁ ସେ ପୂର୍ବରୁ ମେଡିସିନ୍ ଖାଉଛନ୍ତି । ତେବେ ଏହା ସେଭଳି ଗୁରୁତର ନୁହେଁ । ସୂଚନାଯୋଗ୍ୟ,ଗତ ଶନିବାର ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା । ଇଡି ଦ୍ୱାରା ଗିରଫ ହେବା ପରେ ଅସୁସ୍ଥ ଅନୁଭବ କରିବାରୁ ପାର୍ଥଙ୍କୁ ରାଜ୍ୟ ସରକାରଙ୍କ ଏସଏସକେଏମ୍ ହସ୍ପିଟାଲରେ ଭର୍ତି କରାଯାଇଥିଲା । କିନ୍ତୁ ତାଙ୍କୁ ରାଜ୍ୟ ସରକାରଙ୍କ ହସ୍ପିଟାଲରେ ଭର୍ତିକୁ ବିରୋଧ କରିଥିଲା ଇଡି । ତାଙ୍କୁ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରିବା ଲାଗି ଇଡି ହାଇକୋର୍ଟରେ ଆବେଦନ କରିଥିଲା । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ପାର୍ଥଙ୍କୁ ଭୁବନେଶ୍ୱର ଏମ୍ସକୁ ସୋମବାର ସକାଳେ ସ୍ଥାନାନ୍ତର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ତାଙ୍କ ସାଥୀରେ ତାଙ୍କ ଆଇନଜୀବୀ ଏବଂ ଏସଏସକେଏମର ଡାକ୍ତର ରହିବେ ।

# ଚିକିତ୍ସା ଅବହେଳରୁ ଶିଶୁର ମୃତ୍ୟୁ

ଭଦ୍ରକ, ୨୫/୦୭ (ନି.ପ୍ର): ଦୀର୍ଘଦିନ ଅନ୍ତରପରେ ପୁଣି ଭଦ୍ରକ ଡାକ୍ତରଖାନାରେ ହେଲା ହଟଗୋଳ । ଭୁଲ୍ ଇଞ୍ଜେକ୍ସନ ଦେଇଥିବା ଯୋଗୁଁ ଶିଶୁର ମୃତ୍ୟୁ ହେଲା ବୋଲି ପରିବାର ଲୋକ ଅଭିଯୋଗ କରିବାସହ ମୃତ ଶିଶୁକୁ ଧରି ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳରେ ପୋଲିସ ପହଂଚି ଲୋକଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଖବରନେବାରୁ ଜଣାଯାଏ, ବାସୁଦେବପୁର ବ୍ଲକ ଚୁଡ଼ାମଣି ଆଡ଼ିଆ ଗ୍ରାମର ଦୀପକ ମଳିକଙ୍କ ୪ ମାସର ଶିଶୁ ଶନିବାର ଝାଡ଼ା, ବାନ୍ତି ହେବାରୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବା ପରେ ଅପରାହ୍ନ ୩ ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଁଚି ଆଡ଼ମିଶନ କରାଇଥିଲେ । ସନ୍ଧ୍ୟା ୫ଟାରେ ଉକ୍ତ ଶିଶୁକୁ ଡାକ୍ତର ଇଞ୍ଜେକ୍ସନ ଦେଇଥିଲେ । ରାତିରେ ପିଲାର ପାଟି ଶୁଖିଯିବା ସହିତ ଗୁରୁତର ହେବାରୁ ଶିଶୁର ମା ଡାକ୍ତରଙ୍କୁ ବାରମ୍ବାର ଡାକିଥିଲେ ବି ଚିକିତ୍ସା ପାଇଁ ଆସିନଥିବା ଅଭିଯୋଗ କରିଛନ୍ତି । ରବିବାର ଭୋର ୫ ଟାରେ ଡାକ୍ତର ଆସି ପିଲାର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରି ମୃତ ଘୋଷଣା କରିଥିଲେ । ଏଥିରେ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ କରିଥିଲେ । ଅପରାହ୍ନ ୪ଟା ପର୍ଯ୍ୟନ୍ତ ପୋଲିସ ମଧ କିଛି ନ ବୁଝିବାରୁ ସେମାନେ ମୃତ ଶିଶୁକୁ ଧରି ଧାରଣାରେ ବସିଥିଲେ ।

# ରାଜ୍ୟରେ ପ୍ରତିଷ୍ଠା ହେବ ୧୨ଟି ଇସ୍ପାତ କାରଖାନା

ଭୁବନେଶ୍ୱର,୨୫/୦୭ (ନି.ପ୍ର): ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୨ଟି ଇସ୍ପାତ କାରଖାନା ପ୍ରତିଷ୍ଠା ହେବ । ବିଧାନସଭାରେ ସୋମବାର ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହି ସୂଚନା ଦେଇଛନ୍ତି । ଗୃହରେ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନର ଉତରରେ ଖଣି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ, ସୁନ୍ଦରଗଡରେ ସର୍ବାଧିକ ୩ଟି ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଯାଜପୁରରେ ୨ଟି କାରଖାନା ପ୍ରତିଷ୍ଠା ହେବ । ସେହିପରି ଅନୁଗୁଳ, କେନ୍ଦ୍ରାପଡା, ଝାରସୁଗୁଡା, ଢେଙ୍କାନାଳ, କେନ୍ଦୁଝର, ଜଗତସିଂହପୁର ଓ ଅନୁଗୁଳ ଜିଲ୍ଲାରେ ଗୋଟିଏ ଲେଖାଏଁ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି । ରାଜ୍ୟରେ ବର୍ତମାନ ୫୧ଟି ଇସ୍ପାତ କାରଖାନା ରହିଥିବା ବେଳେ ସେଗୁଡ଼ିକରୁ ବାର୍ଷିକ ଉତ୍ପାଦନ କ୍ଷମତା ୩୩.୧୨ ମିଲିୟନ ଟନ୍ ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି ।

# ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଅବସରରେ ସିଦ୍ଧି ବିନାୟକ ଶିକ୍ଷାନୁଷ୍ଠାନରେ ବିଶେଷ ଉତ୍ସବ

ବାଲେଶ୍ୱର,୨୫/୦୭ (ନି.ପ୍ର): ଦେଶର ପ୍ରଥମ ଅନୁସୂଚିତ ଜନଜାତି ମହିଳା ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁଙ୍କ ଶପଥ ଗ୍ରହଣକୁ ନେଇ ସୋମବାର ସବୁଠି ଉତ୍ସବର ମାହଲ ସୃଷ୍ଟି କରିଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ସିଦ୍ଧି ବିନାୟକ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସ ପକ୍ଷରୁ ବିଶେଷ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଜା ଓ ମାଦଳର ତାଳେ ତାଳେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଶିକ୍ଷକ ଶିକ୍ଷୟିତ୍ରୀ ପର୍ଯ୍ୟନ୍ତ ଏହି ଉତ୍ସବରେ ନାଚି ଉଠିଥିଲେ । ସିଦ୍ଧି ବିନାୟକ ୱାଟର ପାର୍କ ପରିସରରେ ଏହି ବିଶେଷ ଉତ୍ସବ ଅନୁଷ୍ଠିତ ହୋଇଥିଲା । କବି ପ୍ରଶାନ୍ତ ଦାସ ଏଥିରେ ଅତିଥି-ବକ୍ତା ଭାବେ ଯୋଗଦେଇ ଅନୁଷ୍ଠାନ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଭଳି ଉତ୍ସବ ସମସ୍ତଙ୍କ ମନରେ ଏକ ଜାତୀୟତାବାଦ ସୃଷ୍ଟି କରିଛି ବୋଲି କହିଥିଲେ । ଏଇ ମାଟିର କନ୍ୟା ଯେତେବେଳେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କାର କରିଛନ୍ତି, ତାଙ୍କ ଉଦ୍ଦେଶ୍ୟରେ କେବଳ ବାଲେଶ୍ୱର କାହିଁକି ବରଂ ସମଗ୍ର ଓଡ଼ିଶାରେ ଏହିଭଳି ଉତ୍ସବ ପାଳନ ହେବା ଉଚିତ ବୋଲି ସେ କହିଥିଲେ । ଝାଡ଼ଖଣ୍ଡର ରାଜ୍ୟପାଳ ଥିବା ବେଳେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଓ ଯୁକ୍ତଦୁଇ ବିଜ୍ଞାନ କଲେଜ ବାର୍ଷିକ ଉତ୍ସବରେ ଦୁଇଥର ଅତିଥି ଭାବେ ସେ ଯୋଗ ଦେଇଥିଲେ । ଦେଶର ଶୀର୍ଷ ବ୍ୟକ୍ତିତ୍ୱଙ୍କର ଶପଥ ଗ୍ରହଣକୁ ସ୍ମରଣୀୟ କରିବାକୁ ପାଇଁ ଅନୁଷ୍ଠାନ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିବା ସିଦ୍ଧି ବିନାୟକ ଗ୍ରୁପର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା କହିଛନ୍ତି । ଅନୁଷ୍ଠାନର ଚେୟାରମ୍ୟାନ ପ୍ରଫୁଲ୍ଲ କୁମାର ମଡୁଆଳ, ସଭାପତି ମୌସୁମ କୁମାର ସିଂହ, ଉପଦେଷ୍ଟା କମଳାକାନ୍ତ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ସୁମନ୍ତ କୁମାର ସାହୁ ପ୍ରମୁଖ ଉତ୍ସବରେ ସାମିଲ ହେବା ସହ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ସମସ୍ତଙ୍କୁ ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିଲେ ।

# ପ୍ରଥମ ଲଗାଣ ବର୍ଷାରେ ଜଳେଶ୍ୱର ସହର ଉବୁଟୁବୁ



ଜଳେଶ୍ୱର, ୨୫/୭(ନି.ପ୍ର): ଦୀର୍ଘ ଦିନର ପ୍ରତୀକ୍ଷାପରେ ଗତ ୩ ଦିନ ଧରି ଧାରାଶ୍ରାବଣକୁ ଅନୁଭବ କରୁଛନ୍ତି ଜଳେଶ୍ୱର ବାସୀ । ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ୩ ଦିନ ମଧ୍ୟରେ ପ୍ରାୟ ୨୫୦ ମିମି ବର୍ଷା ହୋଇଥିବାରୁ ଜଳେଶ୍ୱର ପୌରପାଳିକାର ଅବସ୍ଥା ବେହାଲ ହୋଇଛି । ବିଭିନ୍ନ ସ୍ଥାନରେ କଂକ୍ରିଟ ରାସ୍ତା ବୁଡି ପାଣିର ସୁଅ ଛୁଟିଛି । ବିଶେଷ କରି ତହସିଲ କାର୍ଯ୍ୟାଳୟ, ଉପକୋଷାଗାର ପାଣିଘେର ମଧ୍ୟରେ ରହିଛି । ୧ ନଂ ୱାର୍ଡ ଝାଡେଶ୍ୱରପୁରର ବିଭିନ୍ନ ସ୍ଥାନରେ ରାସ୍ତା ବୁଡି ପାଣି ଚାଲିଛି । ୱାର୍ଡ ନଂ ୩ର ଦୈନିକ ହାଟର ପଶ୍ଚିମପଟେ, ୪ନଂ ୱାର୍ଡର ଥାନା ନିକଟ, ୫ନଂ ୱାର୍ଡର ପଞ୍ଚୁଘଣ୍ଟା, ୬ନଂ ୱାର୍ଡ, ୯ନଂ ୱାର୍ଡ, ୧୦ନଂ, ୧୧ନଂ ୱାର୍ଡର କରସାହି, ପାଳ ସାହି, ୧୨ନଂ ୱାର୍ଡର ହାଇସ୍କୁଲ ସମ୍ମୁଖ ଗଳି ଇତ୍ୟାଦି ପାଣିରେ ବୁଡି ରହିଛି । ଆଜି ବର୍ଷା ଥମିବା ପରେ ମ୍ୟୁନିସିପାଲଟି ପକ୍ଷରୁ ଜେସିବି ଦ୍ୱାରା ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇଛି । ଜଳେଶ୍ୱର ବଜାରରେ ନିର୍ମାଣାଧିନ ଉଡନ୍ତାପୋଲ ଲେଭେଲକ୍ରସି ନିକଟରେ ବର୍ଷାପାଣି ନିଷ୍କାସନ ଲାଗି ପୂର୍ତ୍ତବିଭାଗ ପକ୍ଷରୁ ଜେସିବି ଦ୍ୱାରା ନିଷ୍କାସନର ରାସ୍ତା ପରିଷ୍କାର କରାଯାଇଛି । ସମଗ୍ର ସହରରେ ଜଳନିଷ୍କାସନ ଲାଗି ବ୍ୟବସ୍ଥା ନ ଥିବାରୁ ବିଶୃଙ୍ଖଳିତ ନିସର୍ମାଣ ଯୋଗୁଁ ଜଳ ନିଷ୍କାସନର ପଥ ଅବରୋଧ ହୋଇଥିବାରୁ ବର୍ଷାଜଳ ନିଷ୍କାସନ ଏକ ସମସ୍ୟାଭାବେ ଦେଖା ଦେଇଛି । ବିଭିନ୍ନ ସ୍ଥାନରେ ଝୁମ୍ପୁଡି ଚାରିପଟେ ପାଣି ଜମିଥିବାରୁ ଜନସାଧାରଣ ଅରକ୍ଷା, ଅବାଢ ଅବସ୍ଥାରେ ରହିଛନ୍ତି । ଦେଉଳି ପଂଚୁଘଣ୍ଟା, ଶାନ୍ତିଆ, ସେକ୍‌ବାର୍ଡ, ନନ୍ଦିକା, ଭାଦା, ଅଲାଲପୁର, ଚୁଡାମଣିପୁର ଇତ୍ୟାଦି ଅଂଚଳରେ ବର୍ଷାପାଣି ଜମି ରହିଥିବା ଦେଖିବାକୁ ମିଳିଛି । ୱାର୍ଡ ନଂ ୧୩, ୧୪, ୧୫, ୧୬, ୧୭ ଗ୍ରାମାଂଚଳ ହୋଇଥିବାରୁ ଏହାର ରାସ୍ତାଘାଟ କାଦୁଅ ପଚପଚ ପୁଣି କେତେକ ସ୍ଥାନରେ ରାସ୍ତା ଉପରେ ପାଣିର ସୁଅ ଛୁଟିଛି । ଆସନ୍ତା ଦିନରେ ଅଧିକ ବର୍ଷା ହେବାକୁ ଥିବାରୁ ପରିସ୍ଥିତି ଅଣାୟତ୍ତର ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ।

# ଭଦ୍ରକ ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ




ଭଦ୍ରକ, ୨୫/୦୭ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭଦ୍ରକ ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ ଘରିଘରିଆ ସ୍ଥିତ 'ନିର୍ମଳା ବାଟିକା' ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଡି.ଜି.ଇ. ଜୟଶ୍ରୀ ମହାନ୍ତି, ସମ୍ମାନୀତ ଅତିଥି ଭାବରେ ଡି.ଜି.ଏନ୍ ଯଜ୍ଞାଶିଷ ମହାପାତ୍ର ଓ ରୋ. ଆଶୁତୋଷ ରଥ ଯୋଗ ଦେଇଥିଲେ । ପ୍ରାରଂଭରେ ଉତ୍ସବର ଚେଆରମ୍ୟାନ୍ ଇନ୍ଦ୍ରଜିତ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ପରେ ପୂର୍ବ ସଭାପତି ବସନ୍ତ କୁମାର ପାଣିଗ୍ରାହୀ କ୍ଲବର ନୂତନ ସଭାପତି ଅଭିଜିତ୍ ନାୟକଙ୍କୁ ବିଧିବଦ୍ଧ ଭାବରେ ଦାୟିତ୍ୱ ହସ୍ତାନ୍ତର କରିବା ପରେ ସଭାପତି କ୍ଲବ୍‌ର ନିର୍ଦ୍ଦେଶକ ଓ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରିଥିଲେ । ସଂପାଦକ ଭାବରେ ମାଂଗିଲାଲ୍ ବଳଦେବା, ଉପସଭାପତି ଭାବରେ ବାଦଲ କିଶୋର ମହାପାତ୍ର ଓ ଶରତ ପୁହାଣ, କୋଷାଧକ୍ଷ ଭାବରେ ଶାନ୍ତିସ୍ୱରୂପ ମିଶ୍ର ଓ ବିଭିନ୍ନ ବିଭାଗର ନିର୍ଦ୍ଦେଶକ ଭାବେ ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ବିଚିତ୍ରାନନ୍ଦ ଦାସ, ସୀତାକାନ୍ତ ଦାସ, ନିର୍ମଳ ଚନ୍ଦ୍ର ମହାନ୍ତି, ବସନ୍ତ କୁମାର ସାମଲ, ସର୍ଜେଣ୍ଟ ଭାବରେ ରୋ. ସନ୍ତୋଷ କୁମାର ନାୟକ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଅବସରରେ ପ୍ରଣବ କୁମାର ସାହୁଙ୍କ ସଂପାଦିତ କ୍ଲବ୍ ମୁଖପତ୍ର 'ଭଦ୍ରକ ହୁଇଲ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଗତ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସାଇସତ୍ୟପ୍ରକାଶ ପରିଡା ଓ କୋୟଲ ବେହେରାଙ୍କୁ ପୁରସ୍କାର ରାଶି ପ୍ରଦାନ ପୂର୍ବକ ସଂବର୍ଦ୍ଧିତ କରାଯିବା ସହ ଗରିଜଣ ଅଭାବୀ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା । କ୍ଲବ୍‌ର ନୂତନ ସଭ୍ୟା ଭାବରେ ଇଂ. ସୁସ୍ମିତାରାଣୀ ନାୟକଙ୍କୁ ଗ୍ରହଣ କରାଯାଇଥିଲା । ସେବା କ୍ଷେତ୍ରରେ ରୋଟାରୀ ଆଜି ଏପରି ସ୍ଥାନରେ ପହଂଚିଛି ଯେ ବିଶ୍ୱର ଯେକୌଣସି ସ୍ଥାନରେ କିଛି ବିପର୍ଯ୍ୟୟ ଘଟିଲେ ବିଶ୍ୱ ପ୍ରଥମେ ରୋଟାରୀକୁ ସ୍ମରଣ କରିଥାଏ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସମାଜସେବୀ ଫାରୁକ ଭାଇ, ଶୁଭେନ୍ଦୁ ରାୟମହାପାତ୍ର, ଲଲାଟେନ୍ଦୁ ମହାନ୍ତି, କାଦମ୍ବିନୀ ମହାନ୍ତି, ରୋ. ଶିଶିର ମିଶ୍ର, ରୋ. ପ୍ରିତିରଂଜନ ଜେନା, ଡ. ରାଧାରାଣୀ ମହାପାତ୍ର, ଡ. ଶୁଭ୍ରପ୍ରକାଶ ଦାସ ପ୍ରମୁଖ ବହୁ ବୁଦ୍ଧିଜୀବି ଏହି ଉତ୍ସବରେ ଉପସ୍ଥିତ ଥିଲେ । ରୋ. ପ୍ରମୋଦ ଜେନା, ଅଜିତ୍ ଦାସ, ଉମାକାନ୍ତ ଜେନା, ବିଜୟ ମହାନ୍ତି, ଶୈଳେନ୍ଦ୍ର ନାରାୟଣ ପାଢ଼ୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ଇଂ. ସୁବାସ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ନାସିର ବକ୍ସ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଲେଶ୍ୱର, ମଙ୍ଗଳବାର, ୨୬ ଜୁଲାଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି



# ଦେଶର ରାଷ୍ଟ୍ରପତି ଭାବରେ ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନ

ଭୁବନେଶ୍ୱର,୨୫/୦୭ (ନି.ପ୍ର): ଦେଶର ୧୫ତମ ରାଷ୍ଟ୍ରପତି ଭାବରେ ଆଜି ଶପଥ ଗ୍ରହଣ କରିଥିବା ପ୍ରଥମ ଓଡ଼ିଆ ତଥା ପ୍ରଥମ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ସମାଜବାଦୀ ପାର୍ଟି ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏକ ପତ୍ର ମାଧ୍ୟମରେ ଶ୍ରୀମତୀ ମୁର୍ମୁଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଦେଶର ସୈନ୍ୟବାହିନୀଙ୍କ ସର୍ବୋଚ୍ଚ ମୁଖ୍ୟ ଭାବରେ ସେ ଦାୟିତ୍ୱ ନେଇଥିବାରୁ ଶ୍ରୀ ବେହେରା ଏହି ଅବସରରେ ନିବେଦନ କରିଛନ୍ତି। ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଦେଶର ୮୩ ପ୍ରତିଶତ ସୈନିକ ପଞ୍ଜାବ, ହରିୟାଣା, ଉତର ପ୍ରଦେଶ, ବିହାର, ରାଜସ୍ଥାନ ଓ ମହାରାଷ୍ଟ୍ର ଆଦି ପ୍ରଦେଶରୁ। ସେନାବାହିନୀରେ ଓଡ଼ିଆଙ୍କର ଅଂଶଗ୍ରହଣ ମାତ୍ର ୩ ପ୍ରତିଶତ। ଏହାକୁ ଆଖି ଆଗରେ ରଖି ଓଡ଼ିଆ ଯୁବକ ଯୁବତୀମାନଙ୍କୁ ସେନାବାହିନୀରେ ଅଧିକରୁ ଅଧିକ ନିଯୁକ୍ତି ଦେବାକୁ ହେଲେ ବିହାର ରେଜିମେଂଟ, ଗୁର୍ଖା ରେଜିମେଂଟ, କୁମାୟୁ ରେଜିମେଂଟ ଭଳି 'କଳିଙ୍ଗ ରେଜିମେଂଟ' ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି। ଆଜି ପ୍ରତି ଓଡ଼ିଆଙ୍କ ପାଖରେ ଏକ ସୁଯୋଗ ଜୁଟିଛି ଯେ, ଦେଶର ସ୍ୱାଧୀନତାର ୭୫ ବର୍ଷ ପରେ ପ୍ରଥମଥର ପାଇଁ ଜଣେ ଓଡ଼ିଆ ରାଷ୍ଟ୍ରପତି ହେବା ସଙ୍ଗେ ସଙ୍ଗେ ସେନାର ସର୍ବୋଚ୍ଚ ପଦବୀ ମଣ୍ଡନ କରିଛନ୍ତି। ତେଣୁ ମ୍ୟାଡ଼ମ ଦ୍ରୌପଦୀ ମୁର୍ମୁ ସେନାର ସର୍ବୋଚ୍ଚ ମୁଖ୍ୟ ଭାବରେ ଓଡ଼ିଆ ଜାତିର ବହୁଦିନର ଦାବି ଆମ ସେନାବାହିନୀରେ ଓଡ଼ିଆ ଯୁବକ ଯୁବତୀଙ୍କର ବହୁଳ ଅଂଶଗ୍ରହଣକୁ ଆଗାମୀ ଦିନରେ ଆଖି ଆଗରେ ରଖି 'କଳିଙ୍ଗ ରେଜିମେଂଟ' ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବେ। ଓଡ଼ିଶା ବିଧାନସଭା ମଧ୍ୟ କଳିଙ୍ଗ ରେଜିମେଂଟ ପ୍ରତିଷ୍ଠା ପାଇଁ ଏକ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରି ମ୍ୟାଡ଼ମ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ ସେ ବିଧାୟକମାନଙ୍କୁ ଓ ବାଚସ୍ପତି ମହୋଦୟଙ୍କୁ ଅନୁରୋଧ କରିଛନ୍ତି। ସେହିଭଳି ରାଜ୍ୟର ସାଂସଦମାନେ ମଧ୍ୟ ଦଳମତ ନିର୍ବିଶେଷରେ କଳିଙ୍ଗ ରେଜିମେଂଟ ପ୍ରତିଷ୍ଠା ପାଇଁ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିବାକୁ ଶ୍ରୀ ବେହେରା ସାଂସଦମାନଙ୍କୁ ମଧ୍ୟ ନିବେଦନ କରିଛନ୍ତି।

# କଥାକାର କହ୍ନେଇ ଲାଲଙ୍କ ଜୟନ୍ତୀ ସମାରୋହ



ବାଲେଶ୍ୱର,୨୫/୦୭ (ନି.ପ୍ର): କଥାକାର କହ୍ନେଇଲାଲ ଦାସଙ୍କ ୭୫ତମ ଜୟନ୍ତୀ ସମାରୋହ ସ୍ଥାନୀୟ ଆତିଥ୍ୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କହ୍ନେଇଲାଲ ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। କଥାଶିଳ୍ପୀ ଶ୍ୟାମା ପ୍ରସାଦ ଚୌଧୁରୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀର୍ଘବର୍ଷ ପରେ କେହ୍ନଇଙ୍କ ସାହିତ୍ୟ କୃତିକୁ ପଢ଼ିବାକୁ ପାଉଛି ବୋଲି କହିଥିଲେ। କଥାକାର ଭୀମ ପୃଷ୍ଟି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଲେଶ୍ୱର ମାଟିରେ କହ୍ନେଇର ପ୍ରେମ ରହିଛି ବୋଲି କହିଥିଲେ। ତେବେ କହ୍ନେଇଙ୍କ ଦ୍ୱାରା ସୃଷ୍ଟି ସାହିତ୍ୟକୁ ପାଠ୍ୟକ୍ରମରେ ସାମିଲ କରିବା ସହ ଅନ୍ୟଭାଷାରେ ଅନୁବାଦ ପାଇଁ ଶ୍ରୀ ପୃଷ୍ଟି ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ପ୍ରତିଭାବାନ କଥାଶିଳ୍ପୀ ବିରଜା ରାଉତରାୟଙ୍କୁ କହ୍ନେଇ କଥା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅବସରରେ ଶ୍ରୀ ରାଉତରାୟ କହ୍ନେଇଙ୍କ ସାହିତ୍ୟକୁ ସମସ୍ତଙ୍କ ନଜରକୁ ଆଣିବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଂସଦର ଆବାହକ କବି ଶ୍ରୀଦେବ ଅତିଥିଙ୍କୁ ମଂଚ ଆମନ୍ତ୍ରଣ କରିଥିଲେ। ଅନ୍ୟତମ ଆବାହକ ଗୌତମବୁଦ୍ଧ ଦାସ, କାର୍ଯ୍ୟକାରୀ ସଭାପତି କୃଷ୍ଣ କୁମାର ମହାନ୍ତି, ସମ୍ପାଦକ ଉତ୍ପଳ ମହାନ୍ତି, କମର୍ଦ୍ଦା କହ୍ନେଇ ଲାଲ ସ୍ମୃତି ସଂସଦ ସଭାପତି ଡ. ବିଜୟ ମିଶ୍ର, କାଳୀକିଙ୍କର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯାଦବେଶ ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ରାଜେଶ ଗିରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘର ଆନ୍ଦୋଳନ ଡାକରା

ନୀଳଗିରି, ୨୫/୭ : ସରକାରୀ ଦପ୍ତରରେ ଚୁକ୍ତିଭିତିକ ନିଯୁକ୍ତି ଉଚ୍ଛେଦ, ଚୁକ୍ତିଭିତିକ କାର୍ଯ୍ୟକାଳ ସମୟକୁ ଋକିରି ଅବଧିରେ ଗଣନା କରିବା, ସମାନ କାମକୁ ସମାନ ଦରମା ସମେତ ୫ଦଫା ଦାବୀ ନେଇ ଓଡ଼ିଶା ସରକାରୀ ଚୁକ୍ତିଭିତିକ କର୍ମଚାରୀ ମହାସଂଘ ଆହ୍ୱାନରେ ଆଜି ନୀଳଗିରି ବ୍ଲକରେ ସରକାରୀ ଦପ୍ତରରେ କାର୍ଯ୍ୟରତ ଚୁକ୍ତିଭିତିକ କର୍ମଚାରୀ ଉପରୋକ୍ତ ଦାବୀ ନେଇ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସମସ୍ତ ଦାବୀ ପୂରଣ ନ ହେଲେ ଆଗାମୀ ଦିନରେ କଳାବ୍ୟାଚ ପିନ୍ଧି ଦପ୍ତରରେ କାର୍ଯ୍ୟ କରିବେ । ବାଲେଶ୍ୱର ଜିଲ୍ଲା କମିଟିର ସଭାପତି ଜୀବନ କୁମାର ମହାନ୍ତି ଯଦି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନ ନିଅନ୍ତି,ଆସନ୍ତା ୩୧ ତାରିଖରେ ଭୁବନେଶ୍ୱରରେ ବିରାଟ ମହାସମାବେଶ କରାଯିବାର ଚେତାବନୀ ଦେଇଛନ୍ତି ।

## କଂଗ୍ରେସର ସତ୍ୟାଗ୍ରହ ଆଜି

ଭୁବନେଶ୍ୱର,୨୫/୦୭ (ନି.ପ୍ର): ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଇଡିର ଜେରା ପ୍ରତିବାଦରେ ଆସନ୍ତାକାଲି (ମଙ୍ଗଳବାର) ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସତ୍ୟାଗ୍ରହ କରାଯିବ। ଏହି ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଦଳର ସାଂସଦ, ବିଧାୟକ, ରାଜ୍ୟସ୍ତରୀୟ ନେତୃବୃନ୍ଦ. ପୂର୍ବତନ ସାଂସଦଙ୍କ ସମେତ ଜିଲ୍ଲା କଂଗ୍ରେସ କମିଟି ସଭାପତି ଓ ପଦାଧିକାରୀ ଅଂଶଗ୍ରହଣ କରିବେ। କଂଗ୍ରେସ ଅଭିଯୋଗ କରିଛି ଯେ ନ୍ୟାସନାଲ ହେରାଲ୍ଡ ଖବର କାଗଜ ମାମଲାରେ ଭାରତ ସରକାରଙ୍କର ପ୍ରବର୍ତନ ନିର୍ଦ୍ଦେଶାଳୟ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କର ଇଙ୍ଗିତରେ ପରିଚାଳିତ ହେଉଛି। ଯେଉଁଭଳି ଭାବରେ ବିରୋଧି ଦଳର ନେତୃବର୍ଗଙ୍କୁ ଅଯଥାରେ ବ୍ୟକ୍ତିଗତ ଆକ୍ରୋଶ ଏବଂ ଉଦ୍ଦେଶ୍ୟକୁ ସାଧିତ କରିବାପାଇଁ ଯେଉଁ ଅପଚେଷ୍ଟା କରାଯାଉଛି।

# ବକେୟା ଦାବିରେ ଜିଲ୍ଲାପାଳଙ୍କୁ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ଫେରାଦ

ବାଲେଶ୍ୱର,୨୫/୦୭ (ନି.ପ୍ର): ଦୀର୍ଘ ୩୦ବର୍ଷ କାର୍ଯ୍ୟକରି ଅବସର ନେଇଥିବା କର୍ମଚାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ନ ମିଳିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ। ସଙ୍ଗଠନର କର୍ମକର୍ତ୍ତାମାନେ ସୋମବାର ଜିଲାପାଳଙ୍କୁ ସାକ୍ଷାତ ସହ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦାୟତ୍ୱହୀନ କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରିଛନ୍ତି। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କରୁ ଅବସର ନେଇଥିବା ୬୩ ଜଣ କର୍ମଚାରୀଙ୍କ ମଧ୍ୟରୁ ଇତିମଧ୍ୟରେ ୧୧ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ସେମାନଙ୍କର ପରିବାର ଏବେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ ଅବସରକାଳୀନ ଅର୍ଥ ପ୍ରଦାନ ପାଇଁ ୨୦୧୧ ମସିହାରୁ ଅଦ୍ୟାବଧି ବିଭିନ୍ନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି। ଏମିତିକି ସମବାୟ ସମିତି ସମୂହ ଉପ-ନିବନ୍ଧକଙ୍କୁ ବି ଏ ବାବଦରେ ଅବଗତ କରାଯାଇଛି। କେବଳ ପ୍ରତିଶ୍ରୁତି ବ୍ୟତୀତ ଆଉ କିଛି ମିଳିନଥିବା ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ଏମିତିକି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଏକାଧିକ ବାର ପ୍ରତିଶ୍ରୁତି ଯୋଗୁଁ ସଂଘ ଅନଶନ ଓ ଧାରଣାରୁ ନିବୃତ ହୋଇଥିବା ସେମାନେ ଜିଲାପାଳଙ୍କୁ ଜଣାଇଛନ୍ତି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନେବାକୁ ସଂଘର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ସଂଘ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବିଷ୍ଣୁ ପ୍ରସାଦ ମହାନ୍ତି, ବାଳକୃଷ୍ଣ ନନ୍ଦ, ନିର୍ମଳ ଚନ୍ଦ୍ର ଦାସ, ଦୀପକ ରଞ୍ଜନ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, କୈଳାସ ଚନ୍ଦ୍ର ସାମଲ, ରାଧାଶ୍ୟାମ ମହାନ୍ତି, ଜଳଧର ପଣ୍ଡା, ବ୍ରଜ କିଶୋର ମହାନ୍ତି, ରାଧାଶ୍ୟାମ ବେହେରା, ଲମ୍ବୋଦର ଜେନା, ଶରତ ଚନ୍ଦ୍ର ଦାସ, ଉକାକାନ୍ତ ବେହେରା, ଗୌରାଙ୍ଗ ପାଣିଗ୍ରାହୀ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପଥର ମାଫିଆଙ୍କ ଦ୍ୱାରା ରାଜସ୍ୱ ନୀରିକ୍ଷକଙ୍କୁ ଆକ୍ରମଣ : ନୀଳଗିରି ଥାନାରେ ଅଭିଯୋଗ

ନୀଳଗିରି, ୨୫/୭ : ନୀଳଗିରି ତହସିଲ ଅଧୀନ ବାଘମରା ଗାଁରେ ସଜନାଗଡ଼ ଆର.ଆଇ.ଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଲେ ପଥର ମାଫିଆ । ସୂଚନା ୨/୩ଦିନ ପୂର୍ବରୁ ସ୍ୱର୍ଣ୍ଣଚୂଡ଼ ସଂରକ୍ଷିତ ଜଙ୍ଗଲ ବାଘମରା ଗାଁ ନିକଟରେ ବେଆଇନ ପଥର ଖାଦାନରେ ବିସ୍ଫୋରଣ କରିଥିବା କଥା ନୀଳଗିରି ତହସିଲଦାର ଅଶେଷ କୁମାର ନାୟକଙ୍କୁ ଖବର ମିଳିବା ପରେ ସୋମବାର ୧୧ଘଟିକା ସମୟରେ ସଜନାଗଡ଼ ଆର.ଆଇ. ସନ୍ତୋଷ କୁମାର ବେହେରାଙ୍କୁ ତଦନ୍ତ ପାଇଁ ବାଘମରାକୁ ପଠାଇଥିଲେ । ବେଆଇନ ଖାଦାନର ଦୃଶ୍ୟ ମୋବାଇଲରେ ଉତୋଳନ କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ପୋଡ଼ାଶୁଳ ଅଂଚଳର ବିଶ୍ୱନାଥ ଦାସ, ବିଶ୍ୱଜିତ ଦାସ ଆର.ଆଇ. ସନ୍ତୋଷ କୁମାର ଦାସଙ୍କୁ ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରିବା ସହିତ ଲୁହା ରଡ଼ରେ ଗୋଡ଼ାଇ ଗୋଡ଼ାଇ ବାଡ଼େଇଛନ୍ତି । ଏହା ସହ ପ୍ରମାଣ ନଷ୍ଟ କରିବା ପାଇଁ ଆର.ଆଇ.ଙ୍କ ମୋବାଇଲକୁ ଭାଙ୍ଗିବା ସହ ତାଙ୍କ ମନି ପର୍ସ ଓ ୪ହଜାର ଟଙ୍କା ନେଇଯାଇଥିବା ନୀଳଗିରି ଥାନାରେ ଆର.ଆଇ. ସନ୍ତୋଷ ଲିଖିତ ଅଭିଯୋଗ କରିଛନ୍ତି ।

# ସରକାରୀ ସମ୍ପତ୍ତିକୁ ଏଲଆଣ୍ଡଟି ବ୍ୟାଜ୍ୟାପ୍ତି କରିବା ପ୍ରସଙ୍ଗକୁ ନେଇ ବିଧାନସଭାରେ ହଟ୍ଟଗୋଳ

ଭୁବନେଶ୍ୱର,୨୫/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ସରକାରୀ ସମ୍ପତ୍ତିକୁ ଏଲଆଣ୍ଡଟି କମ୍ପାନି ବ୍ୟାଜ୍ୟାପ୍ତି କରିବା ସହ ବକେୟା ଥିବା ୨୦ କୋଟି ଟଙ୍କା ୧୨୦ କୋଟିରେ ପହଞ୍ଚିବା ପ୍ରସଙ୍ଗକୁ ନେଇ ସୋମବାର ଦିନ ବିଧାନସଭାରେ ହଟ୍ଟଗୋଳ ହୋଇଛି । ଏ ସମ୍ପର୍କିତ ମୁଲତବୀ ପ୍ରସ୍ତାବ ନୋଟିସ ଉପରେ ଆଲୋଚନା ପାଇଁ ଅନୁମତି ନ ଦିଆଯିବାକୁ ନେଇ ପ୍ରଶ୍ନକାଳ ବାଧିତ ହୋଇଥିଲା । ପରେ ଶୂନ୍ୟକାଳରେ ମଧ୍ୟ ଏ ସମ୍ପର୍କରେ ଆଲୋଚନା ଦାବିକୁ ମନା କରି ଦେବା କାରଣରୁ ଗୃହରେ ହଟ୍ଟଗୋଳ ଦେଖା ଦେଇଥିଲା । ସୋମବାର ଦିନ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଅର୍ଥ ମନ୍ତ୍ରୀଙ୍କୁ ଡାକିଥିଲେ । ହେଲେ ବିରୋଧୀ ଦଳ ପକ୍ଷରୁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବ ନୋଟିସ ଉପରେ ଆଲୋଚନା ପ୍ରସ୍ତାବକୁ ଖାରଜ କରି ଦେଇଥିବାରୁ ବିଜେପି ଓ କଂଗ୍ରେସ ବିଧାୟକ ମାନେ ବିରୋଧ କରିଥିଲେ । ସେମାନେ ଏହାର ପ୍ରତିବାଦରେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । ବାଚସ୍ପତି ସେମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ ହେଁ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା । ଫଳରେ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଅନ୍ୟ ପକ୍ଷରେ ୧୧.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଧାୟକ ମାନେ ଏହି ପ୍ରସଙ୍ଗ ପୁଣି ଥରେ ଉଠାଇଥିଲେ । ଏନେଇ ବାଚସ୍ପତି ରୁଲିଂଦେଇ ବାଚସ୍ପତି କହିଛନ୍ତି, ସୁପ୍ରିମକୋର୍ଟରେ ଏ ପ୍ରସଙ୍ଗରେ ରିଭ୍ୟୁ ପିଟିସନ ଦାଖଲ ହୋଇଥିବାରୁ ରୁଲ ୬୦ ( ଙ୍ଗସସ ) ଅନୁସାରେ ଆଲୋଚନା ପରିସରଭୁକ୍ତ ହେବ ନାହିଁ। ସେଥିପାଇଁ ଏହି ବିଷୟକୁ ଆଲୋଚନା ପାଇଁ ଅଣା ଯାଉନାହିଁ। ହେଲେ ବିରୋଧୀ ବିଧାୟକ ମାନେ ବାଚସ୍ପତିଙ୍କ କଥାକୁ ଗ୍ରହଣ କରି ନ ଥିଲେ । ବିଜେପି ବିଧାୟକ କହିଥିଲେ ଯେ ଏହି ମାମଲା ସବଯୁଡିସ ନାହିଁ, ହାଇକୋର୍ଟରେ ଗ୍ରହଣ ହୋଇ ନାହିଁ। ତେଣୁ ଏହାକୁ ଗ୍ରହଣ କରି ଆଲୋଚନା କରନ୍ତୁ ବୋଲି ସେମାନେ ଦାବି କରିଥିଲେ । ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନିପତି କହିଛନ୍ତି ୨୦୦୪ରୁ ୨୦୨୨ ପର୍ଯ୍ୟନ୍ତ ସରକାର ଏହି ଘଟଣାକୁ ଗୁରୁତର ସହ ନେଲେନି। ସରକାରଙ୍କ ସମ୍ପତ୍ତି କେମିତି ଘରୋଇ କମ୍ପାନି ସିଜ କଲା।

# ବନ୍ତ ଜନଶୁଣାଣି ଶିବିରରେ ୫୪ଟି ଅଭିଯୋଗ



ଭଦ୍ରକ, ୨୫/୦୭ (ନି.ପ୍ର): ଜିଲ୍ଲା ପ୍ରଶାସନ ଦ୍ୱାରା ବନ୍ତ ବ୍ଲକ୍‌ରେ ଆଜି ଆୟୋଜିତ ଯୁଗ୍ମ ଜନ ଶୁଣାଣି ଶିବିରରେ ଯୋଗଦେଇ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ଚରଣ ସିଂ ମୀନା ସମୁଦାୟ ୫୪ଟି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅଧକ୍ଷ ବନ୍ତ ବ୍ଲକ୍ ମନୋରଞ୍ଜନ ଘଡ଼େଇ, ତହସିଲଦାର ସରୋଜ କୁମାର ନାୟକ, ବି.ଡ଼ି.ଓ. ଶୁଭ ଦର୍ଶନ ମିଶ୍ର ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ। ଶୁଣାଣି କରାଯାଇଥିବା ସମୁଦାୟ ୫୪ଟି ଅଭିଯୋଗ ମଧ୍ୟରୁ ୪୨ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିବାବେଳେ ୧୨ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା । ରେଡ଼କ୍ରସ୍ ସମ୍ବନ୍ଧୀୟ ଜଣେ ଆବେଦନ କାରୀଙ୍କୁ ଚିକିତ୍ସା ସହାୟତା ପାଇଁ ୫୦୦୦ ଟଙ୍କାର ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା। ୪ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ସହକାରୀ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନ ପରିଚାଳନାରେ ସହଯୋଗ କରିଥିଲେ।

# ସିପିଆଇର ସଦର କମିଟି ସମ୍ମିଳନୀ



ବାଲେଶ୍ୱର,୨୫/୦୭ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର (ସିପିଆଇ)ର ସଦର ଅଞ୍ଚଳ କମିଟି ସମ୍ମିଳନୀ ଚାନ୍ଦିପୁରରେ ସୁହାଗୀ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ଲାଲ୍ ପତାକାକୁ ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଉତ୍ତୋଳନ ପୂର୍ବକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଅଞ୍ଚଳ ସମ୍ପାଦକ ଯତୀନ୍ ପାତ୍ର କମ୍ୟୁନିଷ୍ଟ ପାର୍ଟିର ନୀତି ଆଦର୍ଶ ଓ ସଦର ଅଞ୍ଚଳ କମିଟି ପକ୍ଷରୁ ବିଗତ ଦିନରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ଆଇନଜୀବୀ ନିରଞ୍ଜନ ପରିଡ଼ା, ଉତ୍କଳ ମହିଳା ସମିତିର ସଭାନେତ୍ରୀ ବନ୍ଦନା ବିଶ୍ୱାସ ଓ ଏଆଇଟିୟୁସିର ଜିଲା ସଭାପତି ଶ୍ୟାମସୁନ୍ଦର ଜେନା ଅତିଥି ଭାବେ ଏଥିରେ ବକ୍ତାଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଶ୍ରମଜୀବୀ ଜନଗଣଙ୍କ ସମସ୍ୟା ସମାଧାନ ଦିଗରେ ବିଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଗରିବ ଓ ଅବହେଳିତ ଜନତା ଅଧିକ ସଂଘବଦ୍ଧ ହେବାକୁ ସେମାନେ ଆହ୍ୱାନ ଦେଇଥିଲେ। ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ଜଣେ ଓଡ଼ିଆ ଆଦିବାସୀ ମହିଳା ରାଷ୍ଟ୍ରପତି ଭାବେ ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଆସୀନ ହେବା ଆନନ୍ଦର ବିଷୟ ହୋଇଥିବା ବେଳେ ଗରିବ ଲୋକଙ୍କ ନିତିଦିନିଆ ଖାଦ୍ୟ ଚୁଡ଼ା, ମୁଢ଼ି ଓ ଖଇ ପ୍ରଭୃତି ଉପରେ ଜିଏସ୍‌ଟିରେ ଟିକସ ଲଗାଇବା ଦୁର୍ଭାଗ୍ୟର ବିଷୟ ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ସେହିପରି ଉଜ୍ଜ୍ୱଳା ଯୋଜନାରେ ମାଗଣାରେ ଜାଳେଣି ଗ୍ୟାସ୍ ପ୍ରଦାନ କରି ସରକାର ବାଃ ବାଃ ନେଉଥିବାବେଳେ ଗ୍ୟାସ୍ ସିଲିଣ୍ଡର ଦର ଅହେତୁକ ବୃଦ୍ଧି ପାଇ ୧୧ଶହ ଟଙ୍କା ଟପିଗଲାଣି। ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଆକାଶଛୁଆଁ ଦରବୃଦ୍ଧି ଜନଜୀବନକୁ ଅତିଷ୍ଟ କରିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦୀର୍ଘବର୍ଷ ଧରି ସରକାରୀ ଜମିରେ ବସବାସ କରୁଥିବା ପରିବାରଙ୍କୁ ବାସସ୍ଥାନର ପଟ୍ଟା ନ ମିଳିବାରୁ ଏହି ବର୍ଗର ପରିବାରମାନେ ସରକାରଙ୍କ ସମସ୍ତ ଯୋଜନାର ସୁଫଳ ପାଉନାହାନ୍ତି। ବାସସ୍ଥାନର ପ୍ରମାଣପତ୍ର ଅଭାବରୁ ଗରିବ ଛାତ୍ରଛାତ୍ରୀ ପାଠପଢ଼ିବାକୁ ଓ ନିଯୁକ୍ତି କ୍ଷେତ୍ରରେ ଅବହେଳାର ଶୀକାର ହେଉଛନ୍ତି ବୋଲି ବହୁ ପ୍ରତିନିଧି ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।

# ବସ୍ତା ଅଞ୍ଚଳର ଆର୍ଦଶ ଶିକ୍ଷକଙ୍କ ଶ୍ରାଦ୍ଧବାର୍ଷିକୀ



ବସ୍ତା, ୨୫/୦୭ (ନି.ପ୍ର): ବସ୍ତା ଅଞ୍ଚଳ ର ଆଦର୍ଶ ଛାତ୍ର ବସଳ ଶିକ୍ଷକ, ସମାଜସେବୀ,ସୁସଂଗଠକ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ର ପୂର୍ବତନ ପ୍ରଧାନାଚାର୍ଯ୍ୟ ସ୍ୱର୍ଗତଃ ନାରାୟଣ ଦାସ ଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ମହା ସମାରୋହ ରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ହେବାସହ ଏକ ସ୍ମରଣିକା 'ସ୍ମୃତିରେ ନାରାୟଣ ସାର' ପ୍ରକାଶିତ ହୋଇଯାଇଛି । ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦ ର ସଭାପତି ଜୟନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବକ୍ତାମାନେ ସ୍ୱର୍ଗତ ଦାସଙ୍କ ସରଳ ଆମାୟିକ ବ୍ୟବହାର, ସ୍ୱତନ୍ତ୍ର ଶିକ୍ଷାଦାନ ପଦ୍ଧତି, ଛାତ୍ର ଅବିଭାବକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସିନୀ ଜେନା, ଶ୍ୟାମାପ୍ରସାଦ ବେହେରା, ଜୟପ୍ରକାଶ ବେହେରା, ସୁଧାଂଶୁ ଜେନା,ଗଗନ ବିହାରୀ ଜେନା, ଲିପିକା ରାଉଳ, ଶଂକର କର, ଭଗବାନ ମହାପାତ୍ର, ସତ୍ୟନାରାୟଣ ଗୁପ୍ତା, ଗୌରାଙ୍ଗ ବେହେରା, କୁମୁଦ ଗିରି, ବିଜୟ ପରିଡା, ଜୟନ୍ତୀ ବେହେରା, ଶ୍ରୀପତି ପାତ୍ର, ବିଜୟ ପ୍ରମାଣିକ, ଶିବାନନ୍ଦ ଦାସ,ପରେଶ ବେହେରା, ରାମଚନ୍ଦ୍ର ଦେବ, ସୁଶାନ୍ତ ପ୍ରଧାନ, ପ୍ରଦୀପ ପରିଡା, ହିତାଂଶୁ ବେହେରା ପ୍ରମୁଖ ଉଦବୋଧନ ଦେଇଥିଲେ।ବିରାଜ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷଜମିରୁ ଜଳନିଷ୍କାସନ ଦାବିରେ ଆମରଣ ଅନଶନ

## ୨ବର୍ଷ ଧରି ବର୍ଷାଋତୁ ଆସିଲେ ହୁଏ ଚାଷୀ ଆନ୍ଦୋଳନ : ପ୍ରତିଶୃତି ସମସ୍ୟାକୁ କରିପାରିନାହିଁ ଦୂର



ଜଳେଶ୍ୱର, ୨୫/୭(ନି.ପ୍ର): ବର୍ଷାଋତୁ ଆସିଲେ ଚାଷ ଜମିରୁ ଜଳନିଷ୍କାସନ ହୋଇ ପାରୁ ନଥିବାରୁ ୪ଟି ପଂଚାୟତର ଚାଷୀମାନେ ସମ୍ମିଳିତ ଆନ୍ଦୋଳନ କରି ଆସୁଛନ୍ତି । କିନ୍ତୁ ପ୍ରଶାସନିକ ଉଦାସୀନତା ଯୋଗୁଁ ଓ ପ୍ରତିଶୃତି କାର୍ଯ୍ୟକାରୀ ହେଉନଥିବାରୁ ଆଜି ପୂର୍ବ ସୂଚନା ଅନୁଯାୟୀ ବିଜେପି ପକ୍ଷରୁ ପୂର୍ତ୍ତବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ ହୋଇଛି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଫାଣ୍ଡିଠାରେ ୫୭ ରାଜ୍ୟ ରାଜପଥର ଏକ ବଡପୋଲ ଥିଲେ ମଧ୍ୟ ଜଳ ନିଷ୍କାସନର ରାସ୍ତା ନ ଥିବାରୁ ଜଳ ନିଷ୍କାସନ ହୋଇପାରେ ନାହିଁ । ଫଳରେ ବିସ୍ତିର୍ଣ୍ଣ ଅଂଚଳ ଧାନତଳି ଓ ଚାଷ ନଷ୍ଟ ହୋଇ ଆସୁଛି । ସେ ଅଂଚଳର ଚାଷୀ ସମବେତ ଭାବରେ ଗତ ୫/୮/୨୦, ୧୪/୯/୨୦, ୫/୧୦/୨୦ରେ ଜଳେଶ୍ୱର ତହସିଲଦାରଙ୍କ ନିକଟରେ ଆବେଦନ କରି ସୁଫଳ ପାଇପାରିନଥିଲେ । ତେଣୁ ୧୪/୧୦/୨୦ରେ ତହସିଲ ସମ୍ମୁଖରେ, ୨୦/୧୦/୨୧ରେ ନାମ୍ପୋ ଫାଣ୍ଡି ସମ୍ମୁଖରେ, ୨୫/୧୦/୨୧ରେ ପୂର୍ତ୍ତବିଭାଗ ସହକାରୀ ଇଞ୍ଜିନୀୟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ହୋଇଥିଲା। ଗତ ୧୭/୫/୨୨ରେ ଜଳେଶ୍ୱର ବ୍ଲକରେ ଜିଲାପାଳଙ୍କ ଜନଶୁଣାଣିରେ ଏ ସମ୍ପର୍କରେ ଲିଖିତ ଆବେଦନ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ପାରିନାହିଁ । ପରେ ଚାଷୀମାନଙ୍କ ପକ୍ଷରୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗର ସଚିବ ଏଲୋରା ସାମଲଙ୍କୁ ଜଣାଇବାରୁ ସେ ବାଲେଶ୍ୱର ଜିଲାପାଳ ଓ ଜଳେଶ୍ୱର ତହସିଲଦାରଙ୍କୁ ଘଟଣାର ସମାଧନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦ୍ୟାବଧି କିଛି ହୋଇନଥିବା ଜଣାଯାଇଛି । ଏ ସଂପର୍କରେ ବିଜେପି ପକ୍ଷରୁ ଜଗଦୀଶ ପ୍ରଧାନ, ସୁନିତା ପ୍ରଧାନ, ସୁମତି ଦେ, ଜ୍ୟୋତିବ୍ରହ୍ମ ଦେ, ଦେବାଶିଷ ଦାସ, ସ୍ୱରୂପ ସିଂ, ଜ୍ୟୋତିନ୍ଦ୍ର ଜେନା ପ୍ରମୁଖଙ୍କ ଆବାହକତ୍ୱରେ ଏ ସଂପର୍କରେ ରାଜ୍ୟର ୫ଟି, ରାଜସ୍ୱ କମିସନର, ରାଜସ୍ୱ ପ୍ରସମନ ବିଭାଗ, ପୂର୍ତ୍ତବିଭାଗର ପ୍ରମୁଖ ସଚିବ, ଜିଲାପାଳ, ପୁଲିସ୍ ଅଧିକ୍ଷକ, ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ, ତହସିଲଦାର, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ, ଜଳେଶ୍ୱର ଏସ୍‌ଡିପିଓ ଓ ଆଇଆଇସିଙ୍କୁ ଲିଖିତଭାବେ ଅବଗତ କରାଯାଇଥିଲା । ତେଣୁ ଆଜି ଜଗଦିଶ ପ୍ରଧାନ, ବିଜୟ କୁମାର ପାତ୍ର, ଜଗଦିଶ ବାରିକ ଓ ସୁନିତା ପ୍ରଧାନ ଆମରଣ ଅନଶନରେ ବସିଛନ୍ତି। ସେମାନଙ୍କୁ ସୁମତି ଦେ, ଉମାଶଂକର ମହାପାତ୍ର, ସୁକାନ୍ତ ଦାସ, ଜ୍ୟୋତିବ୍ରହ୍ମ ଦେ, କାଳିଚରଣ ନାୟକ, ଜ୍ୟୋତିପ୍ରକାଶ ପାତ୍ର, ତରଣୀ ଦାସ, ଗଣେଶ ଦାସ, ଗୌତମ ଦାସ, ରାଜୁ ଦାସ, ତପନ ମହାପାତ୍ର, ବାପି ଦାସ, ପ୍ରଦୀପ ମହାନ୍ତି, ହରେନ୍ଦ୍ର ଧଳ, ହରେନ୍ଦ୍ର ପାତ୍ର, ସୁଭ୍ରଜିତ୍ ପାତ୍ର ପ୍ରମୁଖ ଧାରଣାରେ ବସିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିଥିବା ଜଣାଯାଇଛି। କିନ୍ତୁ ଦ୍ୱିପ୍ରହରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡା ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ଥିଲେ ମଧ୍ୟ ସେଥିରେ ସୁଫଳ ମିଳିନଥିଲା। ଏ ସଂପର୍କରେ ଇଂ ଶ୍ରୀ ପଣ୍ଡାଙ୍କୁ ପଚାରିବାରୁ ଆସନ୍ତା ୧୦ ତାରିଖସୁଦ୍ଧା ୨୫ଲକ୍ଷ ଟଙ୍କା ବ୍ୟୟରେ ସେଠାରେ ଏକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। କିନ୍ତୁ ଦୀର୍ଘ ୫ବର୍ଷଧରି ଚାଷୀମାନଙ୍କୁ ବିଭିନ୍ନ ପ୍ରତିଶୃତି ଦେଇ ଭଣ୍ଡେଇ ଚାଲିଥିବାରୁ ଆଜି କାର୍ଯ୍ୟ ଆରମ୍ଭ କରିବାକୁ ଜିଦ୍ ଧରି ବସିଛନ୍ତି।

# ଗୋଟିଏ ଦିନରେ ୭୩୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୫/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୩୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୦୭୨୪୯କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୯୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୯୦୬୬୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୪୪୦ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୩୨ ଜଣ ସଂଗରୋଧରୁ ଓ ୩୦୭ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୨, ବାଲେଶ୍ୱର ଜିଲ୍ଲାରେ ୮, ବରଗଡ ଜିଲ୍ଲାରେ ୨୦, ଭଦ୍ରକ ଜିଲ୍ଲାରେ ୩, ବଲାଙ୍ଗୀର ଜିଲ୍ଲାରେ ୧୭, ବୌଦ୍ଧ ଜିଲ୍ଲାରେ ୯, କଟକ ଜିଲ୍ଲାରେ ୩୪. ଦେବଗଡ, ଜିଲ୍ଲାରେ ୨, ଢେଙ୍କାନାଳ ଜିଲ୍ଲାରେ ୩ ଗଜପତି ଜିଲ୍ଲାରେ ୭ , ଗଂଜାମ ଜିଲ୍ଲାରେ ୨, ଜଗତସିଂହପୁର ଜିଲ୍ଲାରେ ୪, ଯାଜପୁର ଜିଲ୍ଲାରେ ୪, ଝାରସୁଗୁଡା ଜିଲ୍ଲାରେ ୧୮ . କଳାହାଣ୍ଡି ଜିଲ୍ଲାରେ ୧୦, କନ୍ଧମାଳ ଜିଲ୍ଲାରେ ୧୧, କେନ୍ଦ୍ରାପଡା ଜିଲ୍ଲାରେ ୫, କେନ୍ଦୁଝର ଜିଲ୍ଲାରେ ୧୨, ଖୋର୍ଧା ଜିଲ୍ଲାରେ ୧୩୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୧୨, ମୟୁରଭଂଜ ଜିଲ୍ଲାରେ ୮୪, ନବରଂଗପୁର ଜିଲ୍ଲାରେ ୪, ନୟାଗଡ ଜିଲ୍ଲାରେ ୨୨, ନୂଆପଡା ଜିଲ୍ଲାରେ ୮, ପୁରୀ ଜିଲ୍ଲାରେ ୧୧, ରାୟଗଡା ଜିଲ୍ଲାରେ ୧୫, ସମ୍ବଲପୁର ଜିଲ୍ଲାରେ ୧୧୩, ସୋନପୁର ଜିଲ୍ଲାରେ ୧୫, ସୁନ୍ଦରଗଡ ଜିଲ୍ଲାରେ ୧୧୪ ଓ ଷ୍ଟେଟ ପୁଲରେ ୩୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo